ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୧୫
୧୧ ଜାନୁଆରୀ, ୨୦୨୬ ରବିବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 215
11th January, 2026 Sunday
Bhubaneswar

ODISHA EXPRESS    SIGHTS TRUTH WRITES TRUTH    ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in   E-mail : odishaexpress@gmail.com   RNI Regd. No. ODIODI/2006/23033   Postal Regd. No. : BN/169/13-15   ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ସତ୍ୟଂ ତପୋ ଜ୍ଞାନମହିଂସତା ଚ ବିଦ୍ୱତ୍ ପ୍ରଣାମଂ ଚ ସୁଶୀଳତା ଚ
ଏତାନି ଯୋ ଧାରୟତେ ସ ବିଦ୍ୱାନ୍ ନ କେବଳଂଯଃ ପଠତେ ସ ବିଦ୍ୱାନ୍।**

ସତ୍ୟ, ସାଧନା, ଜ୍ଞାନ, ଅହିଂସା, ନମ୍ରତା ଓ ଉତ୍ତମ ବ୍ୟବହାର ପ୍ରଭୃତି ଗୁଣ ଦ୍ୱାରା ଯେ ଅଳଂକୃତ ସେ ପ୍ରକୃତରେ ବିଦ୍ୱାନ୍ । ଯେ ଏ ସବୁ ଗୁଣର ଅଧିକାରୀ ହୋଇନଥାଏ ସେ ଯେତେବଡ଼ ପଣ୍ଡିତ ହୋଇଥିଲେ ବି ବିଦ୍ୱାନ୍ ନୁହେଁ ।

# ଚାର୍ଟର ବିମାନ ଦୁର୍ଘଟଣା: ୬ ଆହତ

**ରାଉରକେଳା,୧୦ା୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଉରକେଳା ନିକଟସ୍ଥ ଜଳଦା ଏ ବ୍ଲକରେ ଶନିବାର ଏକ ଛୋଟ ଚାର୍ଟର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ୪ ଯାତ୍ରୀଙ୍କ ସମେତ ମୋଟ ୬ ଜଣ ଆହତ ହୋଇଛନ୍ତି। ୪ ଜଣ ଯାତ୍ରୀଙ୍କ ମଧ୍ୟରେ ୨ ଜଣ ହେଉଛନ୍ତି ମହିଳା। ଆହତ ହୋଇଥିବା ଏହି ଯାତ୍ରୀମାନେ ହେଉଛନ୍ତି, ସୁଶାନ୍ତ କୁମାର ବିଶ୍ୱାଳ, ଅନୀତା ସାହୁ, ସୁନୀଲ ଅଗ୍ରୱାଲ, ସବିତା ଅଗ୍ରୱାଲ। ସେହିପରି ଆହତ ହୋଇଥିବା ୨ ଜଣ ପାଇଲଟ୍ ହେଉଛନ୍ତି କ୍ୟାପ୍ଟେନ ନବୀନ କାଡଙ୍ଗା ଓ କ୍ୟାପ୍ଟେନ ତରୁଣ ଶ୍ରୀବାସ୍ତବ। ଆହତ ଦୁଇ ପାଇଲଟଙ୍କ ସହିତ ଜଣେ ଯାତ୍ରୀଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ଓ ଅନ୍ୟମାନଙ୍କୁ ଜେପି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି।



୯ଟି ଆସନ ବିଶିଷ୍ଟ ଏହି ବିମାନଟି ଭୁବନେଶ୍ୱରରୁ ରାଉରକେଲା ଯାଉଥିଲା। ରାଉରକେଲାରେ ପହଞ୍ଚିବାକୁ ଆଉ ମାତ୍ର ୧୫ ମିନିଟ୍ ବାକି ଥିବା ବେଳେ ଜଳଦା ଏ ବ୍ଲକ ନିକଟରେ ଏକ ପଡିଆରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନଙ୍କ କହିବା ଅନୁଯାୟୀ, ଏହା ଏକ ଫୋର୍ସ ଲ୍ୟାଣ୍ଡିଂ ଥିଲା। ଇଞ୍ଜିନ୍‌ରେ ତ୍ରୁଟି ଥାଇପାରେ, ଯେଉଁଥିପାଇଁ ଫୋର୍ସ ଲ୍ୟାଣ୍ଡିଂ କରିଥିଲେ ପାଇଲଟ୍।

ପ୍ରଥମେ ସ୍ଥାନୀୟ ଲୋକେ ପହଞ୍ଚି ଆହତଙ୍କୁ ଦୁର୍ଘଟଣାଗ୍ରସ୍ତ ବିମାନ ଭିତରୁ ବାହାର କରିଥିଲେ। ବିସ୍ଫୋରଣ ଓ ନିଆଁ ଲାଗିଯିବା ଆଶଙ୍କାକୁ ଖାତିର ନ କରି ସେମାନେ ଆହତଙ୍କୁ ବିମାନରୁ ବାହାର କରିଥିଲେ। ବିମାନଟି କାହିଁକି ଦୁର୍ଘଟଣାଗ୍ରସ୍ତ ହେଲା, ତାହା ଜଣାପଡିନଥିବା ବେଳେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ସ୍କୁଲ ନଆସିଲେ ଘରକୁ ଯିବେ ଶିକ୍ଷକ

**ଭୁବନେଶ୍ୱର,୧୦ା୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କୌଣସି ଛାତ୍ରଛାତ୍ରୀ ବିଦ୍ୟାଳୟରେ ୭ ଦିନ କିମ୍ବା ଅଧିକ ସମୟ ପାଇଁ ଅନୁପସ୍ଥିତ ରହିଲେ, ଶିକ୍ଷକମାନେ ସେମାନଙ୍କ ଘରକୁ

### ଡ୍ରପ୍ ଆଉଟ୍ ଚିନ୍ତା

ଯିବେ। ଏନେଇ ଡିଇଓ ଏବଂ ବିଇଓମାନଙ୍କୁ ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। କାହିଁକି ପିଲା ଅନୁପସ୍ଥିତ ଅଛନ୍ତି ବୁଝିବେ ସ୍କୁଲ୍ କର୍ତ୍ତୃପକ୍ଷ।

ଶିଶୁ ଅଧିକାରକୁ ସୁରକ୍ଷା ଦେବା ଏବଂ ସ୍କୁଲରେ ଦୀର୍ଘ ସମୟ ଧରି ଅନୁପସ୍ଥିତିକୁ ରୋକିବା ପାଇଁ ଏକ ପଦକ୍ଷେପ ସ୍ୱରୂପ, ଓଡ଼ିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଏକ ନିର୍ଦ୍ଦେଶନାମା ଜାରି କରିଛି। ଏଥିରେ ସାତ ଦିନ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ



ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଗୃହ ପରିଦର୍ଶନ କରିବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଚିଠି ଅନୁଯାୟୀ, ଗତ ଡିସେମ୍ବର ୨୬ ତାରିଖରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସପିସିପିଆର୍) ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ଏଥିରେ ଡ୍ରପ୍ ଆଉଟ୍ ହାର ରୋକିବା, ଶିଶୁ ଶ୍ରମିକ ରୋକିବା ଓ ବାଲ୍ୟ ବିବାହ ରୋକିବାକୁ ଗୁରୁତ୍ୱ ଦିଆଯାଇଛି। ଯେଉଁଥିପାଇଁ ଯଦି କୌଣସି ପିଲା ଏକ ସପ୍ତାହ ଧରି ସ୍କୁଲ ନଆସେ ତେବେ ତା'ଘରକୁ ସ୍କୁଲ ଶିକ୍ଷକ ଯିବେ। ଆବଶ୍ୟକ *(ଶେଷ ପୃଷ୍ଠା ଦେଖନ୍ତୁ)*

# ବସ୍ ପଛକୁ କଟାଯିବ

**ଭୁବନେଶ୍ୱର,୧୦ା୧: ଏକ୍ସପ୍ରେସ୍ ନ୍ୟୁଜ୍**

ବଡ ବସ ହେବ ଛୋଟ। ସବୁ ଗାଡିର ପଛ କାଟିବାକୁ ପରିବହନ ବିଭାଗ ଦେଇଛି ନିର୍ଦ୍ଦେଶନାମା। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛି



ବସ ସଂଘ। ଏନେଇ ପରିବହନ ମନ୍ତ୍ରୀଙ୍କ ସରକାରୀ ବାସ ଭବନରେ ଏକାଠି ହୋଇଥିଲେ ବସ ସଂଘ। ବସର ସଂଘର ଦାବି ହେଉଛି, ଯଦି ସବୁ ବସର ବଡି କଟାଯିବ, ଛାତ କଟାଯିବ ତେବେ ଏଥିପାଇଁ ବସ ମାଲିକଙ୍କୁ ଲକ୍ଷ ଲକ୍ଷ ଟଙ୍କା ଦେବାକୁ ପଡିବ। ନୂଆ ବଡି କୋଡ ନିୟମ ଅନୁସାରେ ଏସବୁ କରିବା ପରେ ଯାଇ ବସ ସଂଘକୁ ଏଥିଲାଗି ସାର୍ଟିଫିକେଟ ମିଳିବ। ତେବେ ଏ ସାର୍ଟିଫିକେଟ ଦେବାକୁ ଓଡିଶାରେ କୌଣସି ବ୍ୟବସ୍ଥା ନାହିଁ। ବସ ସଂଘର ଦାବି ହେଉଛି ଯଦି ଏ ବ୍ୟବସ୍ଥା କରାଯିବ ବସ ମାଲିକମାନେ ଅଧିକ ଖର୍ଚ୍ଚାନ୍ତ ହେବେ। ତେଣୁ ପରିବହନ ବିଭାଗ ଯଦି ଏ ନିୟମକୁ କୋହଳ ନକରନ୍ତି ଏହା ବିରୋଧରେ ହାଇକୋର୍ଟକୁ ଯିବ ସଂଘ।

ପରିବହନ ବିଭାଗର ନିର୍ଦ୍ଦେଶନାମା ଅନୁସାରେ ସବୁ ବସର ପଛ କଟାଯାଇ ଛୋଟ କରାଯିବ। ବସରେ ଥିବା ପାର୍ଟିସନ ଡୋରକୁ ଖୋଲିଦିଆଯିବ। ବସ ମଝିରେ ଭେଣ୍ଟିଲେଟର ବ୍ୟବସ୍ଥା କରାଯିବ, ପାଣି ଟାଙ୍କି ବ୍ୟବସ୍ଥା କରାଯିବ। ଯାହାକୁ ନେଇ ପ୍ରଶ୍ନ ସଂଘ ପ୍ରଶ୍ନ ଉଠାଇଛି। ୨୦୨୧ ପରେ ଯେଉଁ ଗାଡି କିଣାଯାଇଛି ସେ ଗାଡିରେ ଏ ବ୍ୟବସ୍ଥା କରିବାର ନିୟମ ଅଛି। ତେଣୁ ସବୁ ଗାଡି ପାଇଁ ଏହି ନିୟମ କରାଯାଉଥିବାରୁ ସଂଘ ଏହାକୁ ବିରୋଧ କରିଛି। ପରିବହନ ମନ୍ତ୍ରୀ କହିଛନ୍ତି ସ୍ଲିପର କୋଚ ବସ ପାଇଁ ଯେଉଁ ନିୟମ ଥିଲା ସେହି ନିୟମକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ବସରେ ପାଣି ଟ୍ୟାଙ୍କ ଏବଂ ସ୍ପିଙ୍କଲର ଲଗାଇବା ବାଧ୍ୟତାମୂଳକ। ଗତ କିଛିଦିନ ମଧ୍ୟରେ ରାଜ୍ୟରେ ବାରମ୍ବାର ସ୍ଲିପର କୋଚ ବସରେ ଅଗ୍ନିକଣ୍ଡ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୨୧୭ ପ୍ରତିବାଦକାରୀଙ୍କୁ ଗୁଳି କରି ହତ୍ୟା !

**ତେହେରାନ,୧୦ା୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଇରାନରେ ଇସଲାମିକ ଶାସନ ବିରୋଧରେ ଚାଲିଥିବା ପ୍ରତିବାଦ ଏକ

### ଅସମ୍ଭାଳ ଇରାନ ସ୍ଥିତି

ହିଂସାତ୍ମକ ପ୍ରତିବାଦରେ ପରିଣତ ହୋଇଛି । ଇରାନ ସରକାରଙ୍କ ନିର୍ଦ୍ଦେଶରେ ସୁରକ୍ଷା ବାହିନୀ ଅନେକ ସ୍ଥାନରେ ଗୁଳି ଚଳାଇଥିବା ରିପୋର୍ଟ ସାମ୍ନାକୁ ଆସିଛି । ତେହେରାନର ଜଣେ ଡାକ୍ତର କହିଛନ୍ତି, ରାଜଧାନୀ ତେହେରାନର ୬ଟି ହସ୍ପିଟାଲରେ ୨୧୭ ଜଣ ପ୍ରତିବାଦକାରୀଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ କରାଯାଇଛି।



ମୃତକଙ୍କ ମଧ୍ୟରୁ ଅଧିକାଂଶ ଗୁଳି ମାଡରେ ପ୍ରାଣ ହରାଇଛନ୍ତି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ଏହି ପ୍ରତିବାଦ ପାଇଁ ଆମେରିକାକୁ ଦାୟୀ କରିଛନ୍ତି।

ଯଦି ଏହି ମୃତ୍ୟୁ ସଂଖ୍ୟା ଠିକ୍ ହୋଇଥାଏ, ତେବେ ଏହା ଇରାନରେ ସରକାର ବିରୋଧୀ ପ୍ରତିବାଦର ଏକ ନିର୍ମମ ଦମନକୁ ସୂଚିତ କରୁଛି। ବିରୋଧ ଆରମ୍ଭ ହେବା ପରଠାରୁ ସରକାର ଦେଶରେ ଇଣ୍ଟରନେଟ୍ ଏବଂ ଫୋନ୍ ସଂଯୋଗକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ଡିସେମ୍ବର ୨୮ ତାରିଖରେ ଆର୍ଥିକ ସଙ୍କଟର ପ୍ରତିବାଦ କରି ଏହା ଆରମ୍ଭ ହୋଇଥିଲା। ଏବେ ଏହା ଦେଶର ସମସ୍ତ ୩୧ଟି ପ୍ରଦେଶକୁ ବ୍ୟାପିଛି। ଲୋକେ ରାସ୍ତାକୁ ଓହ୍ଲାଇ ଇସଲାମିକ ଶାସନକୁ କ୍ଷମତାରୁ ହଟାଇବାକୁ ଦାବି କରୁଛନ୍ତି। ପ୍ରତିବାଦକାରୀମାନେ 'ସ୍ୱାଧୀନତା' ଏବଂ 'ଏକଛତ୍ରବାଦୀ ମୁର୍ଦ୍ଦାବାଦ' ସ୍ଲୋଗାନ ଦେଉଛନ୍ତି।

ଇରାନୀ ଡାକ୍ତର ଦାବି କରିଛନ୍ତି, ବିରୋଧ ଭୟଙ୍କର ହେବା ସହିତ ସୁରକ୍ଷା ବାହିନୀ ଅନେକ ଅଞ୍ଚଳରେ ପ୍ରତିବାଦକାରୀଙ୍କ *(ଶେଷ ପୃଷ୍ଠା ଦେଖନ୍ତୁ)*

# ସରିଲା କୁମ୍ଭୀର ଗଣନା: ଖୋଲିଲା ଭିତରକନିକା



**ରାଜନଗର,୧୦ା୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବନଖଣ୍ଡ ତଥା ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତ ମାସ ୮ ତାରିଖରୁ ଆରମ୍ଭ ହୋଇଥିବା କୁମ୍ଭୀର ଗଣନା ତିନିଦିନ ଧରି ଚାଲିବା ପରେ ୧୦ତାରିଖ ଶନିବାର ରାତିରେ ଶେଷ ହୋଇଛି। ଭିତରକନିକା ଜାତୀୟ ଉଦ୍ୟାନ ସମେତ ରାଜନଗର ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ନଦୀ ନାଳରେ ଏବଂ ଏହାକୁ ଲାଗିଥିବା ନଦୀ ନାଳରେ କୁମ୍ଭୀର ଗଣନା କରାଯାଇଛି। ବନଖଣ୍ଡ ଅଧିନସ୍ତ ୫ଟି ରେଞ୍ଜ ଯଥା କନିକା ରେଞ୍ଜରେ ସର୍ବାଧିକ ୧୧ଟି ଦଳ ଗଣନା କରୁଥିବା ବେଳେ ରାଜନଗର ରେଞ୍ଜରେ ୭ଟି ଦଳ, ଗହୀରମଥା ଓ ମହାକାଳପଡ଼ା ରେଞ୍ଜରେ ୨ଟି ଲେଖାଏଁ ଦଳ ଗଣନା କରିଛନ୍ତି। ପ୍ରଥମଥର ପାଇଁ କୁଜଙ୍ଗ ରେଞ୍ଜରେ ଗୋଟିଏ ଦଳ ଗଣନା କରିଛନ୍ତି। ମୋଟ *(ଶେଷ ପୃଷ୍ଠା ଦେଖନ୍ତୁ)*

# ମାର୍ଚ୍ଚ ଶେଷ ସୁଦ୍ଧା ମୋକିମଙ୍କ ଦଳ

**କଟକ,୧୦ା୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆ ଦଳ ଗଠନ କରିବେ ମହମ୍ମଦ ମୋକିମ । ମାର୍ଚ୍ଚ ଶେଷ ସୁଦ୍ଧା ନୂଆ ଦଳ ଘୋଷଣା କରାଯିବ ବୋଲି ଆଜି ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ ମୋକିମ ସୂଚନା ଦେଇଛନ୍ତି । ସେ କହିଛନ୍ତି, ନୂଆ ଦଳ ଗଠନ ନେଇ ସମୀକରଣ ଚାଲିଛି । ପୁରା ରାଜ୍ୟରୁ ମତାମତ ନିଆ ଯାଉଛି । ଆସନ୍ତା ୧୨ ତାରିଖରେ ଯୁବସମାବେଶରେ ଏକାଠି ହେବେ ରାଜ୍ୟର ଅନେକ ଯୁବପିଢ଼ି । ଉପକୂଳ ଓଡ଼ିଶାର ଅନେକ ଯୁବନେତା ଏକାଠି ହେବେ । ସେଥିରେ ଓଡ଼ିଶାର ଭବିଷ୍ୟତ ନେଇ ଆଲୋଚନା ହେବ । ପରେ ମହିଳା ଓ ଚାଷୀ ସମାବେଶ ହେବ ବୋଲି ମହମ୍ମଦ ମୋକିମ କହିଛନ୍ତି। ନୂଆ ଦଳର ନାମ "ଲୋକ କଂଗ୍ରେସ" ରଖାଯିବ ବୋଲି ଚର୍ଚ୍ଚା ହେଉଛି । ତେବେ ମହମ୍ମଦ ମୋକିମ ଜଣେ ରାଜ୍ୟସ୍ତରୀୟ ନେତା ହୋଇନଥିବା କାରଣରୁ, ନୂଆ ରାଜନୀତିକ ଦଳ କେତେ ସଫଳ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟଏ ପୂର୍ବରୁ ଏହି ବରିଷ୍ଠ କଂଗ୍ରେସ ନେତାଙ୍କୁ ଦଳରୁ ବହିଷ୍କୃତ କରାଯାଇଛି । ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ସେ ଗ୍ରହଣ କରିଛନ୍ତି ବୋଲି କହିଥିଲେ । ତେବେ ଏହା ପରେ ସେ ଏକ ନୂଆ ଆଂଚଳିକ ଦଳ ଗଠନ କରିପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହୋଇଥିଲା । ନିଜ ଶୁଭେଚ୍ଛୁ ପରାମର୍ଶ ଅନୁସାରେ ଆଗାମୀ ପଦକ୍ଷେପ ଗ୍ରହଣ କରିବେ ବୋଲି ମହମ୍ମଦ ମୋକିମ କହିଥିଲେ । ଦଳର ଶୀର୍ଷ ନେତୃତ୍ୱଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ମୋକିମ କଂଗ୍ରେସ ଦଳରୁ ବହିଷ୍କୃତ ହୋଇଥିଲେ।

# କେତେ ମନ୍ତ୍ରୀ ଧାନମଣ୍ଡି ଜଗୁଛନ୍ତି ?

**ଭୁବନେଶ୍ୱର,୧୦ା୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି ଧାନ ସଂଗ୍ରହ ବ୍ୟବସ୍ଥା, ଖୋଦ ସରକାରଙ୍କ ଦ୍ୱାରା ଚାଷୀ ପ୍ରତାରିତ, ଅସହାୟ ଓ ହତାଶ। ଅସହ୍ୟ ଥଣ୍ଡା କାକର, ଶୀତରେ ଚାଷୀମାନେ ମଣ୍ଡିରେ ନିଜ ଅମଳ ଧାନକୁ ଜଗି ବସିଛନ୍ତି। ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ସରକାର ଚାଷୀଙ୍କ ଧାନ କେବେ ଉଠାଇବେ ? ଚାଷୀଙ୍କୁ ଅନେକ ପ୍ରତିଶ୍ରୁତି ଦେଇ ବିଜେପିର ଡବଲ୍ ଇଞ୍ଜିନ୍ ସରକାର କ୍ଷମତାକୁ ଆସିଥିଲା। ହେଲେ ସରକାର ଗଢ଼ିବା ପରେ ପ୍ରତିଶ୍ରୁତି ସବୁ କୁଆଡ଼େ ଗଲା ? ଧାନ ସଂଗ୍ରହ ଓ ମଣ୍ଡିରେ ଅବସ୍ଥା ପ୍ରସଙ୍ଗକୁ ନେଇ ଏମିତି ଶାଣିତ ଶବ୍ଦରେ ମୋହନ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାରକୁ ଟାର୍ଗେଟ୍ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ଏକ୍ସରେ ପୋଷ୍ଟ କରି ନବୀନ କହିଛନ୍ତି, ଧାନ କିଣାରେ ବୋନସ ଘୋଷଣା କରି ଚାଷୀଙ୍କୁ ଦିବାସ୍ୱପ୍ନ ଦେଖାଇଥିବା ସରକାରରେ ଆରମ୍ଭରୁ ଟୋକାନଠୁ ନେଇ ମଣ୍ଡି ଅବ୍ୟବସ୍ଥା ସହ ଧାନ ସଂଗ୍ରହ ପର୍ଯ୍ୟନ୍ତ ସବୁଠି ଚାଷୀ ହତାଶ ହୋଇଛନ୍ତି। ଚାଷୀଙ୍କୁ ସମ୍ମାନର ନାରା ଦେଉଥିବା ବିଜେପି ସରକାରର ସମସ୍ତ ଘୋଷଣା ମିଛ ପ୍ରତିଶ୍ରୁତିରେ ପରିଣତ ହୋଇଛି। ସମ୍ମାନ ବଦଳରେ ଏ ସରକାରରେ ଚାଷୀ ସବୁଠୁ ଅସମ୍ମାନିତ ଓ ପ୍ରତାରିତ।

ଯେତେବେଳେ ନିଜ ଅମଳ ଧାନ ବିକ୍ରି କରି ନପାରି ଚାଷୀ ଆନ୍ଦୋଳନ କରୁଛି ସେତେବେଳେ ଏ ସରକାର ତାଙ୍କୁ 'ନୌଟଙ୍କି' ବୋଲି କହି ତାଚ୍ଛଲ୍ୟ କରୁଛି। ଏହା କ'ଣ ଡବଲ୍ ଇଞ୍ଜିନ୍ ସରକାରର



ଚାଷୀଙ୍କୁ ସମ୍ମାନ ? ଧାନ ସଂଗ୍ରହ ଆରମ୍ଭରୁ ସବୁ ବ୍ୟବସ୍ଥା ହୋଇଯାଇଛି, ଟୋକନ୍ ସମସ୍ତଙ୍କୁ ମିଳିବ, ମନ୍ତ୍ରୀମାନେ ମଣ୍ଡି ଜଗିବେ ବୋଲି ସରକାର ଚାଷୀଙ୍କୁ କହିଲେ। ହେଲେ କ'ଣ ହେଲା ? ବର୍ତ୍ତମାନ କେତେ ମନ୍ତ୍ରୀ ମଣ୍ଡି ଜଗୁଛନ୍ତି ବୋଲି ନବୀନ ପ୍ରଶ୍ନ କରିଛନ୍ତି।

ମଣ୍ଡିରେ ମନ୍ତ୍ରୀମାନଙ୍କ ପାଦ ପଡ଼ିବା ତ ଦୂରର କଥା, *(ଶେଷ ପୃଷ୍ଠା ଦେଖନ୍ତୁ)*

# ଦୟାରେ ଗଙ୍ଗୁଆ ପାଣି: କଣାସରେ ଜଣ୍ଡିସର ଆତଙ୍କ

**କଣାସ,୧୦ା୧: ଏକ୍ସପ୍ରେସ୍ ନ୍ୟୁଜ୍**

ଦୟାନଦୀରେ ମିଶୁଛି ଗଙ୍ଗୁଆ ନାଳର ପାଣି। ଏହି ପାଣିକୁ ବ୍ୟବହାର କରି ପୁରୀ ଜିଲ୍ଲା କଣାସ ବ୍ଲକର ନୂଆ-ଦୋକନ୍ଦା ଗାଁରେ କାୟା ମେଲାଇଛି ଜଣ୍ଡିସ ସଂକ୍ରମଣ। ନେଲାଣି ଜଣଙ୍କର ଜୀବନ। ମେଗାପାଇପ ଜଳ ପ୍ରକଳ୍ପ ଅଧପନ୍ତରିଆ। ଏବେ ବି ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ଗାଁ ଲୋକେ। ଖବର ପ୍ରସାରଣ ପରେ ଗାଁରେ ପହଞ୍ଚିଛି ସ୍ୱାସ୍ଥ୍ୟ ଟିମ। ପାଣି ନମୁନା ସଂଗ୍ରହ ସହିତ ଦୁଇଜଣଙ୍କ ରକ୍ତ ନମୁନା ସଂଗ୍ରହ କରିଛି ବିଭାଗ। ଜଣ୍ଡିସ ସଂକ୍ରମଣ ନେଇ ସରକାରଙ୍କ ବେପରୁଆପଣକୁ ଦାୟୀ କରିଛନ୍ତି ଗାଁ ଲୋକେ।

ଗାଁରେ ୧୨୦୦ ଲୋକଙ୍କ ପାଇଁ ରହିଛି ଗୋଟିଏ ଟ୍ୟୁବ ୱେଲ। ଅଥଚ ଟ୍ୟୁବ ୱେଲ ପାଣିରେ ଲୌହଅଂଶ ରହୁଥିବାର ପିଇବା ଯୋଗ୍ୟ ନୁହଁ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ବି ଗାଁ ଲୋକଙ୍କୁ ସଚେତନ କରିସାରିଛି। ହେଲେ ସ୍ୱଚ୍ଛ ପାନୀୟ ଜଳର ଅଭାବ ଯୋଗୁ ଗାଁ ଲୋକେ ଏହି ଟ୍ୟୁବ ୱେଲ ଓ ଦୟା ନଦୀର ଦୂଷିତ ପାଣି ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ମେଗା ପାଇପ ଜଳ ପ୍ରକଳ୍ପ ଘୋଷଣା ହୋଇଛି। ପାଇପ ପଡ଼ିଛି। ହେଲେ ଅଧାରୁ ପାଇପ ଫାଟି ଆଁ କରିଛି। ପାଣି ଆସୁନି। ଯାହାକୁ ନେଇ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି ଗାଁ ଲୋକେ। ସେପଟେ ଗାଁରୁ ଦୁଇଜଣଙ୍କ ରକ୍ତ ନମୁନା ସଂଗ୍ରହ କରିଛି ସ୍ୱାସ୍ଥ୍ୟ ଟିମ।

ସୂଚନାଯୋଗ୍ୟ, ୨୦୨୫ ଜାନୁଆରି ବ୍ୟାପିଥିଲା ହଇଜା ସଂକ୍ରମଣ। ଆକ୍ରାନ୍ତ ହୋଇଥିଲେ କଣାସ ଅଞ୍ଚଳର ୩୦୦ ଲୋକ। ହଇଜାରେ ଜାଗୁଳାଇପଦର, ନଇକୂଳପାଟଣା, ନୂଆଗାଁ, ମରଦାପଲ୍ଲୀ



ଗାଁର ୭ଜଣ ଲୋକଙ୍କ ପ୍ରାଣହାନୀ ଘଟିଥିଲା। ଏ ନେଇ ସରକାରଙ୍କ ଅବହେଳା ଜିଲ୍ଲା ପ୍ରଶାସନକୁ ଦାୟୀ କରି ନିକଟରେ ରାୟ ଶୁଣାଇଛନ୍ତି ଓଡ଼ିଶା ମାନବାଧିକାରୀ କମିଶନ। ହଇଜା ସଂକ୍ରମଣ ରୋକିବାକୁ କଣାସ ବ୍ଲକରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ମେଗା ପାଇପ ୱାଟର ପ୍ରକଳ୍ପ ପ୍ରତିଷ୍ଠା ନେଇ ସରକାର ଘୋଷଣା କରିଥିଲେ। ହେଲେ ସରକାରଙ୍କ ଘୋଷଣା ବାସ୍ତବ ରୂପ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୫ବର୍ଷ ତଳେ ଅତି ଉତ୍ତମ ଥିଲା ରାଜଧାନୀ ବାୟୁ ମାନ

**ଭୁବନେଶ୍ୱର,୧୦ା୧: ତଥ୍ୟ**

ରାଜ୍ୟ ରାଜଧାନୀରେ ବାୟୁର ମାନ ସ୍ୱାସ୍ଥ୍ୟ ଅନୁକୂଳ ନଥିବାବେଳେ ବର୍ଷକୁ ଏହା ହାରାହାରି ୨୭ ପ୍ରତିଶତ ହାରରେ ବିଗୁଡୁଛି । ପାଞ୍ଚବର୍ଷ ତଳେ ଜାନୁଆରୀ ମାସରେ ଭୁବନେଶ୍ୱରରେ ବାୟୁ ଗୁଣ ମାନ (ଏକ୍ୟୁଆଇ) ମାତ୍ର ୬ ରହିଥିବାବେଳେ ଚଳିତମାସରେ ତାହା ଦିନେ ଦିନେ ୩ଶହକୁ ଅତିକ୍ରମ କରୁଛି । ଆଜି ମଧ୍ୟ ଏହା ୧୮୦ ଉପରେ ରହିଛି, ଯାହାକି ଅସ୍ୱାସ୍ଥ୍ୟକର ବୋଲି ଦର୍ଶାଯାଉଛି ।

ଏହି ସୂଚନାରୁ ଜଣାଯାଇଛି ଯେ ୨୦୨୧ ମସିହା ଜାନୁଆରୀ ମାସରେ ବାୟୁର ଏକ୍ୟୁଆଇ ହାରାହାରି ୬ ରହିଥିବାବେଳେ ୨୦୨୨ ଜାନୁଆରୀ ରେ ଏହା ୯୮, ୨୦୨୩ ଜାନୁଆରୀରେ ୧୪୧, ୨୦୨୪ ଜାନୁଆରୀରେ ୧୬୩ ଏବଂ ଗତବର୍ଷ ଅର୍ଥାତ୍ ୨୦୨୫ ଜାନୁଆରୀ ରେ ଏହା ୧୬୦ ଥିବାବେଳେ ଚଳିତବର୍ଷ ଜାନୁଆରୀ ମାସରେ ଏହା ନୂଆ ନୂଆ ରେକର୍ଡ ସୃଷ୍ଟି କରିଛି । ଏବର୍ଷ ଜାନୁଆରୀରେ ରାଜଧାନୀର ଏକ୍ୟୁଆଇ ୪ଶହ ପାଖପାଖି ହେବାପରେ ରାଜ୍ୟ ସରକାର ଏବେ ନିର୍ମାଣ ଓ ଅନ୍ୟାନ୍ୟ କଟକଣା ଜାରି କରିଛନ୍ତି ।

ତେବେ ରାଜଧାନୀରେ ବାୟୁର ମାନ ଏଭଳି ଖରାପ ହୋଇ ଚାଲିଥିବାବେଳେ ଏହାର ମୁକାବିଲା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି । ବହୁ ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ନିର୍ମାଣ ଉପରେ କିଛିଟା କଟକଣା ଲଗାଇଛନ୍ତି । ହେଲେ ଏହାକୁ ଅଧିକାଂଶ ସ୍ଥାନରେ ଉଲ୍ଲଙ୍ଘନ କରାଯାଉଛି । ସେହିଭଳି ଧୂଳି ଉଠିବାକୁ



ରୋକିବାପାଇଁ ନିର୍ମାଣ ଉପରେ କଟକଣା ଜାରି ହୋଇଥିବାବେଳେ ବିଏମସିର ସହର ସଫେଇ ବ୍ୟବସ୍ଥା କିନ୍ତୁ ବାୟୁମଣ୍ଡଳକୁ ଦୂଷିତ କରିବାରେ ଲାଗିଛି । ରାତି ପାହିଲେ ରାସ୍ତାଘାଟରେ ଝାଡୁ ମରାଯିବା ଦ୍ୱାରା ବାଲି ଉଡିବାରେ ଲାଗିଛି ।

ଅନ୍ୟ ପକ୍ଷରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଯାନବାହାନର ପ୍ରଦୂଷଣ ସାର୍ଟିଫିକେଟ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାବେଳେ ପ୍ରଦୂଷଣ ପରୀକ୍ଷାରେ ପ୍ରାୟତଃ ସମସ୍ତ ଯାନବାହାନ ଉତ୍ତୀର୍ଣ୍ଣ ହେବା ଏବେ କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । କାରଣ ଲୋକେ ପ୍ରଦୂଷଣ ସାର୍ଟିଫିକେଟ ହାସଲ କରିବାରେ ଏବେ ବାୟୁରମାନ କାହିଁ କି ବିଗୁଡୁଛି ସେଥିନେଇ କର୍ତ୍ତୃପକ୍ଷଙ୍କ ପ୍ରଶ୍ନ କରିବାରେ ଲାଗିଲେଣି ।

ତେବେ ପରିବେଶବିତମାନଙ୍କ କହିବାକଥା ଯେ ବିଗତ ପାଞ୍ଚବର୍ଷ ମଧ୍ୟରେ ରାଜଧାନୀରେ ଆଖିବୁଜା ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଯେଉଁ ହାରରେ ସବୁଜ ବଳୟ ସୃଷ୍ଟି ହେବାକଥା ତାହା ହୋଇନାହିଁ । ମାଳ ମାଳ ଆପାର୍ଟମେଣ୍ଟ ଗଛ ଲଗାଇବାପାଇଁ ସର୍ତ୍ତ ରହିଥିଲେ ମଧ୍ୟ ତାହାକୁ କେହି ମାନୁ ନାହାନ୍ତି । ଅନ୍ୟ ପକ୍ଷରେ ରାସ୍ତା ସମ୍ପ୍ରସାରଣ ଠାରୁ ଆରମ୍ଭ କରି ବିଧାୟକଭବନ ନିର୍ମାଣ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟପାଇଁ ଶହ ଶହ ପୁରୁଣା ଗଛ ବଳିପଡି ଯାଉଛି । ଏହାର ପ୍ରଭାବ ଏବେ ରାଜଧାନୀର ବାୟୁ ପ୍ରଦୂଷଣ ଉପରେ ପ୍ରଭାବ ପଡୁଛି ।

ଯେଉଁ ହାରରେ ରାଜ୍ୟ ରାଜଧାନୀରେ ବାୟୁ ପ୍ରଦୂଷଣ ବଢୁଛି ତାହାକୁ ସୁଚିନ୍ତିତ ଯୋଜନା ଜରିଆରେ ନିୟନ୍ତ୍ରଣ କରାନଗଲେ ଖୁବଶୀଘ୍ର ଦିଲ୍ଲୀ ଭଳି ସ୍ଥିତି ଉପୁଜିବ ବୋଲି ଲୋକେ ଆଶଙ୍କା କଲେଣି । କାରଣ ବର୍ତ୍ତମାନ ରାଜଧାନୀର ପ୍ରଦୂଷିତ ବାୟୁରେ ଯେତିକି କ୍ଷତି ହେଉଛି ସେଥିରେ ଜଣେ ବ୍ୟକ୍ତି ଦିନକୁ ହାରାହାରି ୩ଟି ସିଗାରେଟ ଟାଣିବାର କ୍ଷତି ସହିତ ସମାନ ବୋଲି ଦର୍ଶାଗଲାଣି । ଜରୁରୀ କାର୍ଯ୍ୟ ନଥିଲେ ଘରେ ରହିବା, ବାହାରକୁ ବାହାରିଲେ ମାସ୍କ ପିନ୍ଧିବା ଓ ନିଜ ନିଜ ଗାଡିରେ ବାୟୁଛଣା ଯନ୍ତ୍ର ଲଗାଇବାକୁ ବି ପରାମର୍ଶ ଦିଆଯାଉଛି।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୧ ଜାନୁଆରୀ ୨୦୨୬ । ରବିବାର




## ଠକେଇ ଅଭିଯୋଗରେ ବ୍ୟବସାୟୀଙ୍କୁ ଉଠାଇ ନେଲା କୋଲକାତା ପୋଲିସ

**ବରଗଡ଼: ଏକ୍ସପ୍ରେସ ନ୍ୟୁଜ୍**

ବରଗଡ଼ରେ କୋଲକାତା ପୋଲିସ। ବରଗଡ଼ର ସୁନା ଗହଣା ବ୍ୟବସାୟୀ ହେମନ୍ତ ବର୍ମାଙ୍କୁ କୋଲକାତା ପୋଲିସ ଉଠାଇ ନେଇଥିବା ଜଣାପଡିଛି। ନ୍ୟୁ ଡାଓ୍ୱାର ଜୁଏଲର୍ସର ମାଲିକ ହେମନ୍ତ ବର୍ମା କୋଲକାତାରୁ ଲକ୍ଷାଧିକ ଟଙ୍କାର ସୁନା ଆଣି ଟଙ୍କା ଦେଇନଥିଲେ ବୋଲି ସୂଚ଼ନା ମିଳିଛି।

କୋଲକାତା ପୋଲିସର ସୂଚ଼ନା ଅନୁଯାୟୀ, ହେମନ୍ତ ବର୍ମା କୋଲକାତାରୁ ଲକ୍ଷାଧିକ ଟଙ୍କାର ସୁନା ଆଣି ଟଙ୍କା ଦେଇନଥିଲେ। ଯେଉଁଥିପାଇଁ ତାଙ୍କ ନାଁରେ କୋଲକତା ଥାନାରେ ମାମଲା ରୁଜୁ ହେବା ପରେ କୋଲକତା ପୋଲିସ ବରଗଡକୁ ପହଞ୍ଚି ସୁନା ଦୋକାନୀକୁ ଉଠାଇ ନେଇଛି। ତେବେ ବରଗଡ ପୋଲିସ ସହାୟତା ନେଇ କୋଲକୋତା ପୋଲିସ ଏସଆଇ ପ୍ରଶାନ୍ତ କର ଦାଶ, ଏସଆଇ କବିତା ସାମନ୍ତ ପ୍ରମୁଖ ବରଗଡ଼ ଆସିଥିଲେ। କୋଲକତା ପୋଲିସ ସୁନା ଦୋକାନୀଙ୍କୁ ଗିରଫ କରି ରାତି ଅଧରେ କୋର୍ଟ ଚ଼ାଲାଣ କରି ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ନେଇଥିବା ସୂଚ଼ନା ମିଳିଛି। ବରଗଡର ପ୍ରତିଷ୍ଠିତ ସୁନା ବେପାରୀଙ୍କୁ କଲିକତା ପୋଲିସ ଉଠେଇ ନେବା ପରେ ବରଗଡରେ ଚ଼ର୍ଚ୍ଚା ଜୋର ଧରିଛି ।

## କମେଣ୍ଟ ମରାକୁ ନେଇ ଗଣ୍ଡଗୋଳ ୪ କୋର୍ଟଚ଼ାଲାଣ

**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ନାବାଳିକାକୁ କମେଣ୍ଟ ମରାକୁ ନେଇ ଉଭୟ ପକ୍ଷରୁ ଗଣ୍ଡଗୋଳ ଘଟିଛି। ଏହି ଘଟଣାରେ ଉଭୟ ପକ୍ଷରୁ ୪ଜଣ ଆହତ ହୋଇଥିବା ବେଳେ ପୋଲିସ ଉଭୟ ପକ୍ଷରୁ ମୋଟ ୪ ଜଣଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରାଯାଇଥିବା ଜଣାପଡିଛି। ଗିରଫ ଯୁବକମାନେ ହେଲେ ଝାଲପଡା ଗ୍ରାମର ମହେନ୍ଦ୍ର ମଲ୍ଲିକଙ୍କ ପୁଅ ସାଗର ଓ ଅନ୍ୟ ଏକ ଗୋଷ୍ଠୀର ସାଗର ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ ଓ ସୁଶାନ୍ତ ମଲ୍ଲିକ ବୋଲି ଜଣାପଡିଛି। ଏଭଳି ଘଟଣା ଘଟିଛି ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅଧିନସ୍ଥ ଝାଲପଡା ଗ୍ରାମରେ ।

ଅଭିଯୋଗ ମୁତାବକ, ଗୁରୁବାର ସନ୍ଧ୍ୟାରେ ବ୍ରହ୍ମବରଦା ଥାନା ଅନ୍ତର୍ଗତ ଝାଲପଡା ଗ୍ରାମର ମହେନ୍ଦ୍ର ମଲ୍ଲିକଙ୍କ ନାବାଳିକା ନାତୁଣୀ ନଦୀ ବନ୍ଧ ରାସ୍ତା ଦେଇ ଯାଉଥିବା ବେଳେ ଏହି ଗ୍ରାମର ସାଗର ମଲ୍ଲିକ କମେଟ୍ ମରିଥିଲେ।

ଏନେଇ ମହେନ୍ଦ୍ରଙ୍କ ପରିବାର ପକ୍ଷରୁ ଏହି ଘଟଣା ପଚ଼ାରାଉଚ଼ୁରା କରିବା ସମୟରେ ଉଭୟଙ୍କ ମଧ୍ୟରେ ବଚ଼ସା ହୋଇ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ଉଭୟ ପକ୍ଷରୁ ୪ଜଣ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ଉଭୟ ପରିବାର ପକ୍ଷରୁ ବ୍ରହ୍ମବରଦା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାରେ ୨ଟି ମାମଲା ରୁଜୁ କରି ଉଭୟ ପକ୍ଷରୁ ମୋଟ ୪ଜଣଙ୍କୁ ଗିରଫ କରି ଥିଲା। ୩ଜଣଙ୍କୁ କୋର୍ଟ ଚ଼ାଲାଣ କରାଯାଇ ଥିବା ବେଳେ ଜଣେ ନାବାଳକକୁ ଜେଜେବି ଯାଜପୁରକୁ ପଠାଇ ଦିଆଯାଇଥିବା ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ସୂଚ଼ନା ଦେଇଛନ୍ତି।

## ଏମ୍‌ସିଏଲ୍‌ରେ ରାଜଭାଷା ସେମିନାର




**ସମ୍ବଲପୁର: ଏକ୍ସପ୍ରେସ ନ୍ୟୁଜ୍**

ବିଶ୍ୱ ହିନ୍ଦୀ ଦିବସ-୨୦୨୬ ଅବସରରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍) ମୁଖ୍ୟାଳୟରେ ଏମସିଏଲ୍ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓଙ୍କ ଅଧ୍ୟକ୍ଷତାରେ 'ଜଗତୀକରଣ ଯୁଗରେ ହିନ୍ଦୀର ଭୂମିକା ଏବଂ ସମ୍ଭାବନା' ଉପରେ ରାଜଭାଷା ସେମିନାର ଆୟୋଜନ କରାଯାଇଛି। ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ କହିଥିଲେ ଯେ ହିନ୍ଦୀ ଭାଷାର ଜଗତୀକରଣରେ ପର୍ଯ୍ୟଟନ ଏବଂ ଚ଼ଳଚ୍ଚିତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଚ଼ଳଚ୍ଚିତ୍ରକୁ ସଫ୍ଟ ପାଓ୍ୱାର ଭାବେ ବର୍ଣ୍ଣନା କରି ସେ ହିନ୍ଦୀ ଭାଷାର ପ୍ରଚ଼ାର ପ୍ରସାରରେ ବିପଣନର ଭୂମିକାକୁ ରେଖାଙ୍କିତ କରିଥିଲେ ଏବଂ ହିନ୍ଦୀରେ ମେଡ଼ିକାଲ ଏବଂ ଇଞ୍ଜିନିୟରିଂ ଶିକ୍ଷାର ଉପଲବ୍ଧତାକୁ ଏକ ସକାରାତ୍ମକ ପରିବର୍ତ୍ତନ ବୋଲି ବର୍ଣ୍ଣନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଏମ୍‌ସିଏଲ୍‌ରେ ରାଜଭାଷା ହିନ୍ଦୀକୁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରାଯିବା ଉପରେ ମହାପ୍ରବନ୍ଧକ (ରାଜଭାଷା) ସମ୍ବିତ ପଟ୍ଟନାୟକ ଆଲୋକପାତ କରିଥିଲେ।

ମୁଖ୍ୟବକ୍ତା ଡଃ ଅଭିଜିତ୍ ସିଂ, ସହକାରୀ ପ୍ରଫେସର, ବିଦ୍ୟାସାଗର ମହିଳା ମହାବିଦ୍ୟାଳୟ, କୋଲକାତା 'ବସୁଧୈବ କୁଟୁମ୍ବକମ୍'ର ଧାରଣା ସହିତ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ ଯେ ୧୯୯୯ ମସିହାରେ ଟୋକିଓ ମେସିନ୍ ଟ୍ରାନ୍ସଲେସନ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ ହିନ୍ଦୀକୁ ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ବ୍ୟବହୃତ ଭାଷା ଭାବେ ସ୍ଥାନିତ କରାଯାଇଥିଲା, ଯାହା ଏହାର ସଂଖ୍ୟାଗତ ସାମର୍ଥ୍ୟକୁ ଦର୍ଶାଉଛି। ସେ କହିଥିଲେ, ହିନ୍ଦୀ ଭାଷାଭାଷୀଙ୍କ ଶକ୍ତି ଦୃଢ଼, କିନ୍ତୁ ବର୍ତ୍ତମାନର ସମୟରେ ହିନ୍ଦୀ ଭାଷାରସ୍ତର ଏବଂ ଉପଯୋଗିତାକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ହିନ୍ଦୀ ସାମ୍ବାଦିକତା ଲାଇବ୍ରେରୀ ବିଭାଗ ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ଏହା ହେଉଛି ହିନ୍ଦୀ ଭାଷାର ବୈଶ୍ୱିକ ଉପସ୍ଥିତିର ପ୍ରମାଣ। ସୋସିଆଲ ମିଡିଆ, ହିନ୍ଦୀ ସାହିତ୍ୟ ଏବଂ ହିନ୍ଦୀ ପଡକାଷ୍ଟର ଭୂମିକାକୁ ପ୍ରଶଂସା କରି ସେ ହିନ୍ଦୀକୁ କର୍ପୋରେଟ କ୍ଷେତ୍ର ସହିତ ଯୋଡ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କର୍ମଶାଳାରେ ମୁଖ୍ୟାଳୟର ବିଭାଗୀୟ ମୁଖ୍ୟ, ରାଜଭାଷା ଅଧିକାରୀ, ହିନ୍ଦୀ ଅଧିକାରୀ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚ଼ାରୀମାନେ ଯୋଗ ଦେଇଥିଲେ।

## କୋଟି କୋଟି ଟଙ୍କାର କଳାପଥର ଲୁଟ୍ !

**ବ୍ୟାସନଗର: ଏକ୍ସପ୍ରେସ ନ୍ୟୁଜ୍**




ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଚ଼ର୍ଚ୍ଚିତ ବିଛାଖଣ୍ଡି ମୌଜାରେ ବେଆଇନ ଭାବେ କୋଟି କୋଟି ଟଙ୍କାର କଳା ପଥର ଲୁଟ୍ ଅଣାୟତ୍ତ ହେବାରେ ଲାଗିଛି। ପୂର୍ବରୁ ବେଆଇନ କ୍ରସର ଏବଂ ଖାଦାନ ବନ୍ଦ ରହିଥିଲା। କିଛି ମାସ ହେଲା ବେଆଇନ କ୍ରସର ଏବଂ ଖାଦାନ କଳାପଥର ଉତ୍ତୋଳନ ଜୋର ଧରିଛି। ବିଛାଖଣ୍ଡି ପାହାଡ଼ ତାର ଅସ୍ତିତ୍ୱ ହରାଇବାକୁ ବସିଛି। ରାଜସ୍ୱ ଏବଂ ଜଙ୍ଗଲ କିସମ ଜମିରୁ ମାତ୍ରା ଧିକ କଳାପଥର ଲୁଟ ହେଉଛି। ଯାହା ଫଳରେ କୋଟି କୋଟି ଟଙ୍କା ଏହି ତହସିଲ ରାଜସ୍ୱ ଦେଉଥିଲା କିନ୍ତୁ ଏବେ ତାହା ରାଜସ୍ୱ କମି କମି ଚ଼ାଲିଛି। ମାଫିଆମାନେ ଏହି ଅଞ୍ଚଳକୁ ନିଜର ପୈତୃକ ସମ୍ପତି ଭାବିନେଇଛନ୍ତି। ବଡ଼ ବଡ଼ ବେଆଇନ ବିସ୍ଫୋରଣ କରି ପାହାଡ଼କୁ ଭାଙ୍ଗି ପାଖରେ ଥିବା କ୍ରସର ଏବଂ ବାହାର ସ୍ଥାନକୁ ବିନା ଟିପ୍ପରରେ କଳାପଥର ଚ଼ାଲାଣ ହେଉଛି। ଯାହା ଫଳରେ ସରକାର ଦୈନିକ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ବେଆଇନ ବ୍ଲାଷ୍ଟିଂ ଦ୍ୱାରା ସ୍ଥାନୀୟ ଜଙ୍ଗଲ ନଷ୍ଟ ହେବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ଏହି ବେଆଇନ କଳାପଥରରେ ଦୁଇ ଦୁଇ ଜଣ ପଞ୍ଚାୟତ ପ୍ରତିନିଧି କଳାପଥର ଲୁଟ୍‌ର ମୁଖ୍ୟ କାର୍ପିଟଦାର ସାଜିଥିବା ସାଧାରଣରେ ଚ଼ର୍ଚ୍ଚା ହେଉଛି। ଜନପ୍ରତିନିଧି ଦୁଇଜଣ ପୂର୍ବ ସରକାରରେ ରହି ବେଆଇନ ବ୍ୟବସାୟ କରି ଆସୁଥିଲେ। ବର୍ତ୍ତମାନ ସମୟରେ ଲୁଟ୍ କରିବାକୁ ଶାସକ ଦଳର ଟୋପି ପିନ୍ଧି କଳାପଥର ଲୁଟ କରି ବେଶ ମୁନାଫା ପାଉଛନ୍ତି। ଦିନ ଦୁଇପହରରେ ଏହି ଚ଼ାରା ଚ଼ାଲାଣ ଚ଼ାଲିଥିଲେ ସୁଦ୍ଧା, ଖଣି, ରାଜସ୍ୱ, ଜଙ୍ଗଲ ବିଭାଗ, ସ୍ଥାନୀୟ ପୋଲିସ ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ଥିବା ସାଧାରଣରେ ଆଲୋଚ଼ନା ହେଉଛି। କଳାପଥର ଚୋରା ଚ଼ାଲାଣକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ସରକାର ନିଷ୍ପତ୍ତି ନେଇଥିବା ବେଳେ ଏବେ କାହା ଇଂଗିତରେ ଖଣି ଲୁଟ ଚ଼ାଲିଛି ତାହା ସାଧାରଣରେ ପ୍ରଶ୍ନବାଚ଼ୀ ସୃଷ୍ଟି ହେଉଛି। ଦେଖିବାକୁ ବାକି ରହିଲା ବିଭାଗୀୟ ଅଧିକାରୀ ଏହା ଉପରେ ଅଙ୍କୁଶ ଲଗାଉଛନ୍ତି ନାଁ ଲୁଟକୁ ସୁରକ୍ଷା ଦେଉଛନ୍ତି।

## ଉତ୍ତରାଧିକାରୀ ନଥିବା ଜମି ହଡପ ଲାଗି ମ୍ୟୁଟେସନ ଉପରେ ସ୍ଥଗିତାଦେଶ

**ବେତନଟୀ: ଏକ୍ସପ୍ରେସ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ବେତନଟୀ ତହସିଲ ଅଧିନସ୍ଥ ଏବଂ ବେତନଟୀ ଆରଆଇ ସର୍କଲର ବେତନଟୀ ସହରର ଛାତି ଉପରେ ଥିବା ଏକ ଉତ୍ତରାଧିକାରୀ ବିହୀନ ଘର ବାରି କିସମର ମୂଲ୍ୟବାନ ଜମିକୁ ହଡପ କରି ନେବା ପାଇଁ ଦୀର୍ଘ ଚ଼ାଳିଶି ବର୍ଷରୁ ଉର୍ଦ୍ଧ୍ୱ ଉଦ୍ୟମ ଚ଼ଳାଇ ଆସିଥିବା କୁଚ଼କ୍ରୀ ଷଡଯନ୍ତ୍ରକାରୀର ଜାଲରେ ରାଜସ୍ୱ ବିଭାଗ ଛନ୍ଦି ହୋଇ ରହିଥିବା ସହିତ ଖୋଦ ସରକାରୀ ଓକିଲ ମଧ୍ୟ ସରକାରଙ୍କ ସ୍ୱାର୍ଥ ରକ୍ଷା ନ କରି ବେନାମୀ ବ୍ୟକ୍ତିଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିଜକୁ ସମର୍ପଣ କରିଦେବା ହେତୁ ହଜାର ହଜାର ଜମି ଖରିଦଦାର ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ପଟ୍ଟା ପାଇ ପାରି ନଥିବା ଭଳି ବିରଳ ଉଦାହରଣ ସରକାରଙ୍କ ପାଇଁ ଚ଼୍ୟାଲେଞ୍ଜ ହୋଇଛି। ଯେ କୌଣସି ଗଣତାନ୍ତ୍ରିକ ସରକାର ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରିବା ସମ୍ବିଧାନର କର୍ତ୍ତବ୍ୟ ହୋଇଥିବା ବେଳେ ସାଧାରଣ ଜନତାଙ୍କୁ ଉପେକ୍ଷିତ କରି ମୌଳିକ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିବା ଏବଂ ନ୍ୟାୟ ପାଳିକା ବର୍ଷ ବର୍ଷ ଧରି ନିରବଦ୍ରଷ୍ଟା ସାଜିବା ଯାହା ବେତନଟୀ ତହସିଲରେ ଦେଖାଯାଇଛି। ବେତନଟୀ ତହସିଲ ଅଧିନସ୍ଥ ଭୋଗବାଟି ମୌଜାର ଏକ ଉତ୍ତରାଧିକାରୀ ନଥିବା ମୂଲ୍ୟବାନ ଘର ବାରି ଜମି ଯାହା ଖାତା ନଂ -୮୨ ପ୍ଲଟ ନଂ ୨୮୧, ୨୮୨, ୨୮୩, ଏବଂ ୨୮୫ର ମୋଟ ଜମିକୁ ନିଜ ନାମରେ ରେକର୍ଡ କରି ନେବା ପାଇଁ ଆବେଦନ କରି ପ୍ରକୃତ ଉତ୍ତରାଧିକାରୀ ନିଜକୁ ସାବ୍ୟସ୍ତ କରି ନପାରି ବନ୍ଦୋବସ୍ତ ଚ଼କବନ୍ଦୀ ଓ ଆରଡିସି ଠାରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ମାମଲା ଲଢି ଶେଷରେ ଆରଡିସି ଏହି ଦାବିଦାର ନଥିବା ଜମିକୁ ସରକାରୀ ଖାତାରେ ରଖିବା ପାଇଁ ନିର୍ଦ୍ଦେଶ ଦେବା ପରେ ଏହା ଉଚ୍ଚ ନ୍ୟାୟାଳୟରେ ଚ଼୍ୟାଲେଞ୍ଜ କରି ରହିତାଦେଶ ବଳବତ୍ତର ରହିବା ଯୋଗୁଁ ଏହି ମୌଜାଟି ସହରାଞ୍ଚଳ ହୋଇଥିବା ହେତୁ ୧୯୮୫ ମସିହା ଠାରୁ ୨୦୨୫ ମସିହା ମଧ୍ୟରେ କିଣା ବିକା ହୋଇଥିବା ଜମିର ମ୍ୟୁଟେସନ ବନ୍ଦ ରଖାଯିବା ପାଇଁ ଅଦାଲତଙ୍କ ରହିତାଦେଶ ବଳବତ୍ତର ରହି ଆସିଛି। ଯେଉଁ ପାଇଁ କି ହଜାର ହଜାର ଜମି କ୍ରେତା ତାଙ୍କ କିଣା ଯାଇଥିବା ଜମିର ଦଲିଲ ବ୍ୟତୀତ ଖଜଣା ଧାର୍ଯ୍ୟ ସହିତ ବେତନଟୀ ତହସିଲ ପଟ୍ଟା ପ୍ରଦାନ କାହାରିକୁ କରି ପାରିନାହିଁ ଓ ଏହା ମଧ୍ୟରେ କେତେ ସରକାର ଗଲେଣି ହେଲେ ଉଚ୍ଚ ଅଦାଲତର ସ୍ଥଗିତାଦେଶ ବଳବତ୍ତର ରଖିଥିବା ଯୋଗୁଁ ମ୍ୟୁଟେସନ ବର୍ଷ ବର୍ଷ ଧରି ବନ୍ଦ ରଖା ଯାଇଥିବା ହେତୁ ଅନେକ ଆବେଦନକାରୀ ମଧ୍ୟ ମୃତ୍ୟୁ ବରଣ କରି ସାରିଲେଣି। ଏଣୁ ନୂତନ ଡବଲ ଇଞ୍ଜିନ ସରକାରଙ୍କ ସମୟରେ ବଳବତ୍ତର ରହିଥିବା ସ୍ଥଗିତାଦେଶ ତୁରନ୍ତ ପ୍ରତ୍ୟାହାର କରାଯାଇ ଅପେକ୍ଷାରତ ଥିବା ଜମି କ୍ରେତାଙ୍କୁ ଖଜଣା ଧାର୍ଯ୍ୟ ସହିତ ପଟ୍ଟା ପ୍ରଦାନ କରାଯିବାକୁ ବେତନଟୀ ନାଗରିକ ମଞ୍ଚ ଓ ସିଭିଲ ସୋସାଇଟି ପକ୍ଷରୁ ଦାବି କରାଯାଇଛି।

## ହଲ୍‌ରେ ଫିଲ୍ମ ଚାଲିଥିବା ବେଳେ ଅଗ୍ନିକାଣ୍ଡ

**ରାୟଗଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ରାୟଗଡ଼ା ସହରର ଆଶୋକା ସିନେମା ହଲ୍‌ରେ ଅଗ୍ନିକାଣ୍ଡ। ବଡ଼ ବିପଦରୁ ଅଳ୍ପକେ ବର୍ତ୍ତିଲେ ଶତାଧିକ ଦର୍ଶକ। ଆଳତୀ ବେଳେ ହଲ୍ ପରଦା ଜଳି ଯାଇଥିବା ସୂଚ଼ନା ମିଳିଛି। ତେବେ ନିଆଁ ଅଧିକ ବ୍ୟାପିବା ପୂର୍ବରୁ ହଲ୍ କର୍ମଚ଼ାରୀ ଆୟତ କରିଦେଇଥିଲେ। ଏହି ଅଗ୍ନିକାଣ୍ଡ କୌଣସି ଦର୍ଶକଙ୍କ କ୍ଷୟକ୍ଷତି ହୋଇନାହିଁ।

ସୂଚ଼ନା ଅନୁଯାୟୀ, ଶୁକ୍ରବାର ସଂଧ୍ୟାରେ ତେଲୁଗୁ ଫିଲ୍ମ ଷ୍ଟାର୍ ପ୍ରଭାସଙ୍କ ବହୁ ପ୍ରତିକ୍ଷୀତ ସିନେମା ରାଜା ସାହେବର ଶୁଭ ମହୁରତ ହୋଇଥିଲା। ଯେଉଁଥିରେ ପ୍ରଭାସଙ୍କ ସମର୍ଥକମାନେ ହଲ ପରିସରରେ ନିଆଁ ଲଗାଇ ଆଳତୀ କରୁଥିଲେ। ଏହି ସମୟରେ ହଲ୍ ଝୁଲୁଥିବା ପରଦାରେ ନିଆଁ ଲାଗିଯାଇଥିଲା। ଯାହାପରେ ହଠାତ୍ ନିଆଁର ପ୍ରକୋପ ବଢିବାରେ ଲାଗିଥିଲା। ଏପିରିକି ପାଖରେ ଥିବା କାଗଜରେ ନିଆଁ ଲାଗି ପ୍ରକୋପ ବଢିବାରେ ଲାଗିଥିଲା। ପରେ ହଲ୍ କର୍ତ୍ତୃପକ୍ଷ ସଙ୍ଗେ ସଙ୍ଗେ ନିଆଁ ଲିଭା ଯନ୍ତ୍ର ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଯାହାଫଳରେ ଏକ ବଡ଼ ଅଘଟଣରୁ ବର୍ତ୍ତି ଥିବା ଅନୁମାନ କରାଯାଉଛି। ସେପଟେ ଏହି ଘଟଣା ଘଟିବା ପରେ ହଲ୍ ପରିସରରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ନିଆଁକୁ ଦେଖି ଦର୍ଶକମାନେ ଘଟଣାସ୍ଥଳରୁ ଚ଼ାଲିଯାଇଥିଲା। ଏହି ଘଟଣାରେ କାହାର କୌଣସି କ୍ଷତି ହୋଇନଥିବା ଜଣାପଡିଛି।

## ଉମୁରି ଓ ଆମ୍ବାଗୁଡାରେ ଅବକାରୀ ଚଢଉ

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ଜୟପୁର ଅବକାରୀ ଥାନା ଉମୁରି ଓ ଆମ୍ବାଗୁଡାରେ ଚ଼ଢଉ କରିଛି। ଦେଶୀ ମଦ ଚ଼ାଲାଣ ସୂଚ଼ନା ପାଇ ଆମ୍ବାଗୁଡା ରାସ୍ତାରେ ଚ଼ଢଉ କରିଛି। ଚ଼ଢଉ କରି ଜଣେ ମହିଳା ଠାରୁ ୮ ଲିଟର ଦେଶି ମଦ ଜବତ କରି ଗିରଫ କରିଛି। ଗିରଫ ମହିଳା ଅଭିଯୁକ୍ତକୁ କୋର୍ଟଚ଼ାଲାଣ କରିଛି। ସେହିପରି ଜୟପୁର ସଦର ଥାନା ଅନ୍ତର୍ଗତ ଉମୁରି ଜଙ୍ଗଲରେ ଅବକାରୀ ଚ଼ଢଉ ହୋଇଛି। ଦେଶୀ ମଦ ପ୍ରସ୍ତୁତ ସହ ଲୁଚ଼ାଇ ରଖିଥିବା ସୂଚ଼ନା ପାଇ ଅବକାରି ଥାନା ତରଫରୁ ଚ଼ଢଉ କରାଯାଇଛି। ଚ଼ଢଉ ଖବର ପାଇ ମଦ ମାଫିଆମାନେ ଚ଼ମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୮ଶହ ଲିଟର ପୋଚ଼ ଓ ୭୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚ଼ନା ଦେଇଛନ୍ତି ।

## ଟଙ୍କା ହଡପ ମାମଲାରେ ମହିଳା ଗିରଫ

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ଜୟପୁର ସଦରଥାନା ଅନ୍ତର୍ଗତ ଆମ୍ବାଗୁଡା ଓଡିଶା ଗ୍ରାମୀଣ ବ୍ୟାଙ୍କରୁ ଟଙ୍କା ଋଣ ନେଇ ଫେରାର ହୋଇଯାଇଥିବା ମାମଲାରେ ଆଜି ସଦରପୁଲିସ ମହିଳା ଜଣକୁ ଗିରଫ କରି କୋର୍ଟ ଚ଼ାଲାଣ କରିଛି। ପୁଲିସ ସୂଚ଼ନା ଅନୁଯାୟୀ ଆମ୍ବାଗୁଡା ଓଡିଶା ଗ୍ରାମୀଣ ବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜର ଲିପ୍ସା ନାୟକ ଗତ ୨୦୨୫ ଅକ୍ଟୋବର ୧୮ ତାରିଖରେ ଅଭିଯୋଗ କରିଥିଲେ କୁମୁଲିପୁଟ ରାବଣାଗୁଡା ଗ୍ରାମର ଲିପ୍ସା ଜେନେରାଲ ଷ୍ଟୋର ମାଲିକ ରସ୍ମିତା ସ୍ୱାଇଁ ବ୍ୟାଙ୍କରୁ ୧୫ ଲକ୍ଷ ଟଙ୍କା ମୁଦ୍ରା ଲୋନ ନେଇଥିଲେ। ବ୍ୟାଙ୍କର ମୂଳଏବଂ ସୁଧ ନ ଶୁଝିବା ସହ ସେ ଦୋକାନ ବନ୍ଦ କରି ଫେରାର ହୋଇଯାଇଥିଲେ। ଜୟପୁର ସଦର ପୋଲିସ ଏନେଇ ଏକ ମାମଲା ରୁଜୁ କରିଥିଲା। ସଦର ପୋଲିସ ରସ୍ମିତା ସ୍ୱାଇଁକୁ ଠକେଇ ମାମଲାରେ ଗିରଫ କରି କୋର୍ଟ ଚ଼ାଲାଣ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚ଼ନା ଦେଇଛନ୍ତି।

## ଓପିଜିସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



**ଝାରସୁଗୁଡା : ଏକ୍ସପ୍ରେସ ନ୍ୟୁଜ୍**

ଇବଥର୍ମାଲ, ଓଡିଶା ପାଓ୍ୱାର ଜେନେରେସନ ଧଡ କର୍ପୋରେସନ ଲିମିଟେଡ (ଓପିଜିସି) ତରଫରୁ ଲଖନପୁର କତ ବ୍ଲକ ପିପିଲିକାନି ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଶ୍ରୀକାନ୍ତ ତଥା ଦେହେରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତି ଶିବିର ଉଦଘାଟନ କରିଥିଲେ। ଇବଥର୍ମାଲ ଚ଼ିତି ଚ଼ିକିତ୍ସାଳୟର ମୁଖ୍ୟ ଚ଼ିକିତ୍ସା ଅଧିକାରୀ ଡା.ସଂଗୀତା ପଣ୍ଡା, ଡ.ସଞ୍ଜୀବ ବେହେରା, ଶିଶୁ ରୋଗ ବିଶେଷଜ୍ଞ ଡା. ପତିରୋଧକ ସା ସଙ୍ଗୀତା ପଣ୍ଡା, ବୈକୁଣ୍ଠନାଥ କଶ୍ୟପ, ଭେଷଜ ବିଶେଷଜ୍ଞ ଡା. ବଳରାମ ୬୬ ଖମାରୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଭେଜିକୁଦ, ୩୦ ବେଜିବନ୍ଧ, ପଦପାଲି, ଡେଙ୍ଗସର୍ଗି, ଖୁଣ୍ଟବନ୍ଧ, ସୋଲପାଲିଆଦି ଗ୍ରାମର ୨୩୪ ରୋଗୀଙ୍କ ବିଭିନ୍ନ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଓପିଜିସି ସିଏସଆର ବିଭାଗ ଏବଂ ଇବଥର୍ମାଲ ଚ଼ିକିତ୍ସାଳୟର ମିଳିତ ଉଦ୍ୟମରେ ଅନୁଷ୍ଠିତ ଶିବିରରେ ସିଏସଆର ବିଭାଗର ହିମାଂଶୁ ଭୂଷଣ ବେହେରା, ରାଜେନ୍ଦ୍ର ସା, ତାପସ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଇବଥର୍ମାଲ ଚ଼ିକିତ୍ସାଳୟର ସୁଜାତା ନାୟକ, ରୀତା ଜେମ୍ସ, ସବିତା ନାୟକ, ସନ୍ଧ୍ୟାରାଣୀ କିସାନ, ପ୍ରଭାତ ବାରିକ, ସୁମିତ ଶତପଥ, ଅଭିମନ୍ୟୁ ଭୋଇ, ବିଶ୍ୱଜିତ ପ୍ରଧାନ, ଶ୍ରୀଜୟ ବେହେରା, ଅକ୍ଷୟ ସାମନ୍ତରାୟ, ଉତ୍କଳ ଦାସ, ପ୍ରବିନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚ଼ାଳନାରେ ସହଯୋଗ କରିଥିଲେ।

## ବାଣିଜ୍ୟ

## ଗ୍ରାହକଙ୍କୁ ୨ ଲକ୍ଷ ଟଙ୍କା ଅଫର ଦେଉଛି ଏସ୍‌ବିଆଇ !

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ଆପଣ ହୁଏତ ଆପଣଙ୍କ ଇନଷ୍ଟାଗ୍ରାମ ଫିଡ୍‌ରେ ଏକ ଭିଡିଓ ଦେଖିଥିବେ ଯେଉଁଥିରେ ଦାବି କରାଯାଇଛି ଯେ ଏସବିଆଇ ଏହାର ପୁରୁଣା ଗ୍ରାହକମାନଙ୍କୁ ୨ ଲକ୍ଷ ଦେଉଛି। ଏହା ପ୍ରକୃତରେ ଏସବିଆଇର ଆରଟିଏକ୍ସି (ରିଅଲ-ଟାଇମ ଏକ୍ସପ୍ରେସ କ୍ରେଡିଟ) ଅଫର୍ ବିଷୟରେ, ଯାହା କେବଳ ୨ ଲକ୍ଷ ନୁହେଁ, ବରଂ ୩.୫ ମିଲିୟନ ପର୍ଯ୍ୟନ୍ତ ପ୍ରଦାନ କରେ। ଏସବିଆଇ ଏହାର ବିଶେଷ ଗ୍ରାହକମାନଙ୍କ ପାଇଁ ରିଅଲ୍-ଟାଇମ୍ ଏକ୍ସପ୍ରେସ୍ କ୍ରେଡିଟ୍ (ଆରଟିଏକ୍ସି) ଅଫର୍ ଆରମ୍ଭ କରିଛି। ଏହି ଅଫର୍ ଅନ୍ତର୍ଗତ, ଗ୍ରାହକମାନେ ୟୋନୋ ଆପ ମାଧ୍ୟମରେ ୩.୫ ମିଲିୟନ ପର୍ଯ୍ୟନ୍ତ ବ୍ୟକ୍ତିଗତ ଋଣ ପାଇପାରିବେ। ବିଶେଷ କଥା ହେଉଛି ଏହି ଋଣ ପାଇଁ କୌଣସି କାଗଜପତ୍ର ଆବଶ୍ୟକ ନାହିଁ।

କେତେବେଳେ, ଆପଣଙ୍କୁ ହଠାତ୍ ଟଙ୍କାର ଆବଶ୍ୟକତା ପଡ଼ିଥାଏ। ପ୍ରାୟତଃ, ଆପଣ ବନ୍ଧୁ, ସମ୍ପର୍କୀୟ କିମ୍ବା ପରିଚ଼ିତ ଲୋକଙ୍କ ସହିତ ଯୋଗାଯୋଗ କରି ଟଙ୍କା ସଂଗ୍ରହ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ଯଦି ଆବଶ୍ୟକ ପରିମାଣ ଅଧିକ ହୁଏ ତେବେ କ'ଣ ହେବ? ଏପରି ପରିସ୍ଥିତିରେ, ଏକ ବ୍ୟକ୍ତିଗତ ଋଣ ଏକ ଭଲ ବିକଳ୍ପ ପ୍ରମାଣିତ ହୋଇପାରେ ଏବଂ ଯଦି ଆପଣଙ୍କର ଦେଶର ସବୁଠାରୁ ବଡ଼ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ)ରେ ଏକ ଆକାଉଣ୍ଟ ଅଛି, ତେବେ ଆପଣଙ୍କର ସମସ୍ୟା ତୁରନ୍ତ ସମାଧାନ ହୋଇପାରିବ।

ତେବେ ଆପଣ ଆପଣଙ୍କ ମୋବାଇଲରେ ୟୋନୋ ଆପ ବ୍ୟବହାର କରି ଏହି ଋଣ ପାଇଁ ସହଜରେ ଆବେଦନ କରିପାରିବେ। ଆପଣ ଆପଣଙ୍କର ଆଧାର ଓଟିପି ବ୍ୟବହାର କରି ଇ-ସାଇନ କରିପାରିବେ।

ସେହିପରି ଏହି ଅଫର ଏସବିଆଇରେ ଦରମା ଆକାଉଣ୍ଟ ଥିବା ଗ୍ରାହକମାନଙ୍କ ପାଇଁ ଖୋଲା। କେନ୍ଦ୍ର କିମ୍ବା ରାଜ୍ୟ ସରକାର, ପ୍ରତିରକ୍ଷା ଏବଂ କର୍ପୋରେଟ କ୍ଷେତ୍ରରେ କାର୍ଯ୍ୟରତ କର୍ମଚ଼ାରୀମାନେ ଆବେଦନ କରିପାରିବେ। ବ୍ୟାଙ୍କ ଅନୁଯାୟୀ, ସିବିଲ୍ ସ୍କୋର ଯାଞ୍ଚ କରିବା ସହିତ, ଯୋଗ୍ୟତା ଏବଂ ଋଣ ଅନୁମୋଦନ ସମେତ ସମସ୍ତ ପ୍ରକ୍ରିୟା ଡିଜିଟାଲ ଭାବରେ କରାଯିବ, ଯାହା ଶୀଘ୍ର ସମାପ୍ତିକୁ ସୁନିଶ୍ଚିତ କରିବ। ଆପଣଙ୍କର ଏସବିଆଇରେ ଏକ ଦରମା ଆକାଉଣ୍ଟ ଥିବା ଆବଶ୍ୟକ। ଆପଣଙ୍କର ଇଏମଆଇ/ଏନଏମଆଇ ଅନୁପାତ ୫୦-୬୦%ରୁ କମ ହେବା ଉଚ଼ିତ ଏବଂ ଆପଣଙ୍କର ସିବିଲ୍ ସ୍କୋର ୬୫୦ କିମ୍ବା ୭୦୦ରୁ ଅଧିକ ହେବା ଉଚ଼ିତ।

## ୭ଦଫା ଦାବି ନେଇ ଅଖିଳ ଭାରତ କୃଷକ ସଭାର ଗଣଧାରଣା

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**



ସମସ୍ତ ଧାନ ମଣ୍ଡି ଖୋଲିବା, ଚ଼ାଷି ଓ ଭାଗଚ଼ାଷିଙ୍କୁ ଯଥାଶୀଘ୍ର 'ଟୋକେନ୍' ପ୍ରଦାନ କରି ଧାନ କ୍ରୟ କରିବା, କଟନିଛଟନି ବିରୁଦ୍ଧରେ ଦୃଢ ପଦକ୍ଷେପ ନେବା ସମେତ ୭ ଦଫା ଦାବି ନେଇ ଅଖିଳ ଭାରତ କୃଷକ ସଭା ଗଞ୍ଜାମ ଜିଲ୍ଲା ପରିଷଦ ପକ୍ଷରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଜିଲ୍ଲା ସଭାପତି ଶ୍ରୀହର୍ଷ ରଥଙ୍କ ନେତୃତ୍ୱରେ ଚ଼ାଷୀ ଓ ଭାଗ ଚ଼ାଷୀମାନେ ଗଞ୍ଜାମ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଗଣ ଧାରଣା ଦେଇଥିଲେ। ନଚେତ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଏକ ଲିଖିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲାରେ ପ୍ରସ୍ତାବିତ ସମସ୍ତ ଧାନ ବିକ୍ରୟ କେନ୍ଦ୍ର (ମଣ୍ଡି), ଏ ଯାବତ୍ ଖୋଲାଯାଇପାରିନାହିଁ। ସମସ୍ତ ପଞ୍ଜିକୃତ ଚ଼ାଷି ଏବଂ ଭାଗଚ଼ାଷୀଙ୍କ ନିକଟରେ 'ଟୋକେନ୍' ପହଞ୍ଚି ପାରିନାହିଁ। ଏଣୁ ଜଣେ ଚ଼ାଷୀ କେତେ ପରିମାଣର ଧାନ ବିକ୍ରୟ କରିପାରିବ ଏବଂ କେଉଁ ସମୟରେ ଦେବ, ତାହା ଜାଣି ନପାରି ଆଂଶକିତ ହୋଇ ରହିଛି। ଭାଗଚ଼ାଷୀଙ୍କ ସଂପର୍କରେ ପ୍ରତ୍ୟେକ୍ଷ ତଦନ୍ତ କରାନଯାଇ, ଜମି ମାଲିକଙ୍କ ଠାରୁ ଫୋନ୍‌ରେ ମତାମତ ନପାଇଲେ, ଭାଗଚ଼ାଷୀ ଧାନ ବିକ୍ରୟ କରି ପାରିବ ନାହିଁ ବୋଲି ପ୍ରଚାରିତ ଖବର ଯୋଗୁଁ, ଜିଲ୍ଲାର ଭାଗଚାଷୀ ଚ଼ିନ୍ତାରେ ଅଛନ୍ତି। ଅନ୍ୟପକ୍ଷରେ, ଅମଳ ସମୟରୁ ଚ଼ାଷୀ, ନିଜ ସଂଗୃହୀତ ଅଖାରେ ଧାନ ବୋଝେଇ କରି ମାସ ମାସ ଧରି ସାଇତି ରଖିଥିବା ବେଳେ, ବର୍ତ୍ତମାନ ଝୋଟ ଅଖାରେ ଧାନ ମଣ୍ଡିକୁ ଆଣିବା ନିମନ୍ତେ ବାଧ୍ୟ କରାଯାଉଥିବା ଶୁଣିବାକୁ ମିଳୁଛି। ଧାନ ବିକ୍ରୟ ନିମନ୍ତେ ସରକାରଙ୍କ ଯୋଜନା, ନିୟମ ଓ କଟକଣା ନେଇ, ଚ଼ାଷୀ ପୂର୍ବରୁ ଅବଗତ ହୋଇନପାରି, ଚ଼ିନ୍ତିତ ଓ ଆଶଂକାଗ୍ରସ୍ତ ହୋଇ ରହିଛି। ଏଣୁ ଅବିଳମ୍ବେ ସମସ୍ତ ମଣ୍ଡି ଖୋଲାଯାଇ ଧାନ କ୍ରୟ ପ୍ରକ୍ରିୟାକୁ ତ୍ୱରାନୀତ କରାଯାଉ। 'କଟନିଛଟନି' ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନିଆଯାଉ। ସମସ୍ତ ଚ଼ାଷୀ ଓ ଭାଗଚ଼ାଷୀଙ୍କୁ ଯଥାଶୀଘ୍ର ଟୋକେନ୍ ପ୍ରଦାନ କରାଯାଉ ଓ ଏସଂପର୍କରେ ଚ଼ାଷୀ ଅବଗତ ହେବା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉ। ଜଣେ ଚ଼ାଷୀର ସମସ୍ତ ଟୋକେନ୍ ଏକକାଳୀନ ପ୍ରଦାନ କରାଯାଉ। ଭାଗଚ଼ାଷୀଙ୍କ ଚ଼ାଷଜମୀ ଅନୁଧାନ କଲାବେଳେ, ଆବଶ୍ୟକସ୍ଥଳେ ଜମିମାଲିକଙ୍କ ସହ ପ୍ରତ୍ୟକ୍ଷ ଯୋଗାଯୋଗ କରି ନିଷ୍ପତ୍ତି ନିଆଯାଉ। ମଣ୍ଡି ବ୍ୟତିତ, ପ୍ରତ୍ୟେକ ରାଜସ୍ୱ ଗ୍ରାମରେ, ସ୍ଥାନୀୟ ଚ଼ାଷୀମାନଙ୍କ ଠାରୁ ଏକକାଳିନ ସମସ୍ତ ଧାନ କ୍ରୟ ନିମନ୍ତେ ଯୋଜନା ଦିଆଯାଇ, ସେମାନଙ୍କୁ ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା କରାଯାଉ। ଚ଼ଳିତ ବର୍ଷ ଚ଼ାଷୀମାନଙ୍କ, ଝୋଟ ଅଖାରେ ଧାନ ଦେବା ନିମନ୍ତେ ବାଧ କରାନଯାଉ। ଧାନ ବିକ୍ରୟ ଏବଂ ବୀମା ସଂପର୍କିତ ସମସ୍ତ ସୂଚ଼ନା, ଚ଼ାଷୀଙ୍କୁ ପ୍ରଦାନ ଏବଂ ଅଭିଯୋଗର ସମାଧାନ ନିମନ୍ତେ, ପ୍ରତ୍ୟେକ ବ୍ଲକରେ ଏକ ସତନ୍ତ୍ର ପ୍ରକୋଷ୍ଠ ଖୋଲାଯାଉ। ଧାନ ବିକ୍ରୟ ନିମନ୍ତେ, ଚ଼ାଷୀମାନଙ୍କ ପାଇଁ ଥିବା ସରକାରୀ ନିର୍ଦ୍ଦେଶ, ନିୟମ ଓ କଟକଣା ସଂପର୍କରେ, ଚ଼ାଷୀ ପଞ୍ଜିକରଣ ସମୟରେ ହିଁ, ଚ଼ାଷୀକୁ ଲିଖିତ ଆକାରରେ ଜଣାଇ ଦିଆଯାଉ ଏବଂ ଖବରକାଗଜରେ ବିଜ୍ଞାପନ ଜରିଆରେ ସୂଚ଼ିତ କରାଯାଉ ବୋଲି ଉକ୍ତ ଦାବିପତ୍ର ଦର୍ଶାଯାଇଛି। ପ୍ରାରମ୍ଭରେ ଚ଼ାଷୀମାନେ ନିଜ ଦାବି ପୂରଣ ନିମନ୍ତେ ସ୍ଥାନୀୟ ଲକ୍ଷ୍ମଣ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଁଚ଼ି ଥିଲେ। ଏହି କାର୍ଯ୍ୟକ୍ରମରେ ସାଙ୍ଗଠନିକ ସମ୍ପାଦକ ନୀଳକଣ୍ଠ ଦାଶ, ସିପିଆଇ ଜିଲ୍ଲା ସହ - ସମ୍ପାଦକ ପ୍ରଦୀପ ସେଠି, ରଂକନାଥ ସ୍ୱାଇଁ, ଶରତ ପଟ୍ଟନାୟକ, ଏସ.କ୍ରିଷ୍ଣା ରେଡ୍ଡୀ, ସିମାଞ୍ଚଳ ସାହୁ, ସିଏଚ୍. ଜନାର୍ଦ୍ଦନ ରେଡ୍ଡୀ, ଡି. ଆଦିନାରାୟଣ ରେଡ୍ଡୀ, ରାଜେନ୍ଦ୍ର ନାହାକ, ଏସ. ତ୍ରିନାଥ ରେଡ୍ଡୀ, ବିଦେଶୀ ନାହାକ, ପଞ୍ଚାନନ ସ୍ୱାଇଁ, କୈଳାଶ ପାତ୍ର, ଏନ. ସୁକାନ୍ତ ଆଚ଼ାରୀଙ୍କ ସମେତ ବହୁ ଚ଼ାଷୀମାନେ ସାମିଲ ଥିଲେ।

## 'ଓ ରୋମିଓ' ଟ୍ରେଲର ଆଉଟ୍

### ସିନେମାଫିନେମା ଟିଭିଫିବି

ବଡ଼ ପରଦାରେ ଧମାକା କରିବାକୁ ଯାଉଛନ୍ତି ବଲିଉଡରେ ସାହିଦ କପୁର ଏବଂ ବିଶାଳ ଭାରଦ୍ୱାଜ। ଖୁବଶୀଘ୍ର ରିଲିଜ ହେବାକୁ ଯାଉଛି 'ଓ ରୋମିଓ'। ତେବେ ଫିଲ୍ମ ରିଲିଜକୁ ନେଇ ଫ୍ୟାନ୍ସ ଉତ୍ସାହର ସହ ଅପେକ୍ଷା କରିଥିବା ବେଳେ ଏହାରି ମଧ୍ୟରେ ଫିଲ୍ମର ଟିଜର ରିଲିଜ ହୋଇଯାଇଛି। ଯେଉଁଥିରେ ମଲ୍ଟି ଷ୍ଟାରଙ୍କୁ ଦେଖିବାକୁ ମିଳିଛି। ସାହିଦଙ୍କ ଲୁକ ଓ ଅନ୍ଦାଜ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।

ଫିଲ୍ମ 'ଓ ରୋମିଓ'ର ନିର୍ମାତାମାନେ ପ୍ରଥମ ଲୁକ୍ ରିଲିଜ୍ କରିଛନ୍ତି। ଟିଜରଟି ବହୁତ ବିସ୍ଫୋରକ ଏବଂ ସାହିଦଙ୍କ ବ୍ୟତୀତ, ଫିଲ୍ମର ୮ ତାରକାଙ୍କ ଝଲକ ମଧ୍ୟ ଦେଖିବାକୁ ମିଳିଛି। ସାଜିଦ ନାଡିଆଡୱାଲାଙ୍କ ଫିଲ୍ମର ୧ ମିନିଟ୍, ୩୫ ସେକେଣ୍ଡର ଟିଜର ରିଲିଜ୍ ହୋଇଛି। ଟିଜରରୁ ଜଣାପଡିଛି ଯେ 'ଓ ରୋମିଓ' ଏକତରଫା ପ୍ରେମର ପୃଷ୍ଠଭୂମିରେ ଅବସ୍ଥିତ, ଏକ ତୀବ୍ର ଭାବପ୍ରବଣ ଏବଂ ଅଶାନ୍ତ କାହାଣୀ ଯାହା ପ୍ରତ୍ୟାଖ୍ୟାନ ହୋଇଥିବା ପ୍ରେମର ଯନ୍ତ୍ରଣାକୁ ଦର୍ଶାଏ। କ୍ଲିପରେ, ସାହିଦ କପୁର ତାଙ୍କ ସାରା ଶରୀରରେ ତାଙ୍କର ଟାଟୁ ଦେଖାଇଛନ୍ତି। ସେ ଗୁଣ୍ଡାମାନଙ୍କ ସହ ଲଢ଼ିବା ଏବଂ ଗୁଳି ଚ଼ଳାଇବା ମଧ୍ୟ ଦେଖାଯାଉଛି।

'ଓ ରୋମିଓ' ଏକ ଚ଼ମତ୍କାର ଆକ୍ସନ୍ ଥ୍ରୀଲର୍ ହେବ ବୋଲି ଆଶା କରାଯାଉଛି। ଏହି ଫିଲ୍ମଟି ଫେବୃଆରୀ ୧୩ରେ ସିନେମା ହଲରେ ମୁକ୍ତିଲାଭ କରିବ। ଟିଜର ରିଲିଜ୍ ହେବା ସହିତ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଶୀର୍ଷରେ ପହଞ୍ଚିଛି। ଫିଲ୍ମର ରିଲିଜ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇସାରିଛି। ଏହି ଫିଲ୍ମଟି ବିଶାଲ ଭରଦ୍ୱାଜଙ୍କ ଦ୍ୱାରା ନିର୍ଦ୍ଦେଶିତ, ଯିଏ ରୋହନ ନରୁଲାଙ୍କ ସହ ମିଶି ଏହାକୁ ଲେଖିଛନ୍ତି। ସାଜିଦ ନାଡିଆଡୱାଲାଙ୍କ ଦ୍ୱାରା ନିର୍ମିତ।



ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୧୧ ଜାନୁଆରୀ ୨୦୨୬ । ରବିବାର

# କାହା ଇସାରାରେ ଚାଲିଛି ବେଆଇନ ବାଲିଘାଟ



**୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାତି ବଢ଼ିଲେ ବାଲି ମାଫିଆଙ୍କ ବଢୁଛି ରାଜୁତି । ନଦୀ ଗର୍ଭରୁ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଥିବା ନେଇ ଅଭିଯୋଗ ହୋଇଛି । କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ଦେବୀ ନଦୀର ଝାରପଡା ବାଇପଦା ବ୍ରିଜ ନିକଟବର୍ତ୍ତୀ ଅଞ୍ଚଳରେ ଦୀର୍ଘ ଦିନ ଧରି ସିମା ଠାରୁ ବେଆଇନ ଭାବରେ ଅଧିକ ବାଲିଘାଟ ଚାଲିଛି କିନ୍ତୁ ଏହି ବାଲିଘାଟ କାହା ଇସାରାରେ ଚାଲିଛି ବୋଲି ସାଧାରଣରେ ଲୋକେ ପ୍ରଶ୍ନ କରିଛନ୍ତି । ବାଲିଘାଟ ଯୋଗୁଁ ଦେବୀ ନଦୀରୁ ବାଲି ସରିବା ସହିତ ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ହେଉଥିବା ନେଇ ଗୁରୁତର ଅଭିଯୋଗ ହୋଇଛି ।

ମିଳିଥିବା ଅଭିଯୋଗ ଅନୁସାରେ କଟକ ଜିଲ୍ଲା କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ତଥା ଗୋବିନ୍ଦପୁର ଥାନା ଦେବୀ ନଦୀର ଝାରପଡା ବ୍ରିଜ ନିକଟବର୍ତ୍ତୀ ଅଞ୍ଚଳରେ ରାତି ଅଧରୁ ଚୋରା ବାଲିଘାଟ ଚାଲିଥିବା ନେଇ ଅଭିଯୋଗ ହୋଇଛି । ଜେସିବ ମେସିନ୍ ସାହାଯ୍ୟରେ ହାଇୱା ମାଧ୍ୟମରେ ଚାଲିଛି ବେଆଇନ ବାଲି ଚୋରାଚାଲାଣ ଚାଲାଣ । ବାଲି ମାଫିଆ ଅତି ଚତୁରତାର ସହିତ ବିଭିନ୍ନ ଛକ ସ୍ଥାନମାନଙ୍କରେ ଜଗି ରହିବି ସହିତ ମାଇନ୍ସ ବିଭାଗ ଗତି ବିଧି ଉପରେ ନଜର ରଖି ରାତିଅଧରେ ଦେବୀ ନଦୀର ଝାରପଡା ଠାରୁ ବେଆଇନ ବାଲିଘାଟ ନିର୍ମାଣ କରି ବାଲି ଚୋରା ଚାଲାଣ କରୁଥିବା ନେଇ ଅଭିଯୋଗ ହୋଇଛି । ଜିଲ୍ଲା ପ୍ରଶାସନ ଓ ମାଇନ୍ସ ବିଭାଗର ତଳିଆ କର୍ମଚାରୀ ଓ ନିୟୋଜିତ ହୋଇଥିବା ଅସ୍ଥାୟୀ କର୍ମଚାରୀ ବାଲି ମାଫିଆମାନଙ୍କ ସହିତ ହାତ ମିଳାଇ ଅଧିକାରୀଙ୍କ ସମ୍ପର୍କରେ ଖବର ଦେଉଛନ୍ତି ବାଲି ମାଫିଆମାନଙ୍କୁ ଯଦ୍ୱାରା କି ବାଲି ଚୋରା ଚାଲାଣ ସହଜରେ ହେଉଥିବା ଅଭିଯୋଗ ହେଉଛି । ଏହି ବାଲିଘାଟ ଚାଲିଥିବା ପଛରେ କାହାର ହାତ ରହିଛି ଯାହା କି ଅତି ସାହାସରେ ଦେବୀ ନଦୀରୁ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛ । ବିଶ୍ୱସ୍ତ ସୂତ୍ରରୁ ଖବର ଅନୁସାରେ ବରିଷ୍ଠ ଅଧିକାରୀ ଏହି ବେଆଇନ ବାଲିଘାଟ ପଛରେ ପ୍ରଚ୍ଛଦ ହାତ ଥିବା ଆଲୋଚନା ହେଉଛି । ତେବେ ସ୍ଥାନୀୟ ନେତା, କଟକ ଜିଲ୍ଲା ପ୍ରଶାସନ ଝାରପଡା ବାଲିଘାଟ ପ୍ରତି ଉଦାସୀନତା ମନୋଭାବ ଦେଖାଉଛନ୍ତି ନାଁ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି କଣ୍ଟାପଡ଼ା ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି ।

ସେହିପରି ନିଆଳି ତହସିଲ ଅନ୍ତର୍ଗତ ସିଠାଲୋ ପଞ୍ଚାୟତ ଆଳି ପିଙ୍ଗଳ ବ୍ରିଜ ନିକଟବର୍ତ୍ତୀ ଅଞ୍ଚଳରେ ବେଆଇନ ବାଲିଘାଟ ସାଙ୍ଗକୁ ସୀମା ଆରପାର କି ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଛି । ଗୁଇନ୍ଦା ବିଭାଗ ଓ ଜଗତସିଂହପୁର ଓ କଟକ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି ।

## ଆଜିର ରାଶିଫଳ

| ତାରିଖ | ରବିବାର– ଅଷ୍ଟମୀ |
|---|---|
| ୧୧.୧.୨୦୨୬ | ନକ୍ଷତ୍ର– ଚିତ୍ରା, ତୁଳାଚନ୍ଦ୍ର |



| | | |
|---|---|---|
| **ମେଷ** | : | କର୍ମେ ଆନନ୍ଦିତ ହେବେ । |
| **ବୃଷ** | : | ସୁସମ୍ବାଦ ପ୍ରାପ୍ତି ହେବେ । |
| **ମିଥୁନ** | : | ସମ୍ମାନ ବୃଦ୍ଧି ପାଇବ । |
| **କର୍କଟ** | : | ବୃଥା ଭ୍ରମଣରେ ଯିବେ । |
| **ସିଂହ** | : | ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ । |
| **କନ୍ୟା** | : | କାର୍ଯ୍ୟକ୍ଷେତ୍ରରେ ପ୍ରସନ୍ନତା ପାଇବେ । |
| **ତୁଳା** | : | ବ୍ୟବସାୟରେ ଭଲ ଆୟ ହେବ । |
| **ବିଛା** | : | ଅପମାନ ଯୋଗ ରହିଛି । |
| **ଧନୁ** | : | ବନ୍ଧୁପ୍ରାପ୍ତି ହେବେ । |
| **ମକର** | : | ବକେୟା ପଡ଼ିଥିବା ଧନ ଲାଭ ହେବ । |
| **କୁମ୍ଭ** | : | ପୂଜାରେ ଆନନ୍ଦିତ ହେବେ । |
| **ମୀନ** | : | ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ । |

# ବେଆଇନ ବିଦ୍ୟାଳୟରେ ଶିଶୁଙ୍କ ନାମ ଲେଖାଇ ଅଭିଭାବକ ହଟହଟା

**ବାଲିପାଟଣା, ୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବେଆଇନ ବିଦ୍ୟାଳୟରେ ଶିଶୁଙ୍କ ନାମ ଲେଖାଇ ହଟହଟା ହେବାକୁ ପଡିଛି ଅଭିଭାବକଙ୍କୁ । ଫଳରେ ଏପରି ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁମାନେ ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା, ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ସହିତ ତୃତୀୟ ଓ ପଞ୍ଚମ ଶ୍ରେଣୀ ସରକାରୀ ମେଧାବୃତ୍ତି ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି । ଏଥିସହିତ ଏହି ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁମାନଙ୍କର କୌଣସି ତଥ୍ୟ ବିଭାଗୀୟ ପୋର୍ଟାଲରେ ଉପଲବ୍ଧ ନାହିଁ । ଏପରି ବେଆଇନ କାର୍ଯ୍ୟ ଦେଖିବାକୁ ମିଳିଛି ବାଲିପାଟଣା ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଅଧୀନ ବିଭିନ୍ନ ଅଞ୍ଚଳରେ । କିଛି ସଂସ୍ଥା ବା ବ୍ୟକ୍ତି ବିନା ଭିତ୍ତିଭୂମିରେ ଏପରି ବେଆଇନ ବିଦ୍ୟାଳୟ ଖୋଲିବା ସହିତ ଅଣଶିକ୍ଷକମାନଙ୍କୁ ନିଯୁକ୍ତି ଦେଇ ଅଭିଭାବକମାନଙ୍କୁ ଭୂଆଁ ବୁଲାଉଛନ୍ତି । ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବିପଦରେ ପଡୁଛି ।

ସୂଚନା ଅନୁଯାୟୀ ଘରୋଇ ବିଦ୍ୟାଳୟ ଖୋଲିବା ପାଇଁ ସରକାରଙ୍କ ଅନୁମତିକୁ ବାଧ୍ୟତାମୂଳକ କରାଯାଇଛି । ୨୦୧୭ ମସିହା ପରଠାରୁ ବିଦ୍ୟାଳୟ ଖୋଲିବା ପାଇଁ ସରକାରଙ୍କଠାରୁ ଓପନିଂ ପରମିସନ୍ ବାଧ୍ୟତାମୂଳକ ଥିବା ବେଳେ ନିୟମକୁ ଫୁ' କରି କିଛି ବ୍ୟକ୍ତି ଖୋଲିଛନ୍ତି ଘରୋଇ ବିଦ୍ୟାଳୟ । ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ନୋଟିଫିକେସନ ନଂ ୨୯୫୦ (୨୦୧୭ ମସିହା ଫେବ୍ରୁଆରି ୨୧ ତାରିଖ)ର ୧୬ ନଂ ପଏଣ୍ଟ ଅନୁଯାୟୀ ବିଦ୍ୟାଳୟ ଖୋଲିବା ପାଇଁ ପ୍ରଥମେ ଓପନିଂ ପରମିସନ୍ ପାଇବା ପରେ ହିଁ ଉକ୍ତ ବିଦ୍ୟାଳୟରେ ଶିଶୁମାନଙ୍କର ନାମଲେଖା ସହିତ ଶିକ୍ଷକ ନିଯୁକ୍ତି ହୋଇପାରିବ ଏବଂ ବିଦ୍ୟାଳୟ ପାଇଁ ଘର ଏବଂ ଫର୍ଣ୍ଣିଚର ବ୍ୟବସ୍ଥା କର୍ତ୍ତୃପକ୍ଷ କରିପାରିବେ । କିନ୍ତୁ ସେପରି ନକରି କିଛି ବ୍ୟକ୍ତି ବା ସଂସ୍ଥା ଅଭିଭାବକମାନଙ୍କୁ ବିଭିନ୍ନ ଲୋଭ ଦେଖାଇ ଶିଶୁମାନଙ୍କର ନାମ ଲେଖାଇ ଦେଇଛନ୍ତି ଏବଂ ପରେ ସରକାରଙ୍କ ଅନୁମତି ମାଗୁଛନ୍ତି ଯାହା କି ସମ୍ପୂର୍ଣ୍ଣ ବେଆଇନ ଅଟେ । କିଛି ଅଭିଭାବକ ମଧ୍ୟ ମାଗଣା ଲୋଭରେ ନିଜ ଶିଶୁର ନାମ ଏପରି ବେଆଇନ ବିଦ୍ୟାଳୟରେ ଲେଖି ପଛରେ ସମସ୍ୟା ଭୋଗୁଛନ୍ତି । ତେବେ ପ୍ରଶାସନ କରୁଛି କ'ଣ? ନିକଟରେ ଏପରି ବିନା ଅନୁମତିରେ ଖୋଲିଥିବା ବିଦ୍ୟାଳୟର ମାଲିକଙ୍କ ନାମରେ ସ୍ଥାନୀୟ ଥାନାରେ ଏତଲା ଦେବା ପାଇଁ ସ୍ଥାନୀୟ ପ୍ରଶାସନକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । କେବଳ ସେତିକି ନୁହେଁ ବରଂ ଏପରି ବିଦ୍ୟାଳୟ ଖୋଲିଥିବା ସଂସ୍ଥା କିମ୍ବା ବ୍ୟକ୍ତିକୁ ଏକ ଲକ୍ଷ ଟଙ୍କା ଜରିମାନା ସହିତ ଦିନକୁ ୧୦ ହଜାର ଟଙ୍କା ଫାଇନ୍ ଆଦାୟ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଛି । ତଥାପି ଏସବୁ କଥାକୁ ଫୁ' କରି ଖୋଲୁଛି ବିଦ୍ୟାଳୟ । ତେବେ ଏପରି ବିଦ୍ୟାଳୟରୁ ଟିସି ନେଇ ଅନ୍ୟତ୍ର ନାମଲେଖାରେ ସମସ୍ୟା ହେବା ଏବଂ କିଛି ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟ ଏବଂ ନବୋଦୟ ପରୀକ୍ଷାରୁ ବଞ୍ଚିତ ହେବା ପରେ ଏପରି ଘଟଣା ସାମ୍ନାକୁ ଆସିଛି ।

## ଅଜଣା ଗାଡି ଧକ୍କାରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ

**ଖୋର୍ଦ୍ଧା, ୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସଦରଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଦଧିମାଛଗାଡିଆ ଛକ ନିକଟରେ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା । ଏକ ଅଜଣା ଗାଡି ଧକ୍କାରେ ଦୁଇଜଣ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଦ୍ୱୟ ହେଲେ ବାଣପୁର ସାନହନ୍ତୁଆଡର ସୁଧାଂଶୁ ସୁନ୍ଦରାୟ (୨୨) ଓ ବିକାଶ ବରାଳ (୨୦) । ଖବର ପାଇ ପୁଲିସ ପହଁଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଥାଉକି, ସ୍କୁଟିରେ ବାଣପୁରରୁ ଭୁବନେଶ୍ୱର ଅଭିମୁଖେ ଏକ ଘରୋଇ କଲେଜକୁ ପରୀକ୍ଷା ଦେବାକୁ ଓଡି-୦୨ ସିଏଫ୍- ୯୩୬୮ନଂ ବିଶିଷ୍ଟ ସ୍କୁଟି ଯୋଗେ ଯିବାବେଳେ ଦଧିମାଛଗାଡିଆ ଛକ ନିକଟରେ ଘଟିଛି ଏହି ଦୁର୍ଘଟଣା । ଏକ ଅଜଣା ଗାଡି ତାଙ୍କୁ ଧକ୍କାଦେଇଥିବାବେଳେ ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ସ୍କୁଟିଟି ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଛି । ଖବର ପାଇ ପୁଲିସ ପହଁଚି ମୃତଦେହକୁ ଜବତ କରି ଖୋର୍ଦ୍ଧା ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି । ସୁଧାଂଶୁଙ୍କ ମାଆଙ୍କ ଅଭିଯୋଗ ଉପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି ।

## ଜଳିଗଲା 'ଆମ ବସ୍'

**ଭୁବନେଶ୍ୱର, ୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଆମ ବସ୍ ଉପରେ ଶନି ଦଶା । ଗାଡିରେ ଲାଗିଛି । ଗୋଟିଏ ପରେ ଗୋଟିଏ ଘଟୁଛି ଅଘଟଣ । ଚଳନ୍ତା ବସ୍‌ରେ ଲାଗିଲା ନିଆଁ । ହୁତୁହୁତୁ ହୋଇ ଜଳିଗଲା ଆମ ବସ୍ । ଭୁବନେଶ୍ୱର କଳିଙ୍ଗ ଷ୍ଟୁଡିଓ ଛକରେ ଏଭଳି ଘଟଣା ଘଟିଛି । ପାସେଞ୍ଜର୍ ଥିବା ବେଳେ ବସ୍‌ଟି ହୁତୁହୁତୁ ହୋଇ ଜଳିଯାଇଛି । ଭରତପୁର ପିସିଆର୍ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଛି । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ନିଆଁକୁ ଆୟତ୍ତ କରିଛି । ସୂଚନାନୁଯାୟୀ, ଶନିବାର ସକାଳେ ଭୁବନେଶ୍ୱର କଳିଙ୍ଗ ଷ୍ଟୁଡିଓ ଛକରେ ଏକ 'ଆମବସ୍'ରେ ନିଆଁ ଲାଗିଯାଇଥିଲା । ଯାତ୍ରୀ ଥିବାବେଳେ ବସ୍‌ଟି ହୁତୁହୁତୁ ହୋଇ ଜଳିଯାଇଥିଲା । ବିକଳରେ ଲୋକେ ପାଟିତୁଣ୍ଡ କରିଥିଲେ । ଭରତପୁର ପିସିଆର୍ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଛି । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ଏହି ଦୁର୍ଘଟଣାରେ କେହି ଆହତ ହୋଇ ନାହାଁନ୍ତି । ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ସୂଚନା ମିଳିଛି ।



## ଶିଶୁ କନ୍ୟାର ଅସ୍ୱାଭାବିକ ମୃତ୍ୟୁ

**କଳିଙ୍ଗନଗର, ୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋଲାଗାଁ ଗ୍ରାମରେ ଘଟିଥିବା ଏକ ହୃଦୟବିଦାରକ ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । କେବଳ ୩ ଦିନର ଏକ ଶିଶୁ କନ୍ୟାର ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ନେଇ କଳିଙ୍ଗନଗର ଥାନାରେ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ ହୋଇଛି । ଉଚ୍ଛବ ସାହୁ, ପିତା–ଗୋପୀନାଥ ସାହୁ ଗୋଲାଗାଁର ବାସିନ୍ଦାଙ୍କ ଲିଖିତ ଅଭିଯୋଗ ଆଧାରରେ ଅପମୃତ୍ୟୁ ମାମଲା ଯାହାର କେସ ନଂ–୦୧/୨୦୨୬ ରୁଜୁ କରାଯାଇଛି । ପୋଲିସ ପକ୍ଷରୁ ମୃତ ଶିଶୁର ପଞ୍ଚନାମା ସମ୍ପନ୍ନ କରାଯାଇ ପୋଷ୍ଟମର୍ଟମ୍ ରିପୋର୍ଟ ପାଇଁ ମୃତଦେହକୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ ନନ୍ଦ, ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ପୋଲିସ କଳିଙ୍ଗନଗର, ସୁକିନ୍ଦା ତହସିଲଦାର, କଳିଙ୍ଗନଗର ଥାନା ଅଧିକାରୀ ସହ ୧ ପ୍ଲାଟୁନ ପୋଲିସ ବଳ ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ ପର୍ଯ୍ୟବେକ୍ଷଣ କରିଛନ୍ତି । ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ସ୍ପଷ୍ଟ ହେବ ବୋଲି କଳିଙ୍ଗନଗର ପୋଲିସ ଅଧିକାରୀ ପ୍ରକାଶ ସାହୁ ପ୍ରକାଶ କରିଛନ୍ତି ।

## ଅବକାରୀ ବିଭାଗ ଦାଦାଗିରିକୁ ନେଇ ଲୋକେ ଆତଙ୍କିତ

**ଢେଙ୍କାନାଳ, ୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ କନ୍ତିମିଳି ପଞ୍ଚାୟତ ଅନ୍ତର୍ଗତ ସାନମୁଣ୍ଡା ଟାଙ୍ଗରଧିପ ମଝିସାହିର ଲୋକଙ୍କ ଉପରେ ଅବକାରୀ ବିଭାଗର ଦାଦାଗିରିକୁ ନେଇ ଲୋକମାନେ ଆତଙ୍କିତ । ସୂଚନା ଅନୁଯାୟୀ ହିନ୍ଦୋଳ ଅବକାରୀ ବିଭାଗ ଗତ ୬ ତାରିଖ ମଙ୍ଗଳବାର ପାହାନ୍ତା ପ୍ରାୟ ୪ଟା ସମୟରେ ସାନମୁଣ୍ଡା ଟାଙ୍ଗରଧିପ ମଝିସାହିରେ ପଶି କିଛି ଲୋକଙ୍କ ଘର କବାଟ ବାଡେଇଥିଲା ଏବଂ ହାତୀ ଆସିଥିବା ନେଇ ଚିତ୍କାର କରିଥିଲେ । ଯାହାଫଳରେ ଲୋକମାନେ ଘରର କବାଟ ଖୋଲିଥିଲେ । କବାଟ ଖୋଲିବାରେ ସେଥିମଧ୍ୟରୁ ଅବକାରୀ ବିଭାଗ ମିନତି ବେହେରା (୪୨), କୁନ୍ତୁରି ବେହେରା (୫୨), ଚଣ୍ଡାଳ ବେହେରା(୬୪) ଓ ଶିବରାମ ବେହେରା(୫୮)ଙ୍କୁ ମଦବିକ୍ରି କରୁଛ କହି ଗାଳିଗୁଲଜ କରିଥିଲେ । ଲୋକମାନେ ଗାଁରେ ଆଦୌ ମଦବିକ୍ରି ହେଉନଥିବା ଏବଂ ମଦବିକ୍ରିକୁ ଗ୍ରାମସଭା ଦ୍ୱାରା ବାରଣ କରାଯାଇଥିବା ବାରମ୍ବାର କହିବା ସତ୍ତ୍ୱେ ମଧ୍ୟ ଅବକାରୀ ବିଭାଗ ଶୁଣିନଥିଲା। ଜୋରଜବରଦସ୍ତ ଘୋଷାଡି ନେଇ ଗାଡ଼ିରେ ବସାଇଥିଲା । ଏତଦବ୍ୟତୀତ ସେହି ଗ୍ରାମର ଅନ୍ୟ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ସଙ୍ଗେ ସଙ୍ଗେ ସେହି ଗ୍ରାମର ଜଣେ ଟେଲରଙ୍କୁ ମଧ୍ୟ ଫୁଲ ତୋଳୁଥିବା ଅବସ୍ଥାରେ ଗାଡ଼ିରେ ନେଇ ଜୋରଜବରଦସ୍ତ ବସାଇଥିଲେ । ଜଣେ ମହିଳା ଏହାର ପ୍ରତିବାଦ କରିବାରୁ ତାଙ୍କୁ ଛାଡ଼ି ଦେଇଥିଲେ । ନେଇଥିବା ଲୋକମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କର କହିବାନୁଯାୟୀ ଅବକାରୀ କାର୍ଯ୍ୟାଳୟରେ ଏକ ଜାରକିନ୍ ପାଖରେ ତାଙ୍କମାନଙ୍କୁ ଠିଆ କରାଇ ଅବକାରୀ ବିଭାଗର କର୍ମଚାରୀ ଫଟୋ ଉଠାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ତେବେ ଏହିସବୁ ଅଭିଯୋଗ ସମ୍ପର୍କରେ ଆମେ ଅବକାରୀ ବିଭାଗ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇପାରିନଥିଲା। ଅବକାରୀ ବିଭାଗର ଏତାଦୃଶ କାର୍ଯ୍ୟକୁ ଅଞ୍ଚଳବାସୀ ଏବଂ ସେହି ଗ୍ରାମର ମହିଳା ସଂଘ ଦୃଢ଼ ନିନ୍ଦା କରିବା ସହ ଅବକାରୀ ବିଭାଗର ଦାଦାଗିରିର ତଦନ୍ତ କରାଯାଇ ସଂପୃକ୍ତ କର୍ମଚାରୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ତେବେ ଘଟଣାର ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ଦୁଇ ଅଟୋ ମଧ୍ୟରେ ଧକ୍କା, ଦୁଇ ଗୁରୁତର

**ବେତନଟୀ/ବୈଶିଙ୍ଗା, ୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**



ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥ ହାତୀଝୁରି ନିକଟରେ ଶୁକ୍ରବାର ଅପରାହ୍ଣରେ ଏକ ଯାତ୍ରୀବାହୀ ଅଟୋ ସହିତ ଡାଲା ଅଟୋର ଧକ୍କା ହୋଇଛି । ଏହି ଧକ୍କା ହେବା ପରେ ଦୁର୍ଘଟଣା ସ୍ଥାନରୁ ଗୁରୁତର ଥିବା ଦୁଇ ଜଣ ମହିଳା ସମେତ ଚାରି ଜଣ ଆହତଙ୍କୁ ଏନଏଚଏଆଇ ୧୦୩୩ ଆମ୍ବୁଲାନ୍ସରେ ସମସ୍ତ ଗୁରୁତର ଆହତମାନଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଅଧିକ ଗୁରୁତର ଥିବା ଦୁଇ ଜଣ ମହିଳାଙ୍କୁ ସେହି ଆମ୍ବୁଲାନ୍ସ ଯୋଗେ ବେତନଟୀରୁ ବାରିପଦା ପିଆରଏମ ଡାକ୍ତରଖାନାକୁ ପଠାଯାଇଛି । ଏହି ଗୁରୁତର ମହିଳା ହେଉଛନ୍ତି ବୈଶିଙ୍ଗା ଥାନା ଅଧୀନ ହାତୀଝୁରି ଗ୍ରାମର ବୁଦ୍ଧିଆ ଦେହୁରୀଙ୍କ ପତ୍ନୀ ବିନି ଦେହୁରୀ (୫୦) ଅନ୍ୟ ଜଣେ ହେଉଛନ୍ତି ଖୁଣ୍ଟା ଥାନା ଅଧୀନ ଭାନୁପୁର ଗ୍ରାମର ରମେଶ ଜେନାଙ୍କ ସ୍ତ୍ରୀ ସୁଭଦ୍ରା ଜେନା (୫୨)ବର୍ଷ ବୋଲି ଜଣାପଡିଛି । ଆହତ ହୋଇଥିବା କନ୍ଦା ଦେହୁରୀ, ରମେଶ ଜେନା, ପରମାନନ୍ଦ ଦେହୁରୀ, ମିନା ଦେହୁରୀ, ବେତନଟୀ ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି ।

ଘଟଣାରୁ ପ୍ରକାଶ ଏକ ଯାତ୍ରୀବାହୀ ଅଟୋଟି ହାତୀଝୁରୀରୁ ବୈଶିଙ୍ଗା ଅଭିମୁଖେ ଯାଉଥିବା ବେଳେ ସେହି ହାତୀଝୁରି ସ୍ଥାନରେ ଅନ୍ୟ ଏକ ଡାଲା ଅଟୋ ସହିତ ଧକ୍କା ହେବାକୁ ଦୁର୍ଘଟଣା ଘଟିଥିଲା । ବୈଶିଙ୍ଗା ପୋଲିସ ଏସ ଆଇ ସରୋଜ ଜେନା ବେତନଟୀ ଡାକ୍ତରଖାନା ଆସି ଘଟଣାର ତଦନ୍ତ କରିଥିବାର ଜଣାପଡିଛି । ସୂଚନା ଯୋଗ୍ୟ ଦୁଇଜଣ ଗୁରୁତରଙ୍କୁ ବେତନଟୀ ଡାକ୍ତରଖାନାରୁ ବାରିପଦା ପିଆରଏମ ମେଡିକାଲ କଲେଜକୁ ପଠାଇବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲେ ମଧ୍ୟ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହୋଇଥିଲା । ରୋଗୀଙ୍କ ପରିବାର ଲୋକ ହତାଶ ହୋଇପଡିଥିବା ବେଳେ ବେତନଟୀ ବ୍ଲକ ମେଡ଼ିଆ ଆସୋସିଏସନର ସଦସ୍ୟମାନେ ଓ ଥାନା ଏସ ଆଇ ସରୋଜ ଜେନା ସେଠାରେ ଉପସ୍ଥିତ ରହି ବେତନଟୀ ଡାକ୍ତରଖାନା ର ଚିକିତ୍ସା ଅଧିକାରୀ ସିପୁନ ପଣ୍ଡାଙ୍କୁ ସାକ୍ଷାତ କରି ଏହି ଆମ୍ବୁଲାନ୍ସ ବିଳମ୍ବ ହୋଇଥିବାର ଜଣାଇବାରୁ ଗୁରୁତରମାନଙ୍କୁ ପଳେଇ ଯାଉଥିବା ୧୦୩୩ ଆମ୍ବୁଲାନ୍ସ ଯୋଗେ ପୁର୍ନବାର ବାରିପଦାକୁ ପଠା ଯାଇଥିଲା । ଏଭଳି ସମସ୍ୟା ବେତନଟୀ ଡାକ୍ତରଖାନା ରେ ବାରମ୍ବାର ଲାଗିରହୁଥିବା ବେଳେ ବେତନଟୀ ଡାକ୍ତରଖାନା ପାଇଁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗାଇଦେବା ପାଇଁ ବେତନଟୀବାସୀ ଦାବି କରିଛନ୍ତି । ଏହି ଦାବିକୁ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ଅଧିକାରୀଙ୍କ ହସ୍ତକ୍ଷେପ କରିବାର ଆବଶ୍ୟକତା ରହିଛି ବୋଲି ବେତନଟୀବାସୀ ପ୍ରକାଶ କରିଛନ୍ତି ।

## ଡୁବୁରୀ ଛକରେ ଶାନ୍ତିପୂର୍ଣ୍ଣ ଉଚ୍ଛେଦ ସମ୍ପନ୍ନ

**କଳିଙ୍ଗନଗର, ୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଅଞ୍ଚଳର ଡୁବୁରୀ ଛକରେ ପ୍ରଶାସନ ପକ୍ଷରୁ କରାଯାଇଥିବା ଉଚ୍ଛେଦ କାର୍ଯ୍ୟ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି । କୌଣସି ପ୍ରକାରର ଅସାମାଜିକ ଘଟଣା କିମ୍ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା । ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, କଳିଙ୍ଗନଗର ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ସୁପ୍ରସନ୍ନ ମଲିକ, ସୁକିନ୍ଦା ତହସିଲଦାର ଓ କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ଘଟଣାସ୍ଥଳରେ ଉପସ୍ଥିତ ରହି ସମ୍ପୂର୍ଣ୍ଣ କାର୍ଯ୍ୟକୁ ନିରୀକ୍ଷଣ କରିଥିଲେ । ଏହା ସହ ଏକ ପ୍ଲାଟୁନ ପୋଲିସ ବଳ ମୁତୟନ ରହି ସ୍ଥିତିକୁ ନିୟନ୍ତ୍ରଣରେ ରଖିଥିଲା । ପ୍ରଶାସନର ସମନ୍ୱିତ ପଦକ୍ଷେପ ଯୋଗୁଁ ଉଚ୍ଛେଦ କାର୍ଯ୍ୟ ସୁଚାରୁ ଓ ସୁସଂଗଠିତ ଭାବେ ସମ୍ପନ୍ନ ହୋଇପାରିଥିବା ଜଣାପଡ଼ିଛି । ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇ ଆଗାମୀ ଦିନରେ ଆଇନ ଶୃଙ୍ଖଳା ରକ୍ଷା ପ୍ରତି ସଚେତନ ରହିବାକୁ ଅନୁରୋଧ କରାଯାଇଛି ।

## କୁଆଁପାଳ-ବରଅଠା ରାସ୍ତା ଉନ୍ନତୀକରଣରେ ବ୍ୟାପକ ଦୁର୍ନୀତି

**ମାହାଙ୍ଗା, ୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ସରକାର ସାଧାରଣ ଲୋକଙ୍କ ଗମନାଗମନ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତାଘାଟ ଓ ସେତୁ ନିର୍ମାଣ କରାଯାଉଥିବା ବେଳେ ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ସଲାସୁତୁରାରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟରେ ଖବର ପ୍ରକାଶ ପାଇଥିଲା । ତେବେ ଖବର ପ୍ରକାଶ ପାଇବା ପରେ ଆଜି ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଉଭୟ ସ୍ଥାନ ପରିଦର୍ଶନ କରିଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ ବିଧାୟକ ଶ୍ରୀ ପ୍ରଧାନ ପ୍ରଥମେ କୁଆଁପାଳ–ବରଅଠା ରାସ୍ତା ଢଳେଇ ସ୍ଥିତି ଅନଧ୍ୟାନ କରିବା ସହ କନିଷ୍ଠଯନ୍ତ୍ରୀ ଏବଂ ଠିକାଦାରକୁ ତାଗିଦ କରିବା ସହ ଉଚ୍ଚ ଅଧିକାରୀଙ୍କ ଦ୍ୱାରା ମାନ ଯାଞ୍ଚ କରିବା ପାଇଁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ । ଏହି ଢଳେଇର ମାନ ଯାଞ୍ଚ କରିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ଠିକାଦାର ଦିଲୀପ ସାମଲ ଓ କନିଷ୍ଠଯନ୍ତ୍ରୀ ଜନ ମଲିକ ଉପସ୍ଥିତ ଥିଲେ । ପରେ ଶ୍ରୀକୃଷ୍ଣପୁର ପଞ୍ଚାୟତ ଗସ୍ତ କରି ପଶୁଲୁଣ୍ଡା ରାଉତ ସାହି ଠାରେ ଗୋବରୀ ନଦୀ ଉପରେ ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ସେତୁର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏହି ସେତୁ କାର୍ଯ୍ୟରେ ଅନିୟମିତତା ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ହୋଇଆସୁଛି । ଯାହାକୁ ନେଇ ବିଧାୟକ ଶ୍ରୀ ପ୍ରଧାନ ଆଜି ସେତୁ ସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ସେତୁ କାର୍ଯ୍ୟ ସଠିକ୍ ଭାବେ କରିବାକୁ ଉପସ୍ଥିତ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ, ଉମେଶ ଭଞ୍ଜ, ହରେକୃଷ୍ଣ ସାହୁ, ଚିତ୍ତରଞ୍ଜନ ସାହୁ, ତପନ କୁମାର ରାଉତ ଉପସ୍ଥିତ ଥିଲେ ।

## ଜଳିଗଲା ଲକ୍ଷାଧିକ ଟଙ୍କାର ଗାଡ଼ି

**ବାରିପଦା, ୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ଦାରୋଗାଡ଼ାହି ଛକ ନିକଟରେ ଥିବା କାଇନେଟିକ୍ ଶୋ' ରୁମ୍‌ରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଗାଡ଼ି ପୋଡ଼ି ଯାଇଛି । ଗତକାଲି ବିଳମ୍ବିତ ରାତିରେ ନିଆଁ ଲାଗିଥିବାରୁ ନିଆଁକୁ ଆୟତ୍ତ କରିବାରେ ବିଳମ୍ବ ହୋଇଥିଲା । ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ନେଇ ଅନୁମାନ କରାଯାଇଛି ।

## ବିବାହ ପାଇଁ ମନା କରିବାରୁ ବିଷ ପିଇଲେ ପ୍ରେମିକା

**ଭାପୁର, ୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଆଗରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ପ୍ରେମିକ ବିବାହ କରିବା ପାଇଁ ରାଜି ନ ହେବାରୁ ପ୍ରେମିକା ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଫତେଗଡ଼ ଥାନା ଆଗରେ ଯୁବତୀ ଜଣକ ପୋକମରା ଔଷଧ ପିଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ପ୍ରେମିକର ବାପା ଏବଂ ଫତେଗଡ଼ ଥାନା ପୁଲିସ ଯୁବତୀଙ୍କୁ ଅଟକାଇ ଥିଲେ ।

ସୂଚନା ଅନୁସାରେ, ଯୁବତୀଙ୍କ ଘର କାକଟପୁର ଥାନା କେନ୍ଦ୍ରାପଟି ଗ୍ରାମରେ ହୋଇଥିବା ବେଳେ ଯୁବକ ଜଣଙ୍କ ଘର ଫତେଗଡ଼ ଥାନା ବାରବାଟୀ ଗ୍ରାମରେ । ଚୁକ୍ତି ଅନୁଯାୟୀ ଦୁହେଁ ପ୍ରେମିକ ଏବଂ ପ୍ରେମିକାଙ୍କର ଆଜି କୋର୍ଟରେ ମ୍ୟାରେଜ୍ କରିବା ପାଇଁ ଆବେଦନ କରିବା ସହ ମନ୍ଦିର ବିବାହ ହୋଇଥାନ୍ତା । ଏଥିପାଇଁ ପ୍ରେମିକା ଶଙ୍ଖା ସିନ୍ଦୂର ଫୁଲ ମାଳା ସହ ନୂଆ ଶାଢ଼ି ନୂଆ କିଣିକି ଆଣିଥିବା କହିଛନ୍ତ । କିନ୍ତୁ ବିବାହ କରିବା ପାଇଁ ପ୍ରେମିକ ଶିବ ନାରାୟଣ ପଣ୍ଡା ରାଜି ନହେବାରୁ ପ୍ରେମିକା ବିଷ ପିଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ । ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଶିବ ନାରାୟଣ ଭୁବନେଶ୍ୱର କ୍ୟାଟେରିଂ କାମ କରୁଥିବା ବେଳେ ଯୁବତୀଜଣକ ସେଠାରେ ରହି ପାଠ ପଢୁଥିଲେ । ଦୁହିଁଙ୍କ ମଧ୍ୟରେ ୯ ବର୍ଷ ଧରି ପ୍ରେମ ସମ୍ପର୍କ ଗଢି ଉଠିଥିଲା । ବିବାହ ପାଇଁ ଉଭୟଙ୍କ ପରିବାର ଲୋକେ ରାଜି ଥିବା ବେଳେ ହଠାତ୍ ପ୍ରେମିକ ଶିବ ନାରାୟଣ ପଣ୍ଡା ବିବାହ ପାଇଁ ରାଜି ନହେବାରୁ ପ୍ରେମିକା ନିରାଶ ହୋଇ ଥାନା ଆଗରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ।

# ଅବ୍ୟବସ୍ଥାରେ ପାରଳା ସହରର ସମସ୍ତ ଶୌଚାଳୟ

**ପାରଳାଖେମୁଣ୍ଡି, ୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅବ୍ୟବସ୍ଥା ଘେରରେ ପାରଳା ସହରରେ ଥିବା ସମସ୍ତ ଶୌଚାଳୟ । ପରିଚାଳନା ଗତ ତ୍ରୁଟି ଯୋଗୁଁ ଅଧିକାଂଶ ଶୌଚାଳୟ ବର୍ତ୍ତମାନ ଅଚଳ ଅବସ୍ଥାରେ । ପ୍ରତିଦିନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ବାସିନ୍ଦା ଓ ସହରକୁ ଆସୁଥିବା ହଜାର ହଜାର ଜନସାଧାରଣ । ତେବେ ଗଜପତି ଜିଲ୍ଲା ପୌରପାଳିକାର ଦାୟିତ୍ୱହୀନତାକୁ ସବୁ ମହଲରେ କଡା ସମାଲୋଚନା କରାଯାଇଛି । ସହରର ବିଭିନ୍ନ ସ୍ଥାନରେ ଥିବା ପ୍ରାୟ ୧୦ଟି ଶୌଚାଳୟ ଅଚଳ ଅବସ୍ଥାରେ ରହିଛି । କେଉଁଠି ତାଲା ପଡିଛି ତ ଆଉ କେଉଁଠି ପାଣି ଅଭାବରୁ ବ୍ୟବହାର ହୋଇପାରୁନି ଆଉ କିଛି ଶୌଚାଳୟ ମରାମତି ନହୋଇ ଭାଙ୍ଗିରୁଜି ଯାଇଛି । ଫଳରେ ସ୍ୱଚ୍ଛ ଅଭିଯାନରେ ସରକାରଙ୍କ ଉଦ୍ଦେଶ୍ୟ ଠାରୁ ବହୁ ଦୂରରେ ରହି ଯାଇଛି ପାରଳା ପୌର ପରିଷଦ ।

ସବୁଠି ସମାନ ଅବସ୍ଥା । ସ୍ଥିତି ଏମିତି ହୋଇଛି କଉଟା ମରାମତି କରିବେ ଆଉ କଉଟା ତାଲା ଖୋଲି କାର୍ଯ୍ୟକାରୀ କରିବେ ତାହା ବି ପୌରପରିଷଦ ନିଷ୍ପତ୍ତି ନେଇପାରିନି । ସହରର ୧ ନମ୍ବର ୱାର୍ଡ ସୁବାସ ନଗର/ରେଲି ସାହିର ଥିବା ଶୌଚାଳୟ ନଷ୍ଟ ହୋଇଯାଇଥିବା ବେଳେ ବ୍ୟବହାର ଉପଯୋଗୀ ନହୋଇ ତାଲା ପଡ଼ି ରହିଛି । ସଦରା ବନ୍ଧ ନିକଟରେ ଥିବା ଶୌଚାଳୟର ମଧ୍ୟ ସମାନ ଅବସ୍ଥା, ପୂର୍ତ୍ତ ବିଭାଗର କଲୋନିରେ ଥିବା ଶୌଚାଳୟରେ ମଧ୍ୟ ତାଲା ପଡ଼ିଛି, ପାଣି ଅଭାବରୁ ବ୍ୟବହାର ହୋଇପାରୁନି, ମେଦିରି ସାହିର ମଧ୍ୟ ଶୌଚାଳୟରେ ରହିଥିବା ପେନ, ପାଇପ ଲାଇନ ସବୁ ନଷ୍ଟ




ହେଇଯାଇଛି ମରାମତି ନହୋଇ ପରି ଅଚଳ ଅବସ୍ଥାରେ ରହିଛି, ଶଙ୍କୁରି ବନ୍ଧ ନିକଟରେ ଥିବା ଶୌଚାଳୟ ମଧ୍ୟ ବ୍ୟବହର ଉପଯୋଗୀ ନାହିଁ । କଟକିଆ ସାହିରେ ଥିବା ଶୌଚାଳୟ ମଧ୍ୟ ଭଙ୍ଗା ଦଦରା ଅବସ୍ଥାରେ ରହିଛି । ସମାନ ଭାବରେ ନୂଆଁ ବାସଷ୍ଟାଣ୍ଡ ପରିସରରେ ଥିବା ଶୌଚାଳୟରେ ମରାମତି ଅଭାବରୁ ତାଲା ଝୁଲୁଛି । ଆଉ କିଛି ଶୌଚଳୟ ବାହାରୁ ଚକାଚକ କିନ୍ତୁ ଭିତରେ ସବୁ ନଷ୍ଟ ହୋଇଯାଇଛି କିନ୍ତୁ ସମସ୍ୟା ସମ୍ପର୍କରେ ପୌର ପ୍ରଶାସନ ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି ।

ସେହିଭଳି ଦୋଳବନ୍ଧ ନିକଟରେ, ଟାଉନ ହଲ ପରିସରରେ ଏଭଳି ତିନୋଟି ସ୍ଥାନରେ ମୁକ୍ତା ଯୋଜନା ମାଧ୍ୟମରେ ନୂତନ ଭାବରେ ଶୌଚାଳୟ ନିର୍ମାଣ କରଯାଇଛି କିନ୍ତୁ ସର୍ବସାଧାରଣ ବ୍ୟବହାର କରିବା ବଦଳରେ ଦୁଇବର୍ଷ ହେଲା ତାଲା ପଡିଛି ଫଳରେ କାମରେ ଲାଗି ପାରୁନି । ଅନ୍ୟପକ୍ଷରେ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ସର୍ବସାଧାରଣ ବ୍ୟବହାର ନିମନ୍ତେ ସହରରେ ଗୋଟିଏ ବି ଶୌଚାଳୟ ନଥିବାରୁ ଜନସାଧାରଣ ଶୌଚ ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ସହ ବାହାର ପରିସ୍ରା କରିବା ପାଇଁ ବାଧ ହେଉଛନ୍ତି । ବସ୍ତି ଅଞ୍ଚଳ ବାସିନ୍ଦା ବି ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କିନ୍ତୁ ବାହାରୁ ସହରକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ମହିଳା ମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ସମସ୍ୟା କହିଲେ ନସରେ । ତେବେ ଏନେଇ ପାରଳା ପୌରପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁଙ୍କ କହିବା ହେଲା ସହରରେ ମୋଟ ୧୬ ଗୋଟି ଶୌଚାଳୟ ରହିଛି ସେଥି ମଧ୍ୟରୁ ୪ଟି ସୁଲଭକୁ ହସ୍ତାନ୍ତର ହୋଇଛି । ନୂତନ ଭାବରେ ନିର୍ମାଣ ହୋଇଥିବା ୩ଟି କର୍ମଚାରୀ ଅଭାବରୁ କାର୍ଯ୍ୟକାରି ହୋଇ ପାରିନାହିଁ, ବଳକା ଯାହା ବିଭିନ୍ନ କାରଣରୁ ବନ୍ଦ ହୋଇ ରହିଛି ତା'ର ମରାମତି ପାଇଁ ଆସନ୍ତା ବୈଠକରେ ପ୍ରସ୍ତାବ ଦିଆଯିବ ପୌରପରିଷଦର ନିଷ୍ପତ୍ତି କ୍ରମେ ପଦକ୍ଷେପ ନିଆଯିବ । ତେବେ ବର୍ଷ ବର୍ଷ ଧରି ଅଚଳ ହୋଇ ରହିଥିବା ଶୌଚାଳୟକୁ ପୁନରୁଦ୍ଧାର କରିବା ଦିଗରେ ପୌରପରିଷଦ ପଦକ୍ଷେପ ନନେଇ ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବା ବଦଳରେ ବିଗାଡିବାରେ ପରୋକ୍ଷରେ ସହାୟକ ହେଉଥିବା ଚର୍ଚ୍ଚା ହେଉଛି ।

ଫେବୃଆରୀ ୧ ତାରିଖଠାରୁ ମହଙ୍ଗା ହେବ ସିଗାରେଟ୍ ଏବଂ ପାନ ମସଲା। ସରକାର ତମାଖୁ ଜାତୀୟ ଦ୍ରବ୍ୟ ଉପରେ ଲଗାଇଥିବା ଅତିରିକ୍ତ ଟିକସ ନିଷ୍ପତ୍ତିକୁ ଆସନ୍ତା ୧ ତାରିଖ ଠାରୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ପାନ ମସଲା, ସିଗାରେଟ୍, ତମାଖୁ ଓ ଏପରି ସମସ୍ତ ଦ୍ରବ୍ୟ ଉପରେ ୪୦ ପ୍ରତିଶତ ଜିଏସ୍‌ଟି ଲାଗୁ ହେବ । ବିଡ଼ି ପାଇଁ ୧୮ ପ୍ରତିଶତ ଜିଏସ୍‌ଟି ଲାଗିବ । ଏହାବାଦ୍ ଅତିରିକ୍ତ ଭାବେ ପାନ ମସଲା ଉପରେ ସ୍ୱାସ୍ଥ୍ୟ ଓ ଜାତୀୟ ସୁରକ୍ଷା ସେସ୍ ଲାଗୁ ହେବ । ସେଇଭଳି ତମାଖୁ ଓ ଏହାସହିତ ଜଡ଼ିତ ଦ୍ରବ୍ୟ ଉପରେ ଅତିରିକ୍ତ ଭାବେ ଅବକାରୀ ଶୁଳ୍କ ଆଦାୟ ହେବ । ଏହାର ଅର୍ଥ ଏଗୁଡ଼ିକର ଦାମ୍ ପୂର୍ବ ଅପେକ୍ଷା ଅଧିକ ହୋଇଯିବ ।



## ଓଡ଼ିଶା ଏକ୍ସପ୍ରେସ୍

### ୧୩ବର୍ଷ ପରେ ବି ଝୁଲୁଛି ଗୁଟ୍‌ଖା ମାଲ

୨୦୧୩ ମସିହା ଜାନୁଆରୀ ପହିଲାରେ ରାଜ୍ୟ ସରକାର ଗୁଟ୍‌ଖା ଉତ୍ପାଦନ, ବିକ୍ରି ଓ ବିତରଣ ସମେତ ନିକୋଟିନ୍ ଯୁକ୍ତ ପାନମସଲା ବିକ୍ରିକୁ ନିଷିଦ୍ଧ ଘୋଷଣା କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ଏଥିପାଇଁ ବିଜ୍ଞପ୍ତି ମଧ୍ୟ ଜାରି କରିଥିଲା । ଏହା ଭିତରେ ୧୩ ବର୍ଷ ବିତିଗଲାଣି, ଏବେବି ପାନ ଦୋକାନ ଏବଂ ଗାଁଗହଳିର ଛୋଟମୋଟ ସଉଦା ଦୋକାନରେ ଗୁଟ୍‌ଖା ମାଲ ଝୁଲୁଥିବାର ଦେଖିବାକୁ ମିଳୁଛି । ଅନେକେ ଏହାକୁ ସାଦା ପାନ ମସଲା ବୋଲି କହି ନିୟମକୁ ଏଡ଼େଇ ଚାଲିଛନ୍ତି । ସହରର ପାନ ଦୋକାନୀମାନେ ଖୋଲାଖୋଲି ଗୁଟ୍‌ଖା ମାଲ ଝୁଲାଇ ନରଖିଲେ ମଧ୍ୟ ଦୋକାନୀ ଏବଂ ଗରାଖଙ୍କ ଭିତରେ ଠାରଠୁରରେ ଚାଲିଛି ବିକ୍ରି ।

ଆମ ରାଜ୍ୟରେ ମୁଖଗହ୍ୱର କର୍କଟ ରୋଗୀଙ୍କ ସଂଖ୍ୟା ବଢୁଛି । ଏଥିରେ ଯୁବପିଢ଼ିଙ୍କ ସଂଖ୍ୟା ଅଧିକ । ସ୍କୁଲ୍, କଲେଜ, ଇଂଜିନିୟରିଂ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଗୁଟ୍‌ଖା ନିଶାରେ ଏବେ ଆଗୁଆ । ଛାତ୍ରୀମାନେ ମଧ୍ୟ ସିଗାରେଟ୍ ଟାଣିଲେଣି ।

ନିୟମ ଥିଲା ଶିକ୍ଷାନୁଷ୍ଠାନର ୫୦୦ ମିଟର ଭିତରେ ପାନ ଦୋକାନ କି ମଦ ଦୋକାନ ରହିପାରିବନି । ଏ ନିୟମର କଡ଼ାକଡ଼ି ପାଳନ ହେଉନି ଅନେକ ଜାଗାରେ । ଶିକ୍ଷାନୁଷ୍ଠାନର ୫୦୦ ମିଟର ଭିତରେ ମଧ୍ୟ ରହିଛି ପାନ। ଦୋକାନ । ସେସବୁ ଦୋକାନରେ ଲୁଚାଛପାରେ ମଧ୍ୟ ଚାଲିଛି ଏସବୁ ନିଶାଦ୍ରବ୍ୟର ବିକ୍ରି ।

ସବୁଠୁ ଦୁର୍ଭାଗ୍ୟ ଏବଂ ବିଡମ୍ବନାର ବିଷୟ ହେଉଛି– ଏସବୁ କ୍ଷତିକାରକ ତମାଖୁଜାତ ପାଉଚ୍ ଏବଂ ଗୁଟ୍‌ଖା ମାଲ ଯେଉଁଠି ତିଆରି ହୋଇଛି ସେ କମ୍ପାନୀ ଉପରେ ଚଢ଼ାଉ କରାଯାଉନି କି ତାଲା ପକାଯାଉନି ସେ କମ୍ପାନୀରେ । ଯଦି ସେସବୁ କାରଖାନା ନଥାନ୍ତା ସେସବୁ ଆସନ୍ତା କେମିତି ବଜାରକୁ? ବିକ୍ରିଉପରେ ରୋକ୍ ଲଗାଯିବାର ନିୟମ ରହିଛି ଅଥଚ ଏସବୁ କ୍ଷତିକାରକ ନିଶାଦ୍ରବ୍ୟ ଯେଉଁଠି ତିଆରି ହେଉଛି ସେ ଶିଳ୍ପ କାରଖାନା ପ୍ରତି କଠୋରତା ନାହିଁ ।

ମଦ ନ ପିଇବାକୁ ଲୋକଙ୍କୁ ସଚେତନ କରାଯାଉଛି, ସମତାଳରେ ମଦ ଦୋକାନ ଏବଂ ବାର୍ ଖୋଲାଯାଉଛି ଯେମିତିକି ଲୋକେ ଅତି ସୁବିଧାରେ ଏବଂ ହାତ ପାଆନ୍ତାରେ ମଦ ପାଇପାରିବେ । ମଦ ରାଜସ୍ୱ ଦେଉଛି, ତେଣୁ ମଦ ନିଷେଦ୍ଧ କଲେ କୁଆଡ଼େ ବିକାଶରେ ବାଧା ସୃଷ୍ଟି ହେବ ବୋଲି କୈଫିୟତ ମିଳୁଛି । ଠିକ୍ ସେମିତି ତମାଖୁ, ସିଗାରେଟ୍, ଗୁଟ୍‌ଖା ମଧ୍ୟ ରାଜସ୍ୱ ଦେଉଛି । ଏଇ କାରଣରୁ ବୋଧେ ଏସବୁ ବିକ୍ରି ଉପରେ ସରକାରଙ୍କର ନମନୀୟ ମନୋଭାବ ରହିଛି ।

ତଥାପି ଏକ ଆଶା ଉଦ୍ରେକକାରୀ ଖବର ହେଉଛି– ଫେବୃଆରୀ ୧ ତାରିଖଠାରୁ ମହଙ୍ଗା ହେବ ସିଗାରେଟ୍ ଏବଂ ପାନ ମସଲା। ସରକାର ତମାଖୁ ଜାତୀୟ ଦ୍ରବ୍ୟ ଉପରେ ଲଗାଇଥିବା ଅତିରିକ୍ତ ଟିକସ ନିଷ୍ପତ୍ତିକୁ ଆସନ୍ତା ୧ ତାରିଖ ଠାରୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ପାନ ମସଲା, ସିଗାରେଟ୍, ତମାଖୁ ଓ ଏପରି ସମସ୍ତ ଦ୍ରବ୍ୟ ଉପରେ ୪୦ ପ୍ରତିଶତ ଜିଏସ୍‌ଟି ଲାଗୁ ହେବ । ବିଡି ପାଇଁ ୧୮ ପ୍ରତିଶତ ଜିଏସ୍‌ଟି ଲାଗିବ । ଏହାବାଦ୍ ଅତିରିକ୍ତ ଭାବେ ପାନ ମସଲା ଉପରେ ସ୍ୱାସ୍ଥ୍ୟ ଓ ଜାତୀୟ ସୁରକ୍ଷା ସେସ୍ ଲାଗୁ ହେବ । ସେଇଭଳି ତମାଖୁ ଓ ଏହାସହିତ ଜଡ଼ିତ ଦ୍ରବ୍ୟ ଉପରେ ଅତିରିକ୍ତ ଭାବେ ଅବକାରୀ ଶୁଳ୍କ ଆଦାୟ ହେବ । ଏହାର ଅର୍ଥ ଏଗୁଡ଼ିକର ଦାମ୍ ପୂର୍ବ ଅପେକ୍ଷା ଅଧିକ ହୋଇଯିବ ।

ପ୍ରଶ୍ନ ଉଠୁଛି ଯେତେବେଳେ ସ୍କୁଲ୍, କଲେଜ ଏବଂ ଇଂଜିନିୟରିଂ କଲେଜ ସ୍ତରର ଛାତ୍ରଛାତ୍ରୀମାନେ ଗୁଟ୍‌ଖା ଏବଂ ସିଗାରେଟ୍ ନିଶାରେ ଅଭ୍ୟସ୍ତ ହୋଇପଡ଼ିଲେଣି, ସେମାନଙ୍କ ପାଇଁ ଏସବୁ ନିଶା ଦ୍ରବ୍ୟର ଦର ବୃଦ୍ଧି ବିଶେଷ ପ୍ରଭାବ ପକାଇବ ନାହିଁ । କାରଣ ଏମାନେ ସମସ୍ତେ ପ୍ରାୟ ଧନିକ ବର୍ଗର ବାପା-ମା’ଙ୍କ ସନ୍ତାନ । ତେଣୁ ନିଶା ଦ୍ରବ୍ୟର ଦରବୃଦ୍ଧି ଯେ ଏମାନଙ୍କ ପାଇଁ ସମସ୍ୟା ହେବ ଏବଂ ନିଶାଦ୍ରବ୍ୟ ବିକ୍ରି କମିବ ସେ ଆଶା ନାହିଁ । ବେପାରୀଙ୍କ ଲାଭ ମଧ୍ୟ ସମାନ ରହିବ । କାରଣ ଗରିବଗୁରୁବାମାନେ ନ କିଣିପାରିଲେ ମଧ୍ୟ ଧନିକ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏ ନିଶାକୁ ଛାଡ଼ିପାରିବେ ନାହିଁ, ସେମାନେ କିଣିବେ । ତେଣୁ ସରକାରଙ୍କ ସେମିତି ବିଶେଷ କିଛି ରାଜସ୍ୱ କମିବନି । କିନ୍ତୁ ଯୁବପିଢ଼ିଙ୍କୁ କିଭଳି ଏ ସମସ୍ୟାରୁ ମୁକ୍ତ କରାଯାଇପାରିବ ସେଇଟା ହିଁ ମୂଳ ପ୍ରଶ୍ନ । କାରଣ ସେଇମାନେ ହିଁ ଆଗାମୀ ଦିନର ଦେଶର ଭବିଷ୍ୟତ ।

# ଭବିଷ୍ୟତକୁ ଅତୀତର ବାର୍ତ୍ତା



## ମୂଲ୍ୟବୋଧ

**ଅରବିନ୍ଦ ରାଉତରାୟ**

ଇଂରେଜୀ ନବବର୍ଷ ଭିତିରେ ୨୦୨୫ର ସ୍ଥିତି ଓ ଅବସ୍ଥିତି ଅତୀତ ହୋଇଯାଇଛି । ଭବିଷ୍ୟତର ଆଶା ଓ ଆକାଂକ୍ଷା ନେଇ ସମଗ୍ର ବିଶ୍ୱକୁ ସ୍ୱାଗତ ଜଣାଇଛି ୨୦୨୬ ମସିହା । ଲାଟିନ ଆମେରିକୀୟ ରାଷ୍ଟ୍ର ଭେନିଜୁଆଲା ଉପରେ ଆମେରିକାର ଆକ୍ରମଣ ଏବଂ ଋଷ, ଚୀନ ଓ ଇରାନର ବିରୋଧ ସମଗ୍ର ବିଶ୍ୱ ପାଇଁ ସମ୍ବେଦନଶୀଳ ବାର୍ତ୍ତା ଦେଇଛି । ଏହି ଆନ୍ତର୍ଜାତିକ ପ୍ରସଙ୍ଗରେ ଭାରତ ନୀରବ ରହିଛି । ଜାତିସଂଘର ଜରୁରୀ ବୈଠକ ଆହୂତ ପାଇଁ ଋଷ ଓ ଚୀନର ଦାବିକୁ ଆମେରିକା ପ୍ରତ୍ୟାଖ୍ୟାନ କରିଛି । ଏଣେ ବର୍ଷ, ମାସ ଓ ଦିନ ଅତିକ୍ରମ କରିଥିବା ବିଗତବର୍ଷ ନୂଆବର୍ଷକୁ ସ୍ୱାଗତ ଜଣାଇବା ସହ ବହୁ ଲୋଡା ଏବଂ ଅଲୋଡା ଉପହାର ସମର୍ପି ଦେଇଛି । ଦେଶରେ ସେସବୁ ପ୍ରସଙ୍ଗ ଅର୍ଥନୈତିକ ହେଉ ବା ସାମାଜିକ, କୂଟନୈତିକ ଓ ବୈଦେଶିକ ହେଉ ସମଗ୍ର ବିଶ୍ୱକୁ ନିଆରା ବାର୍ତ୍ତା ଦେଉଛି । କେତେକ କ୍ଷେତ୍ରରେ ବିଗତ ବର୍ଷର ଅନାବଶ୍ୟକ ପ୍ରସଙ୍ଗ ଭବିଷ୍ୟତରେ ଯେପରି ପୁନରାବୃତ୍ତି ନ ଘଟେ, ସେଥିଲାଗି ଚେତାବନୀ ମଧ୍ୟ ଦେଇଛି । ବର୍ଷ ତମାମ ଦେଶ ସମ୍ମୁଖୀନ ହୋଇଥିବା ନକରାତ୍ମକ ସ୍ଥିତି ନୂତନ ବର୍ଷରେ ଯେପରି ଦୁର୍ବଳରୁ ଅତି ଦୁର୍ବଳ ହେବ, ସେଥିପାଇଁ ବିକଳ୍ପ ପରିବେଶ ସୃଷ୍ଟି ଭାରତ ସମ୍ମୁଖରେ ଆହ୍ୱାନ ସଦୃଶ ଛିଡା ହୋଇଛି । ନକରାତ୍ମକ ପରିବେଶ ପରିବର୍ତ୍ତେ ଭାରତ କିପରି ସକରାତ୍ମକ ସ୍ଥିତି ସୃଷ୍ଟି କରୁଛି, ତା’ଉପରେ ସମଗ୍ର ବିଶ୍ୱର ନିଜର ସ୍ୱଷ୍ଟ ହୋଇଯାଇଛି । କାରଣ ଆମେରିକାର ଉତ୍ତମ ବିଶ୍ୱାସ ଠାରୁ ଦୂରରେ ରହି ଋଷ ସହ ସୁସଂପର୍କ ଦୋହରାଇବାକୁ ସବୁପ୍ରକାର ପ୍ରୟାସ ଜାରି ରଖିଥିବା ନୂଆଦିଲ୍ଲୀ ଆଉ ଜାଣିବାକୁ ବାକି ନାହିଁ ଯେ, ଅନ୍ତର୍ଜାତୀୟ ପ୍ରସଙ୍ଗରେ ପଡୋଶୀ ରାଷ୍ଟ୍ର ଚୀନ, ଋଷ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯୋଡି ହୋଇରହିଛି । ଏହାର ସରଳ ଦୃଷ୍ଟାନ୍ତ ହେଲା, ଭେନିଜୁଆଲା ପ୍ରସଙ୍ଗରେ ଆକ୍ରମଣକାରୀ ଆମେରିକାକୁ ଉଭୟ ଦେଶର ତୀବ୍ର ବିରୋଧ ଓ ଜାତିସଂଘର ଜରୁରୀ ଅଧିବେଶନ ଆହୂତ ପ୍ରସ୍ତାବ । ହେଲେ ଏ ପ୍ରସଙ୍ଗରେ ଭାରତର ମନୋଭାବ ଏବେବି ଅସ୍ୱଷ୍ଟ । ଆମେରିକାକୁ ସମର୍ଥନ କରିପାରୁଛି ନା ଋଷ ଓ ଚୀନର ବିରୋଧାଭାବକୁ ଖୋଲାଖୋଲି ସମର୍ଥନ ଜଣାଇ ପାରୁଛି ।

ତେବେ ସେ ଯାହା ହେଉନା କାହିଁକି, ଏବେ ଆମେ ପୃଷ୍ଠା ଲେଉଟାଇବା ଭବିଷ୍ୟତକୁ ଅତୀତର ବାର୍ତ୍ତା ଗ୍ରନ୍ଥର । ଏ ସଂପର୍କିତ ମୁଖ୍ୟ ଚାରିଟି ପ୍ରସଙ୍ଗ ମଧ୍ୟରୁ ପ୍ରଥମ ସ୍ଥାନରେ ରହିଛି ଅର୍ଥନୈତିକ ଦିଗ । ୨୦୨୫ ରେ ଦେଶର ଅର୍ଥନୈତିକ ସ୍ଥିତି ଯେ ଅତ୍ୟନ୍ତ ସମ୍ବେଦନଶୀଳ ଏଥିରେ ସନ୍ଦେହ ନାହିଁ । ସ୍ୱାଧୀନତା ପ୍ରାପ୍ତିର ଅମୃତ ମହୋତ୍ସବ ପାଳନ କରିଥିବା ଭାରତ ମୁଦ୍ରାର ଦୁର୍ବଳ ସ୍ଥିତିକୁ ସମଗ୍ର ବିଶ୍ୱ ସମ୍ମୁଖରେ ସ୍ୱୀକାର କରିବାକୁ ବାଧ୍ୟ ହୋଇଛି । ମୁଦ୍ରାର କ୍ରୟଶକ୍ତି ପ୍ରଥମଥର ପାଇଁ ଆମେରିକୀୟ ଡଲାର ତୁଳନାରେ ଏକାନବେ ଟଙ୍କା ସ୍ପର୍ଶ କରିଛି । ଏ କ୍ଷେତ୍ରରେ ସ୍ଥିରତା ଆଣିବା ଲାଗି ଦେଶର କେନ୍ଦ୍ରୀୟ ବ୍ୟାଙ୍କ ବିନିମୟ ମୁଦ୍ରାକୋଷରୁ ସାଢେ ତିନିଲକ୍ଷ ଡଲାର ଖୋଲା ବଜାରରେ ବିକ୍ରି କରିବାକୁ ପସନ୍ଦ କରିଛି । ଏହା ସତ୍ତ୍ୱେ ବିଶ୍ୱର ଚତୁର୍ଥ ଆର୍ଥିକ ଶକ୍ତିଶାଳୀ ରାଷ୍ଟ୍ର ଭାରତର ଅର୍ଥନୈତିକ ମାପଦଣ୍ଡକୁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ନାପସନ୍ଦ କରିବା ସହିତ ‘ସି-ଗ୍ରେଡ୍’ ଦେଇ ବିଦେଶୀ ପୁଂଜି ନିବେଶକାରୀଙ୍କ ମନରେ ସଂଶୟ ସୃଷ୍ଟି କରିଛି । ଦେଶର ଅଣଯୋଜନା ବ୍ୟୟ ଏତେ ବଢିଯାଇଛି ଯେ, ବିଶ୍ୱ ବ୍ୟାଙ୍କର ପ୍ରଥମ ଦଶଟି ଋଣୀ ରାଷ୍ଟ୍ର ତାଲିକାର ଶୀର୍ଷସ୍ଥାନରେ ଭାରତ ରହିଛି । ପରିସ୍ଥିତି ଜଟିଳ ହୋଇ, ଭାରତୀୟଙ୍କ ମୁଣ୍ଡପିଛା ଋଣବୋଝ ପାଞ୍ଚଲକ୍ଷ ଟଙ୍କାରେ ପହଞ୍ଚିଛି । ଏଗାର ବାରବର୍ଷ ତଳେ ଦେଶର ଋଣ ବୋଝ ଯାହାଥିଲା, ୨୦୨୫ ରେ ତାହା ପ୍ରାୟ ପାଞ୍ଚଗୁଣ ବଢିଯାଇଛି । ଦେଶର ଅର୍ଥନୈତିକ ସ୍ଥିତି ଯେ କେବଳ ନକରାତ୍ମକ ଅବସ୍ଥାର ସମ୍ମୁଖୀନ ହେଉଛି ତାହା ନୁହେଁ, ବିଶ୍ୱର ବୃହତ ବଜାର ତାଲିକାରେ ସବୁଠୁ ଆଗରେ ରହିଛି । ଚୀନ ଓ ଆମେରିକା ସମେତ ବୃହତ ଉତ୍ପାଦନକାରୀ ରାଷ୍ଟ୍ର ଭାରତୀୟ ବଜାରକୁ ଛାଡି ବାଣିଜ୍ୟିକ ସଫଳତା ହାସଲ କରିବା ଏକପ୍ରକାର ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ । ଇତିମଧ୍ୟରେ ନୂଆଦିଲ୍ଲୀ ବାରଟି ରାଷ୍ଟ୍ର ସହ ମୁକ୍ତ ବାଣିଜ୍ୟ ରାଜିନାମା ମଧ୍ୟ ସ୍ୱାକ୍ଷର କରିଛି । ହେଲେ ନୂତନବର୍ଷର ଆଗମନକୁ ଆନନ୍ଦଉଲ୍ଲାସରେ ପାଳନ କରିଥିବା ନ୍ୟୁଜିଲାଣ୍ଡ୍‌ର ବିରୋଧୀ ଦଳ ଭାରତଠାରୁ ମୁକ୍ତ ବାଣିଜ୍ୟ ରାଜିନାମାରୁ ଅଲଗା ହୋଇଯିବାକୁ ଯୁକ୍ତି ବାଢିଛନ୍ତି ।

ସବୁଠାରୁ ସଂବେଦନଶୀଳ ପ୍ରସଙ୍ଗ ହେଲା ଦେଶରେ ବେକାରୀ ସଂଖ୍ୟା ବୃଦ୍ଧିର ଅବାଧ ଗତି । ଆମେରିକୀୟ ଅତିରିକ୍ତ ଶୁଳ୍କ କଟକଣା ରପ୍ତାନି ଶିଳ୍ପର ଉତ୍ପାଦନ ହ୍ରାସ ଘଟାଇବାରେ ସଫଳ ହୋଇଛି । ବିଗତ ଏଗାର ବର୍ଷ ମଧ୍ୟରେ ଦୁଇଲକ୍ଷରୁ ଅଧିକ ଛୋଟ ବଡ଼ ଶିଳ୍ପ ଉତ୍ପାଦନ ବନ୍ଦ ରଖିବା ଯୋଗୁଁ ବେକାରୀ ସମସ୍ୟା ଉତ୍କଟ ହେବା ସ୍ୱାଭାବିକ । ବ୍ୟାଙ୍କ୍ ଶିଳ୍ପର ପରିଚାଳନାଗତ ତ୍ରୁଟି ବିଚ୍ୟୁତି ଓ ଅନାଦେୟ ପୁଂଜି କାୟାବୃଦ୍ଧି ଯୋଗୁଁ ସରକାରଙ୍କୁ ପଚିଶ ଲକ୍ଷ କୋଟି ଟଙ୍କା ଛାଡ କରିବାକୁ ପଡିଛି । କେନ୍ଦ୍ରୀୟ ବ୍ୟାଙ୍କ ପ୍ରତିବର୍ଷ ଲାଭାଂଶ ଆକାରରେ ସରକାରଙ୍କୁ ଟେକି ଦେଉଥିବା ଏକଲକ୍ଷ କୋଟି ଟଙ୍କା ବ୍ୟାଙ୍କ ଶିଳ୍ପରେ କ୍ଷତି ଭରଣାରେ ଚାଲିଯାଉଛି । ଏସବୁ ବିପୁଳ ଆର୍ଥିକ ଫାଇଦା ଯାଉଛି ବଡ ବଡ ଋଣ ନେଇ ସୁଝି ନଥିବା ବୃହତ ଶିଳ୍ପଦ୍ୟୋଗୀଙ୍କ ହାତକୁ । ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରିବାରେ ବ୍ୟସ୍ତ, ହେଲେ ୨୦୨୫ ରେ ସେଥିରୁ ୧୩ ପ୍ରତିଶତ କେବଳ ବ୍ୟୟ ହୋଇଛି ପ୍ରଚାର ଓ ପ୍ରସାର ବାବଦରେ । ପୂର୍ବ ଦୁଇବର୍ଷରେ ସେସବୁ ଯୋଜନା ବାବଦ ବିଜ୍ଞାପନ ଖର୍ଚ୍ଚ ଏଗାର ଓ ନଅ ଶତାଂଶ ଥିବା ବେଳେ ବିଗତ ବର୍ଷରେ ଏତେ ବଢିଯିବାର କାରଣ ଜଣାପଡୁନାହିଁ । ଅହେତୁକ ଅନୁକମ୍ପା ହିଁ ଏହି ବ୍ୟୟବୃଦ୍ଧି ପ୍ରସଙ୍ଗର ଏକମାତ୍ର କାରଣ ହୋଇପାରେ ।

ଏବେ ଆସିବା ସାମାଜିକ କଲ୍ୟାଣ କ୍ଷେତ୍ରକୁ । ଭାରତୀୟ ନାଗରିକଙ୍କ ମୁଣ୍ଡପିଛା ଋଣ ପାଞ୍ଚଲକ୍ଷ ଟଙ୍କା ଛୁଇଁଥିବା ବେଳେ ଆୟ ଏକଲକ୍ଷରୁ ହ୍ରାସ ପାଇ ୮୯ ହଜାର ଟଙ୍କାରେ ପହଞ୍ଚିଛି । ଜୀବନ ଧାରଣ ମାନରେ ସ୍ୱଳ୍ପ ଆୟ ଅସଫଳ ହେଉଥିବାରୁ ସେ କ୍ଷେତ୍ରର ଭରଣା ନିର୍ଭରଶୀଳ ସାମାଜିକ କଲ୍ୟାଣ ଯୋଜନା ଉପରେ । ଆନ୍ତର୍ଜାତିକ କ୍ଷେତ୍ରରେ ଏହି ଯୋଜନା ଭାରତରେ ବିପଥଗାମୀ ହେବାର କାରଣ ଅସ୍ୱଷ୍ଟ ରହିଛି । ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ଧର୍ମନିରପେକ୍ଷତାର ଅଭାବ ଯୋଗୁ ଲକ୍ଷ ଲକ୍ଷ ଦେଶବାସୀଙ୍କୁ ନାଗରିକତ୍ୱ ଛାଡି ଅନ୍ୟ ଦେଶର ନାଗରିକତା ଗ୍ରହଣ କରିବାକୁ ପଡୁଛି । ଆର୍ଥିକ ଅସମତା ଦିନକୁ ଦିନ ବଢିବାରେ ଲାଗିଛି । ଦଶ ପ୍ରତିଶତ ଲୋକଙ୍କ ହାତରେ ଷାଠିଏ ଶତାଂଶ ଧନ ସମ୍ପତ୍ତି ରହିଥିବା ସ୍ଥଳେ ଅବଶିଷ୍ଟ ନବେ ଭାଗ ଅଧିବାସୀ ମାତ୍ର ଚାଳିଶ ପ୍ରତିଶତ ସମ୍ପତ୍ତିର ଅଧିକାରୀ । ପ୍ରଚଳିତ ଆର୍ଥିକ ଅସମତା ଧନୀଙ୍କୁ ଅଧିକ ଧନୀ କରୁଛି ତ, ଗରିବ ଅତିଗରିବ ସ୍ତରକୁ ଚାଲିଯାଉଛି । ଏହାର ବଳିଷ୍ଠ ଉଦାହରଣ ହେଲା ଭୋକ ଉପାସରେ କାଳାତିପାତ କରୁଥିବା ଅଶୀ କୋଟି ଦେଶବାସୀଙ୍କ ପାଇଁ ଲାଗୁ ହେଉଥିବା ଗରିବ କଲ୍ୟାଣ ଯୋଜନା ଓ ମାସିକ ପାଞ୍ଚକିଲୋ ରାସନ ବ୍ୟବସ୍ଥା । ଭୋଟ ପୂର୍ବରୁ ମହିଳାଙ୍କୁ ‘ସିଡମନି’ ବି ବ୍ୟାଙ୍କ ଋଣ ଯୋଗାଣକୁ ପ୍ରୋତ୍ସାହିତ କରୁଥିବା ଦେଶ ଏବେବି ଭୋକିଲା ତାଲିକାରେ ପଡୋଶୀ କ୍ଷୁଦ୍ର ରାଷ୍ଟ୍ରଠାରୁ ବହୁ ଦୂରରେ ରହିଛି । ଏହାର କାରଣ ଖୋଜି ବସିଲେ ଉତ୍ତର ମିଳେ ବର୍ଦ୍ଧିତ ଜନସଂଖ୍ୟା ଓ ସାମାଜିକ କଲ୍ୟାଣ ଯୋଜନାର ବିଫଳତା । ଗରିବ ଓ ଧନୀ ମଧ୍ୟରେ ପାର୍ଥକ୍ୟକୁ ସଂକୁଚିତ କରାଇବାରେ ଯୋଜନାର ବିଫଳତା ସ୍ୱଷ୍ଟ ବାରି ହୋଇପଡୁଛି ଭାରତରେ । ଏ କ୍ଷେତ୍ରର ସରକାରୀ ବିଚାରଧାରା ଆନ୍ତର୍ଜାତିକ ସ୍ତରରେ ଗ୍ରହଣୀୟ ନ ହେବାର ବହୁବିଧ କାରଣର ପରିସମାପ୍ତି ଅପରିହାର୍ଯ୍ୟ ହୋଇଛି ।

ଅନ୍ତରାଷ୍ଟ୍ରୀୟ କୂଟନୀତି, ବୈଦେଶିକ ନୀତି ଓ ଅର୍ଥନୀତିର ବିଶ୍ୱସ୍ତରୀୟ ଗ୍ରହଣୀୟତା ଏକରାଷ୍ଟ୍ରକୁ ସବୁସ୍ତରରେ ସମୃଦ୍ଧ କରିଥାଏ । ହେଲେ କୂଟନୈତିକ ଅସଫଳତା ଦେଶକୁ ସମୃଦ୍ଧି ତାଲିକାରେ ବହୁ ପଛକୁ ଟାଣି ନେବା କିଛି ଅସମ୍ଭବ ନୁହେଁ । ଭାରତ ଓ ଆମେରିକା ମଧ୍ୟରେ କୂଟନୈତିକ ବିଫଳତା ଅତିରିକ୍ତ ଶୁଳ୍କ ଚାପରେ ଆର୍ଥିକ ବିଫଳତାକୁ ଆମନ୍ତ୍ରଣ କରିଛି । ଋଷରୁ ଶସ୍ତା ଅଶୋଧିତ ତୈଳ କିଣା ଏହାର ମୁଖ୍ୟକାରଣ ହୋଇପାରେ । ଅଧିକାଂଶ ପ୍ରସଙ୍ଗରେ ଋଷ ଓ ଚୀନ ଆମେରିକାକୁ ବିରୋଧ କରୁଥିବା ବେଳେ, ଭାରତ ଋଷ ସହ ସୁସଂପର୍କ ରଖି ସୁଦ୍ଧା ‘କେଉଁ କୂଳକୁ’ ନହେବା ସ୍ଥିତିରେ ପହଞ୍ଚିଛି । ଏଣେ ୟୁକ୍ରେନ୍‌କୁ ସମର୍ଥନ ଓ ତେଣେ ଋଷ ସହ ବନ୍ଧୁତା କୂଟନୈତିକ ଅସଫଳତାର ବଳିଷ୍ଠ ଦୃଷ୍ଟାନ୍ତ । ହାଲି ଭେନିଜୁଆଲା ଉପରେ ଆମେରିକାର ଆକ୍ରମଣ ପ୍ରସଙ୍ଗରେ ଭାରତର ନୀରବତା ମଧ୍ୟ ଆଉ ଏକ କୂଟନୈତିକ ଅସଫଳତାର ନମୁନା ହୋଇପାରେ । ଭାରତ ଏବେ ପୂର୍ବପରି ଋଷର ଅଶୋଧିତ ତୈଳ କିଣିବାରେ ବିଫଳ ହୋଇଛି ମଧ୍ୟ । ଇସ୍ରାଏଲ ଓ ଇରାନ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣାତ୍ମକ ସ୍ଥିତି ଉପୁଜିଥିବା ସ୍ଥଳେ ନୂଆଦିଲ୍ଲୀର ସ୍ଥିତି ଅସ୍ୱଷ୍ଟ । ଏଣେ ଇସ୍ରାଏଲ କାନ୍ଧରେ ହାତତ, ତେଣେ ଇରାନ ସହ ଭଲ ସଂପର୍କ । କାରଣ ଇରାନକୁ ଋଷର ସମର୍ଥନ ଅତୁଟ ରହିଛି । ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର ହେଉ ବା ସନ୍ତ୍ରାସବାଦ ବିଲୋପ ପ୍ରସଙ୍ଗ ହେଉ ଭାରତର କୂଟନୈତିକ ସଫଳତା ବହୁ ପଛରେ ରହିଛି । ଭାରତ-ପାକିସ୍ତାନ ଯୁଦ୍ଧକୁ ବିରତ ରଖିବା ପାଇଁ ଆମେରିକାର ହସ୍ତକ୍ଷେପକୁ ଭାରତ ଅଗ୍ରାଧିକାର ଦେଇଛି । ହେଲେ ଯୁଦ୍ଧ କ୍ଷେତ୍ରରେ ଚୀନ ନିର୍ମିତ ଗୁଳିଗୋଳା ଠାରୁ ଆରମ୍ଭ କରି ଯୁଦ୍ଧ ଓ ଲଢୁଆ ବିମାନକୁ ପାକିସ୍ଥାନ ପ୍ରତିରକ୍ଷା ବାହିନୀ ବ୍ୟବହାର କରୁଛି ଭାରତ ବିରୋଧରେ । ଅପରେସନ ସିନ୍ଦୁରରେ ତୁର୍କୀର ଲଢୁଆ ଡ୍ରୋନ୍ ଭାରତୀୟ ସୀମାରେ ଆକ୍ରମଣ କରିଥିବା ପ୍ରସଙ୍ଗ ବିଶ୍ୱସ୍ତରରେ କାହାକୁ ଅଛପା ନାହିଁ । ଏହାକୁ ଭାରତର କୂଟନୈତିକ ଅସଫଳତା ବ୍ୟତୀତ ଆଉ କ’ଣ କୁହାଯାଇପାରେ ।

ଏବେ ଆସିବା ଦେଶର ବୈଦେଶିକ ନୀତିକୁ । ଆଫଗାନିସ୍ଥାନକୁ ବାଦ ଦେଲେ ଭାରତ ସହ ସୁସ୍ଥ ବୈଦେଶିକ ସମ୍ପର୍କ ରକ୍ଷା କ୍ଷେତ୍ରରେ ପଡୋଶୀ ରାଷ୍ଟ୍ର ଚୀନ ପ୍ରତିବନ୍ଧକ ସାଜିଛି । ଦେଶର ବୃହତ ବଜାରରେ ଚୀନ ଉତ୍ପାଦିତ ସାମଗ୍ରୀ ଏକପ୍ରକାର ଆଧିପତ୍ୟ ଜାହିର ରଖିଛି । ଏଣେ ଭାରତୀୟ ଉତ୍ପାଦନ କ୍ଷେତ୍ର ଚୀନରୁ ଉତ୍ପାଦିତ କଞ୍ଚାମାଲ ଉପରେ ନିର୍ଭରଶୀଳ । ପାକିସ୍ତାନରେ ବେଇଜିଂ ‘ଅର୍ଥନୈତିକ କରିଡର’ ପ୍ରତିଷ୍ଠା କରି ଇସଲାମାବାଦକୁ ନିଜ ନିୟନ୍ତ୍ରଣକୁ ପରୋକ୍ଷରେ ନେଇଯିବା କିଛି ଅସତ୍ୟ ନୁହେଁ । ଶ୍ରୀଲଙ୍କାର ପ୍ରମୁଖ ବନ୍ଦରରେ ଚୀନର କାରବାର ବୃଦ୍ଧି ଓ ବାଂଲାଦେଶକୁ ଆର୍ଥିକ ସହାୟତା ବୃଦ୍ଧି ମାଧ୍ୟମରେ ଚୀନ ଭାରତ ବିରୋଧରେ ପଡୋଶୀ ଦେଶଗୁଡ଼ିକୁ ଏକଜୁଟ କରିବାରେ ସଫଳ ହୋଇଛି । କ୍ଷୁଦ୍ର ରାଷ୍ଟ୍ର ନେପାଳ ମଧ୍ୟ ଭାରତ ବିରୋଧୀ ମନ୍ତ୍ରରୁ ଅଲଗା ହେଉନାହିଁ । ଚୀନର ବୈଦେଶିକ ଓ ଆର୍ଥିକ ନୀତି ସଫଳ ହୋଇଛି ଭାରତକୁ ଏ କ୍ଷେତ୍ରରେ ଏକଘରକିଆ ରଖିବା ଲାଗି । କେବଳ ସେତିକି ନୁହେଁ, ଆନ୍ତର୍ଜାତିକ କ୍ଷେତ୍ରରେ ବହୁ ସମ୍ବେଦନଶୀଳ ପ୍ରସଙ୍ଗକୁ ଭାରତ ବିରୋଧୀ କରାଇବାରେ ବେଇଜିଂ ସଫଳ ହୋଇଛି ।

ସମଗ୍ର ବିଶ୍ୱରେ ଭାରତ ଏକଦା ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ମାନ୍ୟତା ବଜାୟ ରଖିବାରେ ସଫଳ ହୋଇଥିଲା । ନିର୍ବାଚନୀ ନିରପେକ୍ଷତା ଓ ପରିଚାଳନାଗତ ସାଧୁତା ଏହି ମାନ୍ୟତାର ମୁଖ ମୂଳଦୁଆ ଥିଲା । ହେଲେ ୨୦୨୫ ଓ ତା’ର ପୂର୍ବବର୍ତ୍ତୀ ବର୍ଷ ଏ କ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟି କରିଛି । ଭୋଟ ଦାନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ତ୍ୱରିତ କରିବା ଲକ୍ଷ୍ୟରେ ପ୍ରଚଳିତ ଇଭିଏମ୍ ଆଜି ସନ୍ଦେହ ଘେରରେ । ନିର୍ବାଚନୀ ନିରପେକ୍ଷତା ବଜାୟ ରଖିବା ଦାୟିତ୍ୱରେ ଥିବା ନିର୍ବାଚନ ଆୟୁକ୍ତ ମଧ୍ୟ ବିବାଦ ଘେରରେ । କାରଣ ନିର୍ବାଚନ ଆୟୁକ୍ତ ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ ନରହିଲେ, ଏସବୁ ବିବାଦ ସୃଷ୍ଟି ହେବା ସହ ଆନ୍ତର୍ଜାତିକ ସ୍ତରରେ ଦେଶର ମର୍ଯ୍ୟାଦା ହାନି ଘଟିବାରେ ବାଧା ରହିବ ନାହିଁ । ବିବାଦ ଏବେ ଇଭିଏମ୍‌ରୁ ଭୋଟର ତାଲିକା ଯାଏ ଟପିଲାଣି । ଇଭିଏମ୍ ପରିବର୍ତ୍ତେ ଆମେରିକୀୟ ନିର୍ବାଚନ ଭଳି ବ୍ୟାଲଟପେପର ପ୍ରଚଳନ ପାଇଁ ଦାବି ଜୋର ଧରିଲାଣି । ଦେଶର ସର୍ବୋଚ୍ଚ ନ୍ୟାୟାଳୟର ସର୍ବୋଚ୍ଚ ବିଚାରପତିଙ୍କୁ ଲକ୍ଷ୍ୟ କରି କେହି ଆଇନଜୀବି ଜୋତା ଫୋପାଡ଼ିବା ଓ ପ୍ରଧାନମନ୍ତ୍ରୀ ନ୍ୟାୟାଧୀଶଙ୍କ ସଜ୍ଜମତାକୁ ପ୍ରଶଂସା କରିବା ଘଟଣା ଏବେ ବିଶ୍ୱ ବିବାଦୀୟ ଘେରରେ । ବିଗତ ବର୍ଷର ଏସବୁ ସମ୍ବେଦନଶୀଳ ପ୍ରସଙ୍ଗ ବିଶ୍ୱସ୍ତରୀୟ ସଂକେତ ବି ପ୍ରଦାନ କରିଛି । ତେବେ ନୂତନ ବର୍ଷର ଆଗାମୀ ଦିନରେ ଅତୀତର ସେହି ବାର୍ତ୍ତା କେତେ ସକରାତ୍ମକ ପରିବେଶ ସୃଷ୍ଟିର କାରଣ ପାଲଟିବ, ତାହା କେବଳ ସମୟ ହିଁ ସ୍ୱଷ୍ଟ କରିଦେବ ।


**ବରିଷ୍ଠ ସାମ୍ବାଦିକ, କଟକ**

*ମୋ– ୯୪୩୭୧୩୪୪୦୦*


# ୟୁପିଆଇରେ ନିକ୍‌ନେମ୍ ନିଷିଦ୍ଧ

**■ ଡ. ତପନ କୁମାର ପାଲ ■**

ଆମ ଭିତରୁ ଅଧିକାଂଶ ନିଜେ ନିଜର ନିକ୍ ନେମକୁ ନେଇ ବହୁ ପସନ୍ଦ କରିଥାଉ ଆଉ ଅନ୍ୟ ମାନଙ୍କୁ ସମ୍ବୋଧନ ମଧ୍ୟ କରିଥାଉ। ତେବେ ପୂର୍ବ ବ୍ୟବସ୍ଥିତ ଡିଜିଟାଲ ବ୍ୟବସ୍ଥାର ୟୁପିଆଇରେ ନିକ୍ ନେମ ନିଷିଦ୍ଧ ହେବାକୁ ଯାଉଛି । ଏହା ସତ୍ୟ ଯେ ଆଜିକାଲି ବହୁଳ ଭାବରେ ଆମ୍ଭେମାନେ ୟୁପିଆଇର ବ୍ୟବହାର କରୁଛେ । ନିକଟରେ ଏହାର କାରବାରକୁ ସ୍ୱଚ୍ଛ ରଖିବା ସହ ଉପଭୋକ୍ତାମାନେ କିପରି ଅଧିକରୁ ଅଧିକ ସୁରକ୍ଷିତ ଓ ତତ୍କାଳ ସେବା ପାଇବେ ସେ ନେଇ ଉଭୟ ସରକାରୀ ଓ ବେସରକାରୀ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଭାରତର ସବୁଠାରୁ ବଡ଼ ବ୍ୟାଙ୍କ କୁହାଯାଉଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମଧ୍ୟ ଏକ ସୂଚନାଧର୍ମୀ ବିଶାଳ କାର୍ଯ୍ୟକ୍ରମ କରିବାକୁ ଯାଉଛି।

ଡିଜିଟାଲ କାରବାରରେ ଉପଭୋକ୍ତାଙ୍କ ସୁରକ୍ଷା ଓ ସ୍ୱଚ୍ଛତା ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭାରତୀୟ ଜାତୀୟ ପେମେ ୟୁନିଫାଏଡ ପେମେସ୍ ଇରଫେସ ୟୁପିଆଇ ଆପ୍ଲିକେସନସ ଗୁଡ଼ିକୁ ପିଅର ଟି ପିଅର ଓ ପିଅର – ଟୁ – ମର୍ଚ୍ଚା କାରବାର ସମୟରେ କେବଳ ଅଲଟିମେଟ ବେନିଫିସିଆରି ନେମ୍ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଷ ଦେଇଛି।

ଏହା ପୂର୍ବରୁ ଅର୍ଥାତ୍ ଏନପିସିଆଇର ପୂର୍ବ ନିର୍ଦ୍ଦେଶାବଳୀ ଅନୁସାରେ, ୟୁପିଆଇ ଆପ୍‌ଗୁଡ଼ିକ କେବଳ ଗ୍ରହଣକାରୀଙ୍କ ବ୍ୟାଙ୍କ ପଞ୍ଜୀକୃତ ନାମକୁ ହିଁ ଟ୍ରାଞ୍ଜାକ୍ସନ କନଫର୍ମମେସନ ସ୍କିନ ଓ ଟ୍ରାଞ୍ଜାକ୍ସନ ହିଷ୍ଟ୍ରିରେ ଦେଖାଇବାକୁ ବାଧ୍ୟତାମୂଳକ କରାଯାଇଥିଲା। ଏନପିସିଆଇ ଅନୁସାରେ ଅଲଟିମେଟ ବେନିଫିସିଆରି ହେଉଛି ସେହି ବ୍ୟକ୍ତି କିମ୍ବା ସଂସ୍ଥା, ଯିଏ ପ୍ରଦାନ କରାଯାଇଥିବା ସେବା କିମ୍ବା ସାମଗ୍ରୀ ପାଇଁ ପାଣ୍ଠି ଗ୍ରହଣ କରନ୍ତି। ଏପିଆଇ ବୈଧ ଠିକଣାରୁ ଅଣାଯାଇଥିବା ନାମ (ଯାହାକି ସରକାରୀ ବ୍ୟାଙ୍କ ନାମ ପୁନରୁଦ୍ଧାର କରିବା ପାଇଁ ବ୍ୟବହୃତ ହୁଏ)। କେବଳ ଦେୟକର୍ତ୍ତାଙ୍କୁ ଦେଖାଯିବ। କ୍ୟୁଆର କୋଡ଼, କାକୁ ଲିଷ୍ଟ କିମ୍ବା ୟୁଜର ଡିଫାଇନଡ ଲେବଲରୁ ପ୍ରାପ୍ତ ନାମ ଗୁଡ଼ିକୁ ଆଉ ଅନୁମତି ଦିଆଯିବ ନାହିଁ। ଅନେକ ୟୁପିଆଇ ଆପ ବ୍ୟବହାରକାରୀଙ୍କୁ ପ୍ରାପ୍ୟ ପ୍ରଦର୍ଶନ ନାମ ବଦଳାଇବାକୁ କିମ୍ବା ଉପନାମ ସୃଷ୍ଟି କରିବାକୁ ଅନୁମତି ଦିଏ, ଯାହା ଠକମାନଙ୍କ ପାଇଁ ବିଶ୍ୱସ୍ତ ବ୍ରାଣ୍ଡ କିମ୍ବା ବ୍ୟକ୍ତିଙ୍କୁ ନକଲ କରିବା ସହଜ କରିଥାଏ। ଆଗକୁ ଏହି ଲୁପ ବନ୍ଦ ହୋଇଯିବ। ବ୍ୟବହାରକାରୀଙ୍କୁ ଏପରି ଅପସନ ଦେଉଥିବା ବୈଶିଷ୍ଟ୍ୟକୁ ଅକାମୀ କରିବାକୁ ଏନପିସିଆଇ ସ୍ୱଷ୍ଟ ନିର୍ଦ୍ଦେଶ ଦେଇଛି।

ଏହି ପରିବର୍ତ୍ତନ ବିଶେଷ ଭାବରେ ପିଟୁପିଏମ ବର୍ଗରେ ଆସୁଥିବା ରାସନ ଷ୍ଟୋର ମାଲିକ କିମ୍ବା ରାସ୍ତାକଡ଼ ବିକ୍ରେତା ଭଳି ଛୋଟ ବ୍ୟବସାୟୀମାନଙ୍କୁ ପ୍ରଭାବିତ କରିବ। ତେବେ ଏହା ୟୁପିଆଇ ପେମେକୁ ଅଧିକ ସୁରକ୍ଷିତ ଓ ସ୍ୱଚ୍ଛ ରଖିବା ସହ ହେରଫେର ଆଶଙ୍କା ଯଥେଷ୍ଟ କମ କରିବ ବୋଲି ଆଶା କରାଯାଏ। ଦିନକୁ ଦିନ ଡିଜିଟାଲ ବ୍ୟବସ୍ଥା ଭାରତୀୟ ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଦିଗ ନିର୍ବାହ କରୁଥିବାବେଳେ ବିଶେଷକରି ୟୁପିଆଇ ପେମେର ବ୍ୟବହାରିତା ସମ୍ପର୍କରେ ଅଧିକ ସୁରକ୍ଷା ଓ ସ୍ୱଚ୍ଛତା ଜରୁରୀ । ତେବେ ଏ କ୍ଷେତ୍ରରେ କୌଣସି କାର୍ଡ଼ ଉପଭୋକ୍ତା ବା ଆକାଉ ହୋଲଡ଼ର ସମସ୍ୟାକୁ ସାମ୍ନା କରିବା ମାତ୍ରେ ନିକଟସ୍ଥ ବ୍ୟାଙ୍କର ଶାଖା କେନ୍ଦ୍ର କିମ୍ବା ସୂଚୀତ ହୋଇଥିବା ଟୋଲ ନଂ ସହିତ ଯୋଡ଼ିହେବା ଜରୁରୀ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସହଯୋଗ ଗଲେ ଡିଜିଟାଲ ବ୍ୟବସ୍ଥା ଓ ୟୁପିଆଇ ପେମ ଅଧିକ ସୁବିଧାଜନକ ଓ ସ୍ୱଚ୍ଛ ହୋଇପାରିବ ।


*ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,*

*ମୋ: ୯୯୩୭୬୫୮୩୬୨*


# ବିଶ୍ୱ ଗାନ୍ଧୀଙ୍କୁ ନମନ କରୁଛି, ଆମେ ତାଙ୍କ ଭୁଲ ଖୋଜିବାରେ ଲାଗିଛେ

**■ ଗୋପାଳ ମହାପାତ୍ର ■**

ମୋହନ ଦାଶ କରମଚାନ୍ଦ ଗାନ୍ଧୀ, ଯାହାଙ୍କୁ ଏ ଦେଶର ଲୋକେ ମହାତ୍ମା ଗାନ୍ଧୀ ଭାବେ ଜାଣନ୍ତି, ସ୍ୱାଧିନତା ଆନ୍ଦୋଳନର ପ୍ରମୁଖ ନାୟକ ଥିଲେ । କିନ୍ତୁ ଆଜିକାଲି ମହାତ୍ମା ଗାନ୍ଧୀଙ୍କୁ ନେଇ ଅନେକ ପ୍ରଶ୍ନ ଉଠୁଛି । ଗାନ୍ଧୀଙ୍କୁ ନାପସନ୍ଦ କରୁଥିବା ଲୋକଙ୍କ ସଂଖ୍ୟା ବଢିବାରେ ଲାଗିଛି, ସାମାଜିକ ଗଣମାଧ୍ୟମରେ ଅନେକ ଚର୍ଚ୍ଚା ଚାଲିଛି ଯେଉଁଠି ଗାନ୍ଧୀଙ୍କୁ ହିନ୍ଦୁ ବିରୋଧୀ କୁହାଯାଉଛି । ବିଶେଷକରି ଯୁବପିଢିଙ୍କ ମନରେ ଗାନ୍ଧୀଙ୍କ ବିରୋଧୀ ଭାବନା ମଜଭୁତ କରାଯାଉଛି । ପୁରୁଣା ବହି ପଢ଼ିବା, ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଭିଡିଓ ଦେଖି ଲୋକେ ଗାନ୍ଧୀଙ୍କ ଅନେକ ନିର୍ଣ୍ଣୟ ଉପରେ ପ୍ରଶ୍ନ ଉଠାଉଛନ୍ତି । କ’ଣ ପ୍ରକୃତରେ ଗାନ୍ଧୀ ହିନ୍ଦୁଙ୍କୁ ଅଣଦେଖା କରୁଥିଲେ ଏବଂ ମୁସଲମାନମାନଙ୍କ ଉପରେ ଅଧିକ ଭରଷା କରୁଥିଲେ? ଦେଶର ବିଭାଜନ ସମୟରେ କ’ଣ ଗାନ୍ଧୀ ଗୋଟିଏ ପକ୍ଷର ସ୍ୱାର୍ଥ ଚିନ୍ତା କରିଥିଲେ? ପରିବର୍ତ୍ତିତ ଭାରତରେ ଗାନ୍ଧୀଙ୍କ ବିଚାର ଓ ଗାନ୍ଧୀଙ୍କୁ ଅସମ୍ମାନୀତ ଓ ଏବଂ ଅଣଦେଖା ଏପରିକି ତାଙ୍କୁ ଜନମାନସରୁ ହଟାଇ ଦେବା ପାଇଁ ଉଦ୍ୟମ କରାଯାଉଥିବା ଜଣାପଡୁଛି କାହିଁକି?

କିଛି ବର୍ଷ ହେବ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି । ସାମାଜିକ ଗଣମାଧ୍ୟମରେ ଗାନ୍ଧୀଙ୍କ ବିରୁଦ୍ଧରେ ଅନେକ ପ୍ରଚାର ପ୍ରସାର ଚାଲିଛି ଯାହା ଗାନ୍ଧୀଙ୍କୁ ନେଇ ପ୍ରଶ୍ନ ଉଠାଉଛି । ଅନେକେ ତ ଗାନ୍ଧୀଙ୍କୁ ମୁସଲିମ ତୁଷ୍ଟିକରଣର ପ୍ରତୀକ ବୋଲି କହୁଛନ୍ତି । କୁହାଯାଉଛି ଯେ ଗାନ୍ଧୀ ହିନ୍ଦୁ ଭାବନାକୁ କୁଠାରାଘାତ କରିଥିଲେ । ଏହାର ଏକ କାରଣ ହେଉଛି କ୍ଷତ୍ରୀ ହତ୍ୟାର ପ୍ରତିଶୋଧ ନ ନେବା । ୧୯୪୮ରେ ନାଥୁରାମ ଗୋଡ଼ସେ ଗାନ୍ଧୀଙ୍କୁ ହତ୍ୟା କରିଥିଲେ । ନାଥୁରାମ ହିନ୍ଦୁ ରାଷ୍ଟ୍ରବାଦର ସମର୍ଥକ ଥିଲେ । ନାଥୁରାମଙ୍କ ମତରେ ଦେଶ ବିଭାଜନ ବେଳେ ଗାନ୍ଧୀ ହିନ୍ଦୁଙ୍କର କ୍ଷତି କରିଥିଲେ । କିନ୍ତୁ ବିଭାଜନ ସମୟରେ କଲିକତାରେ ଗାନ୍ଧୀ ଆମରଣ ଅନଶନ କରିଥିଲେ ଓ ତାଙ୍କ ଅନଶନ ଯୋଗୁଁ ସାମ୍ପ୍ରଦାୟିକ ଦଙ୍ଗା ଥମିଥିଲା । ଦିଲ୍ଲୀରେ ମଧ୍ୟ ଗାନ୍ଧୀ ଅନଶନ କରିଥିଲେ । ଗାନ୍ଧୀଙ୍କୁ ବିରୋଧ କରୁଥିବା ଲୋକଙ୍କ ମତ ହେଉଛି ଗାନ୍ଧୀଙ୍କ ଏହି ଅନଶନ କାରଣରୁ ହିନ୍ଦୁଙ୍କୁ ନ୍ୟାୟ ମିଳିନଥିଲା । ଗାନ୍ଧୀଙ୍କୁ ବିରୋଧ କରୁଥିବା ଲୋକଙ୍କ ପ୍ରଶ୍ନ ହେଉଛି ଯେ ପାକିସ୍ତାନରେ ହିନ୍ଦୁଙ୍କ ସମ୍ପତ୍ତି ଲୁଟ ହେଲା ସେତେବେଳେ ଗାନ୍ଧୀ ଚୁପ୍ ରହିଲେ କାହିଁକି? କ’ଣ ଏହା ଗାନ୍ଧୀଙ୍କ ହିନ୍ଦୁ ବିରୋଧୀ ମାନସିକତା ନୁହେଁକି?

ଗାନ୍ଧୀଙ୍କ ନିର୍ଣ୍ଣୟର ଏମିତି କିଛି କଥା ଅଛି ଯାହାକୁ ହିନ୍ଦୁ ବିରୋଧୀ ବୋଲି କୁହାଯାଇଥାଏ । ଖିଲାପତ ଆନ୍ଦୋଳନ ଏହାର ଏକ ବଡ ଉଦାହରଣ । ୧୯୧୯ରୁ ୧୯୨୪ ମଧ୍ୟରେ ଗାନ୍ଧୀ ତୁର୍କୀର ଖଲିଫାଙ୍କ ପକ୍ଷରେ ମୁସଲମାନ ମାନଙ୍କୁ ସମର୍ଥନ କରିଥିଲେ । ହିନ୍ଦୁ- ମୁସଲମାନ ଏକତା ନାମରେ ଗାନ୍ଧୀ ହିନ୍ଦୁ ମାନଙ୍କୁ ନିବେଦନ କରିଥିଲେ ଯେ ହିନ୍ଦୁମାନେ ମୁସଲମାନଙ୍କୁ ବିଶ୍ୱାସ ଜିତନ୍ତୁ । କିନ୍ତୁ ଯେତେବେଳେ ଖିଲାଫତ ଆନ୍ଦୋଳନ ବିଫଳ ହେଲା ସେତେବେଳେ ହିନ୍ଦୁଙ୍କର କ୍ଷତି ହୋଇଥିଲା । ମାଲାବାର ରେ ବିଦ୍ରୋହ ହେଲା ଓ ବିଦ୍ରୋହରେ ହଜାର ହଜାର ହିନ୍ଦୁଙ୍କ ହତ୍ୟା କରାଗଲା । ଗାନ୍ଧୀ ଏହାକୁ ହିନ୍ଦୁ ଅତ୍ୟାଚାର ବୋଲି କହିଥିଲେ । ଗାନ୍ଧୀଙ୍କ ଏ କଥାରେ ଲୋକମଧ୍ୟ ବିଗିଡି ଯାଇଥିଲେ। କୁହାଗଲା ଯେ ଗାନ୍ଧୀ ମୁସଲମାନଙ୍କ ହିଂସାକୁ ଅଣଦେଖା କରିଥିଲେ । ସେହିଭଳି କୋହାଟ ଦଙ୍ଗାରେ ହିନ୍ଦୁଙ୍କୁ ଘରଦ୍ୱାର ଛାଡିବାକୁ ପଡିଥିଲା। ଗାନ୍ଧୀ ମୁସଲମାନ ମାନଙ୍କୁ ହିନ୍ଦୁଙ୍କ ସମ୍ପତ୍ତି ଲୁଟ ନ କରିବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ହିନ୍ଦୁଙ୍କ ଉପରେ ଆକ୍ରମଣ ପ୍ରସଙ୍ଗରେ ନିରବ ରହିଥିଲେ ।

ଦେଶ ବିଭାଜନ ସମୟରେ ଗାନ୍ଧୀଙ୍କ ମାନସିକତା/କାର୍ଯ୍ୟ ଅଧିକ ବିବାଦୀୟ ଥିଲା । ୧୯୪୭ରେ ଭାରତ–ପାକିସ୍ତାନ ବିଭାଜନ ହେଲା। ଲକ୍ଷଲକ୍ଷ ହିନ୍ଦୁ ଏବଂ ଶିଖ୍ ପାକସ୍ତାନରୁ ବିସ୍ଥାପିତ ହେଲେ ଓ ସେମାନଙ୍କର ସମ୍ପତ୍ତି ଲୁଟ ହେଲା, ମହିଳାମାନଙ୍କ ଉପରେ ଅତ୍ୟାଚାର ହେଲା କିନ୍ତୁ ଗାନ୍ଧୀ ନେହେରୁ ସରକାରକୁ ୫୫ କୋଟି ଟଙ୍କା ପାକିସ୍ତାନକୁ ଦେବାକୁ ଏକ ପ୍ରକାରର ବାଧ କରିଥିଲେ। ଏହି ଅର୍ଥକୁ ବିଭାଜନ ସମୟରେ ରୋକାଯାଇଥିଲା। ଗାନ୍ଧୀଙ୍କ ଆଲୋଚକ ମାନଙ୍କ ମତରେ ଗାନ୍ଧୀ ହିନ୍ଦୁ ଶରଣାର୍ଥୀ (ଯେଉଁମାନେ ବିଭାଜନ ବେଳର ଦଙ୍ଗାରେ ଭାରତ ପଳାଇ ଆସିଥିଲେ)ଙ୍କ ଯନ୍ତ୍ରଣାକୁ ଭୁଲି ଯାଇଥିଲେ। ଶରଣାର୍ଥୀ ଭୋକରେ ଛଟପଟ ହେଉଥିବା ବେଳେ ଶତ୍ରୁ ଦେଶକୁ ଅର୍ଥ ଦିଆଗଲା। କ’ଣ ଗାନ୍ଧୀ ମୁସଲମାନମାନଙ୍କ ସ୍ୱାର୍ଥ ଚିନ୍ତା କରିନଥିଲେ? ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ପାଇଁ ଦେଶ ବିଭାଜିତ ହେଲା। ହିନ୍ଦୁ ପୀଡ଼ିତଙ୍କୁ ଗାନ୍ଧୀ ଅଣଦେଖା କଲେ କାହିଁକି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ୍ ।

ଗାନ୍ଧୀଙ୍କ ବିଚାରରେ ଅହିଂସା ମୁଖ୍ୟ ଥିଲା। କିନ୍ତୁ ଆଜିର ଭାରତରେ ଗାନ୍ଧୀଙ୍କ ଏହି ବିଚାର ଦୁର୍ବଳ ହୋଇଯାଇଛି । ଆତଙ୍କବାଦ, ସୀମାରେ ଆକ୍ରମଣ, ଚୀନ– ପାକିସ୍ତାନ ଓ ବଙ୍ଗଳାଦେଶର ଧମକ ଏବେ ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଛି। ଅନେକଙ୍କ ମତରେ ଗାନ୍ଧୀଙ୍କ ଅହିଂସା କାରଣରୁ ଶତ୍ରୁ ମଜଭୁତ ହେଉଛି । କାଶ୍ମୀରରେ କାଶ୍ମୀରୀ ହିନ୍ଦୁ ପଣ୍ଡିତଙ୍କ ନରସଂହାର ହେଲା। ଗାନ୍ଧୀ ଯଦି ବଞ୍ଚିଥାନ୍ତେ କ’ଣ କହିଥାନ୍ତେ? ଗାନ୍ଧୀଙ୍କ ଅନୁଗାମୀଙ୍କ ମତରେ ଗାନ୍ଧୀ ଏକତା ଶିଖାଇଥିଲେ କିନ୍ତୁ ଆଲୋଚକଙ୍କ ମତରେ ଏହା ଏକତରଫା ଏକତା ଥିଲା । ଗାନ୍ଧୀ ହିନ୍ଦୁ ପର୍ବପର୍ବାଣୀକୁ ଅଣଦେଖା କରୁଥିଲେ। ରାମରାଜ୍ୟର କଥା କହିଥିଲେ କିନ୍ତୁ ଗାନ୍ଧୀ ମୂର୍ତ୍ତି ପୂଜା ଉପରେ ପ୍ରଶ୍ନ ଉଠାଇଥିଲେ । ଗାନ୍ଧୀ କହୁଥିଲେ ଭଗବାନ ସର୍ବବ୍ୟାପୀ ଅଟନ୍ତି । ଗାନ୍ଧୀ ମୁସଲମାନ ମାନଙ୍କୁ ଗୋ ହତ୍ୟା ପାଇଁ ଅନୁମତି ଦେଇଥିଲେ ଯାହା ହିନ୍ଦୁ ଭାବନା ଉପରେ ଆଘାତଥିଲା। ଏବେ କିନ୍ତୁ ଅନେକ ଲୋକଙ୍କ ଅଭିଯୋଗ ହେଉଛି ଗୋହତ୍ୟା ବନ୍ଦ କରାଯିବା ଓ ହିନ୍ଦୁଙ୍କ ଠିକାଦାର ସାଜିଥିବା ଲୋକେ ଭାରତକୁ ଏକ ଗୋ ମାଂସ ରପ୍ତାନୀକାରୀ ଦେଶରେ ପରିଣତ କରିଦେଲେଣି । ଏଣୁ ଏମାନେ ଗାନ୍ଧୀଙ୍କୁ ସମାଲୋଚନା କରିବାର ଅଧିକାର ହରାଇଛନ୍ତି ।

ଗାନ୍ଧୀଙ୍କୁ ବିରୋଧ କରୁଥିବା ଲୋକେ ଯାହା କହୁଛନ୍ତି ସେ ବାବଦରେ ଅଧିକ ବିଚାର ବିମର୍ଷ କରିବାର ଆବଶ୍ୟକତା ରହିଛି । କିନ୍ତୁ ଗୋଟିଏ କଥା ସତ୍ୟ ଯେ ଆଜି ସଂପୂର୍ଣ୍ଣ ବିଶ୍ୱ କେବଳ ଗାନ୍ଧୀଙ୍କୁ ନମନ କରୁନାହିଁ ବରଂ ତାଙ୍କ ସିଦ୍ଧାନ୍ତକୁ ଜୀବନର ଆଧାର ସ୍ତମ୍ଭ ଭାବେ ସ୍ୱୀକାର କରୁଛି । ଗାନ୍ଧୀ ଏକ ଐତିହାସିକ ପୁରୁଷ ନୁହଁନ୍ତି, ସେ ହେଉଛନ୍ତି ଏକ ଶାଶ୍ୱତ ବୈଶ୍ୱିକ ଆଇକନ ଯାହାର ବିଚାର ସମୟର ସୀମାକୁ ଲଂଘି ସବୁ ଯୁଗପାଇଁ ପ୍ରାସଙ୍ଗିକ ହୋଇଯାଇଛି । ବିଶ୍ୱର ମହାନତମ ବିଭୂତି ମାନଙ୍କ ମଧ୍ୟରେ ଗାନ୍ଧୀଙ୍କ ସ୍ଥାନ ସବୁଠାରୁ ଉଚ୍ଚରେ ରହିଛି । ତାଙ୍କ ବିଚାର ଆଜି ବି ମାନବତା ପାଇଁ ଏକ ଉଦାହରଣ ଭଳି ଯାହା ଘୃଣା ଏବଂ ହିଂସାର ଅନ୍ଧକାରରେ ଶାନ୍ତି, ସତ୍ୟ ଏବଂ ଅହିଂସାର ମାର୍ଗ ଦେଖାଇ ଥାଏ। ଗାନ୍ଧୀ କେବଳ ଜଣେ ରାଜନେତା ନୁହଁନ୍ତି ବରଂ ଜଣେ ବିଶ୍ୱ- ପଥପ୍ରଦର୍ଶକ ଅଟନ୍ତି । ବିଶ୍ୱର କୋଟି କୋଟି ଲୋକଙ୍କ ହୃଦୟରେ ଅଛନ୍ତି ଗାନ୍ଧୀ। ଆଜିବି ଯେକୌଣସି ବିଶିଷ୍ଟ ବ୍ୟକ୍ତି/ନେତା ଭାରତ ଆସିଲେ ଗାନ୍ଧୀଙ୍କ ସମାଧିସ୍ଥଳ ରାଜଘାଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ବିଶ୍ୱର ୧୦୦ରୁ ଅଧିକ ଦେଶରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି ଯେଉଁଥିରୁ ସ୍ୱଷ୍ଟ ଯେ ଆଧୁନିକ ଇତିହାସର ବିରଳତମ ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଗାନ୍ଧୀ। ବିଶ୍ୱର ପାଖାପାଖି ୧୫୦ ଦେଶରେ ଗାନ୍ଧୀଙ୍କ ସମ୍ମାନାର୍ଥେ ଡ଼ାକଟିକେଟ ଜାରି କରାଯାଇଛି। ସାରା ବିଶ୍ୱ ଗାନ୍ଧୀଙ୍କ ଜୀବନ ଦର୍ଶନର ଅଧ୍ୟୟନ କରୁଛି । ଭାରତ ପାଇଁ ଏହା ଏକ ଗୌରବର ବିଷୟ ଯେ ଏଭଳି ଜଣେ ମହାମାନବ ଆମର ପୂର୍ବଜ ଥିଲେ ଯିଏ କେବଳ ଭାରତକୁ ସ୍ୱାଧିନ କରିନଥିଲେ ବରଂ ପୁରା ମାନବତାକୁ ଜିଇଁବାର ଏକ ନୂଆ ଦୃଷ୍ଟି ପ୍ରଦାନ କରିଥିଲେ ।

ସାରା ବିଶ୍ୱ ଯେତେବେଳେ ଆମ ପୂର୍ବଜ ଗାନ୍ଧୀଙ୍କ ଗୁଣଗାନ କରୁଛି ଏପରିକି ୟୁରୋପ ଓ ଆମେରିକା ଗାନ୍ଧୀଙ୍କୁ ନମନ କରୁଛନ୍ତି ସେତେବେଳେ ଆମେ କେତେ କୃତଘ୍ନ ଯେ ଆମେ ଗାନ୍ଧୀଙ୍କ ନିନ୍ଦା କରୁଛେ। ବିଶ୍ୱ ଯେତେବେଳେ ଜାଣିବ ଭାରତରେ ଗାନ୍ଧୀଙ୍କୁ ଅସମ୍ମାନୀତ କରାଯାଉଛି ସେତେବେଳେ ଆମ ସମ୍ପର୍କରେ ଭାବିବେ ଓ ହସିବେ ମଧ୍ୟ । ଯାହାର ବନ୍ଦନା କରାଯିବା କଥା ତାଙ୍କ ପ୍ରତି ସାମାନ୍ୟତମ ସମ୍ମାନ ପ୍ରଦର୍ଶନ କରାଯାଉ ନାହିଁ କାହିଁକି? ଏବେ ଭାରତରେ କିଛି ଲୋକ ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ଼ସେର ମହିମାମଣ୍ଡନ କରୁଛନ୍ତି । ଗାନ୍ଧୀଙ୍କୁ ବିରୋଧ କରୁଥିବା ଲୋକେ ବୁଝିବା ଉଚିତ୍ ଯେ ଗାନ୍ଧୀଙ୍କ ବିଚାର ସବୁବେଳେ ରହିବ। ନାଥୁରାମକୁ ଇତିହାସ ହତ୍ୟାକାରୀ କହୁଛି ଓ କହିବ। ଏ ଦେଶ ଥିବା ପର୍ଯ୍ୟନ୍ତ ଗାନ୍ଧୀ ରହିବେ ଓ ତାଙ୍କ ବିଚାର ରହିବ।


ରାମଚନ୍ଦ୍ରପୁର,ରଣପୁର

ମୋ:୯୪୩୮୪୮୫୦୯୪

# ଓଡ଼ିଶା ଏକ୍ସପ୍ରେସ୍

**ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ**

ଭୁବନେଶ୍ୱର ୧୧ ଜାନୁଆରୀ ୨୦୨୬ ରବିବାର ପୃଷ୍ଠା ୫




# ସୁସ୍ଥ ସତେଜ ଜୀବନ ପାଇଁ

ଆଜିର ଦ୍ରୁତ ଜୀବନଶୈଳୀରେ ନିଜକୁ ଟିକେ ହାଲ୍କା ସତେଜ କରାଇବାକୁ ସମସ୍ତେ ଚାହୁଁଛନ୍ତି । ତେଣୁ ବିଭିନ୍ନ ପ୍ରକାର ବଡ଼ି ମସାଜ ଥେରାପିର ସାହାଯ୍ୟ ନେଉଛନ୍ତି ଲୋକମାନେ । ଛୋଟ ସହରଠାରୁ ଆରମ୍ଭ କରି ମହାନଗର ପର୍ଯ୍ୟନ୍ତ ସବୁଠି ଥେରାପିର ଚାହିଦା ବଢ଼ିଚାଲିଛି । ଏହା କେବଳ ସତେଜତା ଦେଉନି ଶରୀରକୁ ନିରୋଗ ଓ ଫିଟ୍ ମଧ ରଖୁଛି । ମନ ହାଲ୍କା ରଖିବା ସହ ରକ୍ତ ସଞ୍ଚାଳନ ବଢ଼ାଉଛି । ଶରୀରର ଆକାର ଠିକ୍ ରହୁଛି, ରକ୍ତଚାପ ନିୟନ୍ତ୍ରଣରେ ରହୁଛି ଓ ଶରୀରର ଯନ୍ତ୍ରଣାରୁ ମୁକ୍ତି ମିଳୁଛି । ମାଂସପେଶୀକୁ ଆରାମ ଓ ଶରୀରକୁ ନମନୀୟତା ଦେଉଛି ବିଭିନ୍ନ ପ୍ରକାର ମସାଜ ଓ ଥେରାପି । ନିୟମିତ ଭାବରେ ଥେରାପିର ସାହାଯ୍ୟ ନେଲେ ଟେନ୍‌ସନ୍, ଡିପ୍ରେସନ୍ ଓ ମୁଣ୍ଡବିନ୍ଧାରୁ ମୁକ୍ତି ମିଳୁଛି । ଏଥି ସହ ଶରୀରର ପ୍ରତିରୋଧକ କ୍ଷମତା ବଢୁଛି । ଏତିକି ନୁହେଁ ଏହାର ସୁଫଳ ତାଲିକା ଢେର୍ ଲମ୍ବା ତେଣୁ ସମସ୍ତେ ଏହାର ଲାଭ ନେବାକୁ ନିଶ୍ଚୟ ଚାହିଁବେ । ତା'ହେଲେ ଆସନ୍ତୁ ଜାଣିବା ସେମିତି କିଛି ଥେରାପି ବିଷୟରେ । ଯାହା ଦିନକୁ ଦିନ ବହୁ ପ୍ରଚଳିତ ହେବାରେ ଲାଗିଛି ସାରା ବିଶ୍ୱରେ, ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ସେଲିବ୍ରିଟିମାନେ ଏବେ ଏହିସବୁ ଥେରାପିର ଆଶ୍ରାରେ ।



**ମଡ୍ ଥେରାପି :** ଏହା ନ୍ୟାଚୁରୋପାଥି ଥେରାପି । ଏଥିରେ ଅନେକ ଅସାଧ ରୋଗ ମଧ ଦୂର ହୋଇଯାଏ । ମଡ୍ ପ୍ୟାକ୍ ଓ ମଡ୍ ବାଥ୍ ଦ୍ୱାରା କରାଯାଏ ଏହି ଥେରାପି । ସମଗ୍ର ଶରୀର ଓ ଚେହେରାରେ ମଡ୍ ପ୍ୟାକ୍ ଲଗାଇ ଦିଆଯାଏ । ଏଥିରେ ତ୍ୱଚା ସତେଜ ହୋଇଯାଏ ଓ ଅନେକ ତ୍ୱଚା ରୋଗରୁ ମୁକ୍ତି ମିଳେ ।

**ଥାଇ ମସାଜ୍ :** ଏହାକୁ ଥାଇ ଯୋଗା ମସାଜ୍ ମଧ କୁହାଯାଏ । ପ୍ରାୟ ଅଢ଼େଇ ହଜାର ବର୍ଷ ପୂର୍ବେ ଏହି ମସାଜ ଶୈଳୀ ଆବିଷ୍କାର କରାଯାଇଥିଲା । ଏହା ମୁଖ୍ୟତଃ ଥାଇଲାଣ୍ଡର ମାଲିସ୍ କୌଶଳ, ଏଥିରେ ଆୟୁର୍ବେଦର କୌଶଳ ଓ ସିଦ୍ଧାନ୍ତକୁ ସାମିଲ କରାଯାଇଛି । ଏହା ବ୍ୟତୀତ ଏଥିରେ ଥାଇ ଓ ଚାଇନିଜ୍ ମେଡିସିନ୍ ମଧ ବ୍ୟବହାର କରାଯାଏ । ଏଥିରେ ହାତ, ଗୋଡ଼, ଆଣ୍ଠୁ ଆଦି ମସାଜ୍ କଲାବେଳେ ଯୋଗ ଶୈଳୀ ପରି ଏହାକୁ ଭଙ୍ଗାଯାଏ । ତେଣୁ ଏହାକୁ ଥାଇ ଯୋଗା ମସାଜ୍ କୁହାଯାଏ । ଏହି ମସାଜ୍ କରିବା ପରେ ହାଲ୍କା ଓ ଖୁବ୍ ସତେଜ ମନେହୁଏ ।



**ଷ୍ଟୋନ୍ ଥେରାପି :** ଏଥିରେ ଗରମ ପଥରରେ ମସାଜ୍ କରାଯାଏ । ଏଥିରେ ଶରୀରର ଭିନ୍ନ ଭିନ୍ନ ଅଂଶରେ ଗରମ ପଥର ରଖାଯାଏ ଓ ମାଲିସ୍ କରାଯାଏ । ପଥରଗୁଡ଼ିକୁ ୧୨୦ରୁ ୧୫୦ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରାରେ ପାଣିରେ ଗରମ କରାଯାଏ । ଏହାପରେ ଏହି ପଥରରେ ଶରୀରକୁ ମସାଜ୍ କରାଯାଏ । ଏଥିରେ ମେରୁଦଣ୍ଡ, ପାଦ, ହାତ, ପାପୁଲି, ହାତଆଙ୍ଗୁଳି ଓ ଗଣ୍ଠିଗୁଡ଼ିକରେ ପଥର ରଖାଯାଏ ।

**ଅଏଲ୍ ମସାଜ୍ :** ଏହା ଆୟୁର୍ବେଦ ମାଲିସ୍ ପଦ୍ଧତି । ଏଥିରେ ଆୟୁର୍ବେଦ ତେଲକୁ ଗରମ କରି ଶରୀରରେ ମାଲିସ୍ କରାଯାଏ । ଏଥିରେ ଶରୀର ସତେଜ ହୁଏ ଏବଂ ଶରୀରକୁ ସମ୍ପୂର୍ଣ୍ଣ ପୋଷଣ ମିଳେ । ଏହି ମାଲିସ୍ ଶୈଳୀରେ ଦୃଷ୍ଟିଶକ୍ତି ମଧ ବଢ଼େ ।

**ଚାଇନିଜ୍ ମସାଜ୍ :** ଏହା ଚୀନର ପାରମ୍ପରିକ ମସାଜ୍ ଶୈଳୀ । ଏବେ ସାରା ବିଶ୍ୱରେ ଏହାର ଚାହିଦା ବଢ଼ିବାରେ ଲାଗିଛି । ଏହା ଏକ ପ୍ରକାର ଆକ୍ୟୁପ୍ରେସର୍, ଏଥିରେ ଶରୀରର କେତେକ ବିଶେଷ ସ୍ଥାନରେ ଚାପଦେଇ ମସାଜ୍ କରାଯାଏ । ଏଥିରେ ହାତ, ଆଣ୍ଠୁ, ବାହୁ ଓ ଆଇବ୍ରୋ ଉପରେ ଚାପ ଦିଆଯାଏ । ଏହା ଶରୀରକୁ ସତେଜ କରିବା ସହ ମାନସିକ ସନ୍ତୁଳନ ରଖିବାରେ ସହାୟକ ହୁଏ । ଏଥିରେ ମାଇଗ୍ରେନ୍, ଉଚ୍ଚ ରକ୍ତଚାପ, ଇନ୍‌ସୋମ୍ନିଆ ଓ ଆଜ୍‌ମା ପରି ରୋଗରୁ ମୁକ୍ତିମିଳେ ।

**ପାଉଡର ମସାଜ୍ ଥେରାପି :** ଆୟୁର୍ବେଦିକ ପାଉଡର ମସାଜ୍‌ରେ ଆପଣ ନିଜ ଓଜନ ଉପରେ ନିୟନ୍ତ୍ରଣ ରଖିପାରିବେ । ଏଥିରେ ପ୍ରାକୃତିକ ଜଡ଼ିବୁଟିକୁ ପାଉଡର କରି ଶରୀରରେ ମାଲିସ୍ କରାଯାଏ । ଏଥିରେ ୨୦ ଦିନରେ ୫ କେଜି ପର୍ଯ୍ୟନ୍ତ ଓଜନ ହ୍ରାସ କରିହୁଏ । ଏହା ତ୍ୱଚାର ଦାଗ ଦୂର କରେ, ଚମକ ଆଣେ ଓ ନୂଆ ଟିସ୍ୟୁ ସୃଷ୍ଟି କରେ ।

**ମ୍ୟାଗ୍ନେଟ୍ ଥେରାପି :** ଏହା ଏକ ବିକଳ୍ପ ଚିକିତ୍ସା । ଚୁମ୍ବକ ଦ୍ୱାରା ଶରୀରେ ମ୍ୟାଗ୍ନେଟିକ୍ ଫିଲ୍ଡ ସୃଷ୍ଟି କରି ଚିକିତ୍ସା କରାଯାଏ । ଏହାର ସୁଫଳ କମ୍, ହେଲେ ଆଘାତ ଭରଣା ଏବଂ ଶରୀରର ଶକ୍ତିସ୍ତର ବୃଦ୍ଧି ପାଇଁ ଏହା ଖୁବ୍ ଲାଭଜନକ । ଏହି ଥେରାପି ପାଇଁ ମ୍ୟାଗ୍ନେଟିକ୍ ବ୍ରେସ୍‌ଲେଟ୍, ନେକଲେସ୍, ଗହଣା ଏବଂ କଚଟି, ଆଣ୍ଠୁ ଓ କହୁଣି ପାଇଁ ମ୍ୟାଗ୍ନେଟିକ୍ ଷ୍ଟ୍ରାପ୍, ମ୍ୟାଗ୍ନେଟିକ୍ ବ୍ଲାକେଟ୍, ମ୍ୟାଗ୍ନେଟିକ୍ କ୍ରିମ୍ ଏବଂ ଅନ୍ୟ କେତେ ପ୍ରକାରର ବିକଳ୍ପ ଉପଲବ୍ଧ ହୁଏ ।

**ୱାଟର ଥେରାପି :** ଏହାକୁ ହାଇଡ୍ରୋବାଥ୍ ଥେରାପି ମଧ କୁହାଯାଏ । ଏହା ନ୍ୟାଚୁରୋପ୍ୟାଥିର ଏକ ଅଂଶ । ଏଥିରେ ପାଣିଦ୍ୱାରା ଚିକିତ୍ସା କରାଯାଏ । ଏହି ୱାଟର ଥେରାପି ମଧ ଭିନ୍ନ ଭିନ୍ନ ପ୍ରକାରର । ଯଥା ଷ୍ଟିଜ୍ ବାଥ୍, ହିପ୍ ବାଥ୍, ହଟ୍ ଫୁଟ୍ ବାଥ୍, ଫୁଲ୍ ବେଡ୍‌ସିଟ୍ ପ୍ୟାକ୍ ଇତ୍ୟାଦି । ଏହାଦ୍ୱାରା ଶରୀରର ସମସ୍ତ ବିଷାକ୍ତ ପଦାର୍ଥ ବାହାରିଯାଏ ଏବଂ ଯନ୍ତ୍ରଣା କମିଯାଏ ।



**ପଞ୍ଚକର୍ମ ଥେରାପି :** ଏହା ଆୟୁର୍ବେଦର ରହସ୍ୟ । ଏଥିରେ ଶରୀର ବିଷାକ୍ତ ତତ୍ତ୍ୱ ବାହାର କରିବା ପାଇଁ ୫ଟି ପଦ୍ଧତି ଯଥା ବମନ, ବିରେଚନ, ଅନୁବସନା, ଅସ୍ଥାପନା ଏବଂ ନ୍ୟାସା ବ୍ୟବହାର କରାଯାଏ । ଏଥିରେ ଶିରୋଧାରା, କାତିବସ୍ତି, ଜାନୁବସ୍ତି, ନାଡ଼ିସ୍ୱେଦ, ପିଣ୍ଡାସ୍ୱେଦ ଆଦି ଥେରାପି ନେଇହୁଏ । ଏଥିରେ ଆପଣଙ୍କ କ୍ଲାନ୍ତି ଦୂର ହୋଇ ସତେଜତା ଆସେ, ମସ୍ତିଷ୍କ ଦ୍ରୁତ ହୁଏ, ରୋଗ ପ୍ରତିରୋଧକ ପ୍ରଣାଳୀ ଦୃଢ଼ହୁଏ ଏବଂ ତ୍ୱଚାର ବୟସ ହ୍ରାସ ପାଏ ।



**ମ୍ୟୁଜିକ୍ ଥେରାପି :** ସଙ୍ଗୀତ ଶୁଣିବାକୁ ସମସ୍ତେ ଭଲ ପାଆନ୍ତି । ଏବେ ଏହା ଚିକିତ୍ସାରେ ସଂଯୁକ୍ତ ହେଲାଣି । ଏଥିରେ ହାଲ୍କା ସଂଗୀତ ଦ୍ୱାରା ବ୍ୟକ୍ତିକୁ ରିଲାକ୍ସ କରାଯାଏ ଏବଂ ସଙ୍ଗୀତର ଭିନ୍ନ ଭିନ୍ନ କ୍ଷେତ୍ର ଯଥା ଗୀତ ଲେଖିବା, ସଙ୍ଗୀତ ଦେବା ଏବଂ ସଙ୍ଗୀତ ସମ୍ପର୍କରେ ଆଲୋଚନା କରିବା ଆଦି ଦ୍ୱାରା ମାନସିକ ଚିକିତ୍ସା କରାଯାଏ । ପାରମ୍ପରିକ ଚିକିତ୍ସା ଶୈଳୀ ସହ ମ୍ୟୁଜିକ୍ ଥେରାପିକୁ ସଂଯୁକ୍ତ କଲେ ଅଧିକ ସୁଫଳ ମିଳେ ।

# ସଫଳତାର ଅସଲ ମନ୍ତ୍ର

ଆଜିର ଯୁଗରେ ସମସ୍ତେ ସଫଳତା ଓ ପ୍ରାଚୁର୍ଯ୍ୟ ପଛରେ । ଏଥିପାଇଁ ଦୌଡରେ ସମସ୍ତେ ସାମିଲ ଏବେ । ସମସ୍ତେ ଆଗକୁ ଦଉଡୁଛନ୍ତି । ହେଲେ ସଫଳତା ସମସ୍ତଙ୍କୁ ମିଳୁନି । କାରଣ ଏଥିପାଇଁ ପ୍ରଥମେ ନିଜକୁ ପ୍ରସ୍ତୁତ କରିବାକୁ ହେବ, ହାସଲ କରିବାକୁ ହେବ ସଫଳତାର ଚାବିକାଠି । ଜାଣିବାକୁ ହେବ ଆପଣଙ୍କ ପ୍ରତିବନ୍ଧକ କିଏ, କେଉଁ ଦୁର୍ବଳତାକୁ ବାଦ୍‌ଦେଲେ ଲକ୍ଷ୍ମୀ ଆପଣଙ୍କ ସାଥ୍ ଦେବେ ।




**ଧ**ନୀ ହେବାକୁ ଚାହୁଁଥିଲେ ପ୍ରଥମେ ଆପଣଙ୍କୁ ନିଜର ଅଭ୍ୟାସ ଓ ଦୁର୍ବଳତାକୁ ଖୁବ୍ ଭଲ ଭାବେ ବୁଝିବାକୁ ହେବ । ଦେଖିବାକୁ ହେବ ଏମିତି କେଉଁ ଅଭ୍ୟାସ ଅଛି ଯାହା ଆପଣଙ୍କ ଉନ୍ନତି ରାସ୍ତାରେ ପ୍ରତିବନ୍ଧକ ସାଜୁଛି । ଏମିତି କ'ଣ ଦୁର୍ବଳତା ଅଛି ଯାହା ଦୂର କରି ଆପଣ ଧନୀ ହୋଇପାରିବେ । କଠୋର ପରିଶ୍ରମ ନକରି ଆପଣ ପରିସ୍ଥିତି ଓ ଅନ୍ୟମାନଙ୍କ ଉପରେ ଦୋଷାରୋପ କଲେ କେବେ ବି ଉନ୍ନତି ରାସ୍ତାରେ ଆଗକୁ ବଢିପାରିବେ ନାହିଁ । ଆପଣଙ୍କୁ ପ୍ରଥମେ ନିଜ ପାଇଁ ରାସ୍ତା ତିଆରି କରିବାକୁ ହେବ । ପରିସ୍ଥିତିକୁ ନିଜ ଅନୁକୂଳ କରିବାକୁ ହେବ । ଯେତେବେଳେ ଆପଣ ପରିସ୍ଥିତିକୁ ନିଜ ନିୟନ୍ତ୍ରଣକୁ ଆଣିପାରିବେ, ସେତେବେଳେ ଜାଣିବେ ଆପଣ ସଫଳତାର ପ୍ରଥମ ସିଡ଼ି ପାର କରିନେଲେ । ଏହି କ୍ରମରେ ଆସନ୍ତୁ ଦେଖିବା ବ୍ୟକ୍ତିତ୍ୱରେ ଲୁକ୍କାୟିତ ଥିବା କିଛି ସୂତ୍ରକୁ ଯାହା ପ୍ରତ୍ୟେକ ବ୍ୟକ୍ତିର ସଫଳତାରେ ମୁଖ୍ୟ ଭୂମିକା ଗ୍ରହଣ କରେ ।

ଯଦି ଆପଣ ନିଜକୁ ଧନୀ ଲୋକଙ୍କ ସୂଚୀରେ ସାମିଲ କରିବାକୁ ଚାହୁଁଛନ୍ତି ତା' ହେଲେ ପ୍ରଥମେ ସମୟର ମୂଲ୍ୟ ବୁଝନ୍ତୁ, ଏହାକୁ ସମ୍ମାନ ଦିଅନ୍ତୁ । କାରଣ ସମୟ ହିଁ ସେହି ଶକ୍ତି ଯିଏ ଆପଣଙ୍କୁ ମାଲାମାଲ୍ କରିଦେବ । ଦୁନିଆରେ ଅନେକେ ସମୟର ସଦ୍‌ବ୍ୟବହାର କରି ଧନକୁବେର ପାଲଟିଛନ୍ତି । ପ୍ରଥମେ ଆଜିର କାମ କାଲି ପାଇଁ ରଖନ୍ତୁ ନାହିଁ । କାରଣ କାଲି ଯେଉଁସବୁ କାମ ରଖିବେ ସେ ମଧ୍ୟରୁ ଅଧିକାଂଶ କେବେ ବି ହୋଇପାରେ ନାହିଁ । କାରଣ ଆସନ୍ତା କାଲିର ବି ଅନେକ କାମ ଥିବ କରିବାକୁ । ଏହା ପ୍ରକୃତିର ନିୟମ – ସମୟକୁ ପଛରୁ ନୁହେଁ, ବରଂ ଆଗକୁ ବଢି ଧରି ହେବ । ବିତି ଯାଇଥିବା ସମୟ ପୁଣି ଥରେ ଲେଉଟି ଆସେନି । ଯେତେ ଧନୀ ହେଲେ ବି କେହି ନିଜର ବିଗତ ଦିନକୁ ଫେରାଇ ଆଣିପାରେନି ।

ସଫଳ ହେବାକୁ ଏକନିଷ୍ଠ ଥିଲେ ପ୍ରଥମେ ଏମିତି କାମ ବାଛନ୍ତୁ ଯେଉଁଥିରେ ଆପଣଙ୍କର ଆଗ୍ରହ ଅଛି । ଯାହାକରି ଆପଣ ଥକି ପଡନ୍ତିନି କିମ୍ବା ବିରକ୍ତ ହୋଇଯା'ନ୍ତି ନାହିଁ ।

ମନୋବିଜ୍ଞାନୀମାନେ କୁହନ୍ତି, ସମସ୍ତେ ନିଜ ପସନ୍ଦର କାମକୁ ବେଶୀ ଭଲ ଭାବରେ କରିପାରନ୍ତି । କାମ ଆପଣଙ୍କର ପସନ୍ଦ ହେଲେ ଏହା ପ୍ରତି ନିଶା ବଢିବ ଏବଂ ଆପଣ ଏହାକୁ ସଫଳତାର ଶିଖରରେ ପହଞ୍ଚାଇପାରିବେ । ଉତ୍ସାହ, ଧୈର୍ଯ୍ୟ, ନିଷ୍ଠା ଓ ଏକାଗ୍ରତାର ସହ ଆପଣ ଯାହା କରିବେ ସେଥିରେ ନିଶ୍ଚୟ ସଫଳ ହେବେ ।

ତେଣୁ ପ୍ରଥମେ ନିଜର ଲକ୍ଷ୍ୟ ବାଛନ୍ତୁ । ଯୋଜନାବଦ୍ଧ ଭାବରେ ଏହା କରିବା ଆରମ୍ଭ କରି ଦିଅନ୍ତୁ । ଲକ୍ଷ୍ୟପ୍ରତି ସମର୍ପଣ ଭାବ ରଖନ୍ତୁ । ନିଜ ଠାରୁ ଅଧିକ ଅନୁଭବୀ ଓ ଯୋଗ୍ୟ ଲୋକଙ୍କୁ ପାଖରେ ରଖନ୍ତୁ । ଦେଖିବେ ସଫଳତା ଓ ଧନ ଆପଣଙ୍କର ମିତ୍ର ପାଲଟିଯିବେ ।

# ପୁଅକୁ କରନ୍ତୁ ସମ୍ବେଦନଶୀଳ



ପୁଅମାନଙ୍କ ଭଲ ଶିକ୍ଷା ଓ ଉଚ୍ଚ କ୍ୟାରିଅର୍ ନିମନ୍ତେ ନିଜ ଜୀବନର ସବୁ ଖୁସି ତ୍ୟାଗ କରିଦିଅନ୍ତି ବାପା-ମା', ହେଲେ ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ କିପରି ହେବାକୁ ହୁଏ ଏବଂ ସେମାନଙ୍କୁ ସମାନ ଅଧିକାର କିପରି ଦେବାକୁ ହୁଏ ଏ କଥା କୌଣସି ପିତାମାତା ନିଜ ପୁଅକୁ ଶିଖାନ୍ତି ନାହିଁ ।



**ଆ**ପଣ ଜାଣନ୍ତି କି ଜେଣ୍ଟଲମ୍ୟାନ୍ କେମିତି ବନନ୍ତି ଆଉ କେମିତି ବନାନ୍ତି ? ଜାଣନ୍ତି କି ଆପଣଙ୍କ ଘର, ସାଇପଡ଼ିଶା, ସ୍କୁଲ ଓ ସମାଜରେ ଝିଅମାନେ କମ୍ ସ୍ତରର ନୁହଁନ୍ତି, ପୁରୁଷମାନଙ୍କ ସହ ସମାନ । ଜାଣନ୍ତି କି ଆଦର୍ଶ ସମାଜ ଓ ଆଇନ ଉଭୟ ପୁରୁଷ ଓ ମହିଳାଙ୍କୁ ସମାନ ଅଧିକାର ଦେଇଛି । ସ୍ତ୍ରୀ ଉପରେ ହାତ ଉଠାଇବା ଆଇନତଃ ଅପରାଧ ନୁହେଁ ବରଂ ନୈତିକ ଅପରାଧ ମଧ, ଏହା ବୁଝିବା ପାଇଁ ସମ୍ବେଦନଶୀଳତା ଆପଣଙ୍କ ଠାରେ ଅଛି । ଦୁର୍ଭାଗ୍ୟବଶତଃ ଆମ ସମାଜର ଅଧିକାଂଶ କିଶୋର ଓ ଯୁବକ ମହିଳାମାନଙ୍କ ସମ୍ପର୍କରେ ଏ କଥା ଜାଣନ୍ତି ନାହିଁ । ଫଳସ୍ୱରୂପ ବିକାଶର ଦ୍ରୁତ ଗତି ସତ୍ତ୍ୱେ ମହିଳାମାନଙ୍କ ସ୍ଥିତିରେ ପରିବର୍ତ୍ତନ ଆସିନାହିଁ ।

ମହିଳାମାନଙ୍କ ପ୍ରତି ଅପରାଧର ବର୍ଦ୍ଧିତ ହାରକୁ ଦେଖି କିଛି ସଂଗଠନ ଏକ ନୂଆ ପଦକ୍ଷେପ ନେଇଛନ୍ତି । ଏବେ ସେମାନେ କିଶୋର ଓ ଯୁବକମାନଙ୍କୁ ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ପାଇଁ ତାଲିମ ଦେଉଛନ୍ତି ।

ପୁଅମାନଙ୍କ ଭଲ ଶିକ୍ଷା ଓ ଉଚ୍ଚ କ୍ୟାରିଅର୍ ନିମନ୍ତେ ଲୋକମାନେ ସବୁକିଛି କରିବାକୁ ପ୍ରସ୍ତୁତ ଥାଆନ୍ତି । ନିଜ ଜୀବନର ସବୁ କିଛି ଏଥିପାଇଁ ତ୍ୟାଗ କରିଦିଅନ୍ତି ବାପା-ମା', ହେଲେ ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ କିପରି ହେବାକୁ ହୁଏ ଏବଂ ସେମାନଙ୍କୁ ସମାନ ଅଧିକାର କିପରି ଦେବାକୁ ହୁଏ ଏ କଥା କୌଣସି ପିତାମାତା ନିଜ ପୁଅକୁ ଶିଖାନ୍ତି ନାହିଁ । ତେଣୁ କେତେକ ସଂଗଠନ ଏହି କାମ ହାତକୁ ନେଇଛନ୍ତି । ସେମାନଙ୍କର ଚେଷ୍ଟା ଯେମିତି ପିଲାଙ୍କୁ ଖେଳିବା ଓ ପଢ଼ିବା ଶିଖାଯାଏ ସେମିତି ମହିଳାଙ୍କ ପ୍ରତି ସମ୍ବେଦନଶୀଳ ହେବା ମଧ ଶିଖାଇ ଦିଆଯିବ । ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ଏବଂ ଦି ଇଣ୍ଟରନ୍ୟାସନାଲ ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ୱିମେନ୍ ଏହି ପ୍ରଚେଷ୍ଟା ଆରମ୍ଭ କରିଛନ୍ତି ଯୁବ କ୍ରିକେଟରମାନଙ୍କ ସହ । ମୁମ୍ବାଇର ୨୫ଟି ସ୍ପୋର୍ଟ୍ସ ସ୍କୁଲର କୋଚ୍‌ମାନେ କ୍ରିକେଟ କ୍ଲାସ୍ ପରେ ଛାତ୍ରମାନଙ୍କୁ ଜେଣ୍ଟଲମ୍ୟାନ ହେବାର ପାଠ ଶିଖାଇବା ଆରମ୍ଭ କରିଛନ୍ତି ।

'ଦି ଇଣ୍ଟରନ୍ୟାସନାଲ ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ୱିମେନ୍' ଚଳିତ ଶିକ୍ଷାବର୍ଷ ଆରମ୍ଭରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ପରିବର୍ତ୍ତନ' ଆରମ୍ଭ କରୁଛି । ଏହାଦ୍ୱାରା ମୁମ୍ବାଇର ଯୁବ କ୍ରିକେଟରମାନଙ୍କୁ ମହିଳାମାନଙ୍କ ପ୍ରତି ହିଂସା ସମେତ ଅନ୍ୟ ସମ୍ବେଦନଶୀଳ ବିଷୟ ବୁଝାଇ ଦିଆଯିବ । ଏଥିପାଇଁ କ୍ରିକେଟ କୋଚ୍‌ମାନଙ୍କୁ ତାଲିମ ଦେବା ଆରମ୍ଭ କରିଛି ଅନୁଷ୍ଠାନ । ସେମାନଙ୍କର ତାଲିମ ସମାପ୍ତ ହେଲା ପରେ ନିଜ ଛାତ୍ରମାନଙ୍କୁ ବ୍ୟାଟିଂ ଓ ବୋଲିଂ କୌଶଳ ସହ ଭଦ୍ର ମଣିଷ ହେବାର କୌଶଳ ବି ଶିଖାଇବେ । ଏହି ଅନ୍ତଃରାଷ୍ଟ୍ରୀୟ ସଂଗଠନର ଦିଲ୍ଲୀସ୍ଥିତ କେନ୍ଦ୍ରର ବରିଷ୍ଠ ଟେକ୍‌ନିକାଲ ସ୍ପେଶାଲିଷ୍ଟ ମଧୁମିତା ଦାସ କୁହନ୍ତି, ଆମେ ମୁମ୍ବାଇରେ ସ୍କୁଲ ସହ ସହରର ବିଭିନ୍ନ କଲୋନୀରେ ମଧ ଏହି ପ୍ରଚାର କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର ଆରମ୍ଭ କରିବୁ । ପ୍ରତ୍ୟେକ ଯୁବକ ଭଲ ଓ ସମ୍ବେଦନଶୀଳ ମଣିଷ ହେବା ଖୁବ୍ ଜରୁରୀ । ନିଜ ମା', ଭଉଣୀ, ପତ୍ନୀ, ସହକର୍ମୀ ଏବଂ ଅନ୍ୟ ମହିଳାମାନଙ୍କ ସହ ସମ୍ମାନର ସହ ଏବଂ ସମାନତାର ସହ କିପରି ବ୍ୟବହାର କରାଯାଏ ସେମାନେ ଜାଣିବା ଉଚିତ୍ । ମୁମ୍ବାଇରେ ଏହା ଅନୁଷ୍ଠାନର ପ୍ରଥମ ପ୍ରୋଜେକ୍ଟ । ଅକ୍ଟୋବର ମାସରେ ଏହାର ସମୀକ୍ଷା କରାଯିବ । ଏହା ପରେ ଦିଲ୍ଲୀ ସମେତ ଅନ୍ୟ ମହାନଗର ଏବଂ ବଡ଼ ସହରମାନଙ୍କରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ ।

ମୁମ୍ବାଇର ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନର ସଚିବ ଏଚ୍.ଏଚ୍. ଭୋର୍ ଏ ସମ୍ପର୍କରେ ନିଜର ସକାରାତ୍ମକ ମନୋଭାବ ଦର୍ଶାଇ କହିଛନ୍ତି, ଛୋଟପିଲା ଓ କିଶୋରମାନଙ୍କ ମଧରେ ମାନସିକତାର ପରିବର୍ତ୍ତନ ଆଣିବା ଆମର ଲକ୍ଷ୍ୟ । ଥରେ ଦୁଇଥର ବୁଝାଇଦେଲେ କୌଣସି ପିଲାର ମାନସିକତା ବଦଳିଯିବା ଆବଶ୍ୟକ । ଏଥିପାଇଁ ବର୍ଷ ବର୍ଷ ସମୟ ଲାଗିଯିବ । ଏହି କାର୍ଯ୍ୟକ୍ରମରେ ଫ୍ୟାମିଲି ଭାଓଲେନ୍ସ ପ୍ରିଭେନସନ୍ ଫଣ୍ଡ ଏବଂ ଅପନାଳୟ ପରି ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନ ମଧ ସାମିଲ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ କିଶୋର ଏବଂ ଯୁବକମାନଙ୍କୁ ସାମିଲ କରାଯାଇଥିବାରୁ ଆଗାମୀ ସମୟ ମହିଳାମାନଙ୍କ ପାଇଁ ସହଜ ହେବ ବୋଲି ଆଶା କରାଯାଉଛି ।




# ଝିଅଙ୍କ ମନରେ ଏବେ ବି ଭୟ

**ଆ**ମ ଦେଶର ମହାନଗର ଏବଂ ବଡ଼ ବଡ଼ ସହରରେ ୭୭ ପ୍ରତିଶତ ଝିଅଙ୍କ ମନରେ ଇଭଟିଜିଂ ବା ଅଶ୍ଳୀଳ ବ୍ୟବହାରର ଭୟ ଥାଏ ।

ପ୍ଲାନ ଇଣ୍ଡିଆ ନାମକ ଏକ ଏନଜିଓର ସର୍ଭେରୁ ଏହା ଜଣା ପଡ଼ିଛି । ଏହି ସର୍ଭେ ଅନୁଯାୟୀ ୬୯ ପ୍ରତିଶତ କିଶୋରୀ ଓ ଯୁବତୀ ନିଜ ନିଜ ସହରକୁ ସୁରକ୍ଷିତ ମାନନ୍ତି ନାହିଁ । ଏହି ମତାମତ ସମାଜର ପ୍ରତିବର୍ଗରୁ ମିଳିଛି । ବସ୍ତିରେ ରହୁଥିବା ଝିଅ ହୁଅନ୍ତୁ, ସ୍କୁଲ କଲେଜର ଛାତ୍ରଛାତ୍ରୀ ହୁଅନ୍ତୁ ବା କର୍ମଜୀବୀ ହୁଅନ୍ତୁ ସମସ୍ତଙ୍କର ମତ ଏହା । ଏହା ସହର ଓ ମହାନଗରମାନଙ୍କର ଆଇନ ବ୍ୟବସ୍ଥା ପ୍ରତି ଏକ କଡ଼ା ଟିପ୍ପଣୀ ।

ଗୋଟିଏ ଆଧୁନିକ ସମାଜର ପ୍ରକୃତ ପରିଚୟ ମହିଳାମାନଙ୍କ ସ୍ଥିତିରୁ । ମହିଳାମାନେ ନିଜକୁ କେତେ ସୁରକ୍ଷିତ ଓ ସ୍ୱାଧୀନ ମନେକରନ୍ତି ଏଥିରୁ ଜଣା ପଡ଼େ ସମାଜଟି କେତେ ଉନ୍ନତ । ଏହି ଦୃଷ୍ଟିରୁ ଦେଖିଲେ ଆମ ଦେଶର ସହରଗୁଡ଼ିକ ଏବେ ବି ଆଧୁନିକ ମୂଲ୍ୟବୋଧରୁ ଖୁବ୍ ଦୂରରେ । ଏଠାରେ କମେଣ୍ଟ ମାରିବା, ଅଶ୍ଳୀଳ ଇଙ୍ଗିତ କରିବା ବା ଯୌନ ଅପରାଧ ଜଣାଇଦିଏ ଯେ ସମାଜରେ ସ୍ତ୍ରୀ-ପୁରୁଷ ସମ୍ପର୍କରେ ସ୍ୱାଭାବିକତା ଆସିନାହିଁ । ସମାନତା ଆସିନାହିଁ ଦୁଇ ଲିଙ୍ଗର ସମ୍ପର୍କରେ । ଫଳରେ ସେମାନଙ୍କ ମଧରେ ଆଳାପ-ଆଲୋଚନା ମଧ ସ୍ୱାଭାବିକ ଭାବରେ ହୋଇପାରେନା । ମାତ୍ର ଧୀରେ ଧୀରେ ସମୟ ବଦଳିବା ସହ ନାରୀକୁ ପ୍ରତିଟି ସ୍ତରରେ ଆଗକୁ ଯିବା ପାଇଁ ସୁଯୋଗ ମିଳିଲା । ଧୀରେ ଧୀରେ ସେମାନଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ମଧ ବଦଳିଲା । ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ମହିଳାମାନଙ୍କୁ ଅଧିକ ସ୍ୱାଧୀନତା ମିଳିଲା । ଶିକ୍ଷା ଓ ରୋଜଗାରର ଅବସର ମିଳିଲା । କିନ୍ତୁ ପୁରୁଷମାନଙ୍କ ମାନସିକତାରେ ସାମନ୍ତବାଦୀ ଚିନ୍ତାଧାରା ଏବେ ବି ରହିଛି । ଯୌନ ଅପରାଧ କୌଣସି ନା କୌଣସି ରୂପରେ ଏହାର ଅଭିବ୍ୟକ୍ତି ।



ସର୍ଭେରେ ୪୦ ପ୍ରତିଶତ ଝିଅ କହିଥିଲେ, ସେମାନଙ୍କୁ କେହି ଅଶ୍ଳୀଳ ଇଙ୍ଗିତ କଲେ ସେମାନେ ଅଣଦେଖା କରନ୍ତି । କାରଣ ପ୍ରତିକ୍ରିୟା ପ୍ରକାଶ କଲେ ସମାଜ ପ୍ରଥମେ ତାଙ୍କ ଚରିତ୍ରକୁ ସନ୍ଦେହ କରିବ । ଏହାର ବିରୋଧ କଲେ ବା ଆଇନର ଆଶ୍ରୟ ନେଲେ ସମସ୍ୟା ବଢ଼ିବ ପଛେ କମିବ ନାହିଁ ।

ପ୍ରକୃତରେ ସାମାଜିକ ବିକାଶ ପ୍ରକ୍ରିୟା ସବୁ ସ୍ଥାନରେ ସମାନ ନୁହେଁ । ଏଥିରେ ଅନେକ ଅସାମଞ୍ଜସ୍ୟ ରହିଛି । ଏହି କାରଣରୁ ଦିଲ୍ଲୀପରି ମହାନଗରମାନଙ୍କର ଲିଭ୍-ଇନ୍-ରିଲେସନ୍‌କୁ ସ୍ୱୀକାର କରାଯାଉଛି ଏବଂ ଅନ୍ୟପକ୍ଷରେ ଅନର କିଲିଂ ପରି ଘଟଣାମାନ ମଧ ଘଟୁଛି । ଦୁର୍ଭାଗ୍ୟର କଥା ପୋଲିସ ଓ ପ୍ରଶାସନରେ ମଧ ପୁରୁଷବାଦର ପ୍ରଭାବ ଅଧିକ । ତେଣୁ ମହିଳାମାନଙ୍କ ପ୍ରତି ଅପରାଧକୁ ଖୁବ୍ ସହଜ ଭାବରେ ନିଅନ୍ତି ସେମାନେ ଏହା ଅସାମାଜିକ ବ୍ୟକ୍ତିମାନଙ୍କୁ ପ୍ରୋତ୍ସାହିତ କରେ । ମହିଳାମାନେ ମଧ ଯଥାସମ୍ଭବ ସବୁକିଛି ଚୁପ୍‌ଚାପ୍ ସହ୍ୟ କରିବାକୁ ଶ୍ରେୟସ୍କର ମଣନ୍ତି । କାରଣ ସେମାନେ ଜାଣନ୍ତି ଏହାର ବିରୋଧ କଲେ ବା ଆଇନର ଆଶ୍ରୟ ନେଲେ ସମସ୍ୟା ବଢ଼ିବ ପଛେ କମିବ ନାହିଁ । ସର୍ଭେରେ ୪୦ ପ୍ରତିଶତ ଝିଅ କହିଥିଲେ, ସେମାନଙ୍କୁ କେହି ଅଶ୍ଳୀଳ ଇଙ୍ଗିତ କଲେ ସେମାନେ ଅଣଦେଖା କରନ୍ତି । କାରଣ ପ୍ରତିକ୍ରିୟା ପ୍ରକାଶ କଲେ ସମାଜ ପ୍ରଥମେ ତାଙ୍କ ଚରିତ୍ରକୁ ସନ୍ଦେହ କରିବ ।

ଏହା ସମସ୍ୟାର ସମାଧାନ ନୁହେଁ । ସାରା ଦେଶରେ ମହିଳା ସଶକ୍ତିକରଣକୁ ନେଇ ଜୋର୍‌ସୋର୍‌ରେ ଚର୍ଚ୍ଚା ଚାଲିଛି । ହେଲେ ଯଦି ଝିଅମାନେ ନିର୍ଭୟ ହୋଇ ରାସ୍ତାରେ ଚାଲି ନପାରିବେ ତା'ହେଲେ ସଶକ୍ତିକରଣର ମୂଲ୍ୟ କ'ଣ ?



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୧ ଜାନୁଆରୀ ୨୦୨୬ । ରବିବାର


## ରାଜ୍ୟ ନିର୍ବାଚନ କମିଶନରଙ୍କ ଜଗତସିଂହପୁର ଗସ୍ତ



**ଜଗତସିଂହପୁର,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶନିବାର ପୂର୍ବାହ୍ନରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ (ଅବସର ପ୍ରାପ୍ତ ଭାପ୍ରସେ) ଜଗତସିଂହପୁର ଜିଲ୍ଲାଗସ୍ତରେ ଆସିଥିଲେ। ଆଗାମୀ ପଞ୍ଚାୟତ ତଥା ପୌର ପାଳିକା ନିର୍ବାଚନକୁ ସ୍ୱଚ୍ଛ ଓ ସୂଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଶ୍ରୀ ପାଢ଼ୀଙ୍କ ଅଧକ୍ଷତାରେ ଏକ ସମୀକ୍ଷାତ୍ମକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ଜେ ସୋନାଲ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ଉପସ୍ଥିତିରେ ଶ୍ରୀ ପାଢ଼ୀ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଉପସ୍ଥାପନ କରିବା ସହ ପ୍ରିଜାଇଡିଂ, ପୋଲିଂ ଅଧିକାରୀଙ୍କ ଦାୟିତ୍ୱ, ବ୍ୟାଲଟ ବାକ୍ସ ଖୋଲିବା, ଲକ୍ କରିବା, ବ୍ୟାଲଟ ପେପର ଫୋଲ୍ଡିଂ ଭଳି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଇଲେକ୍ଟରାଲ ରୋଲ୍ ସଂଶୋଧନ, ନିର୍ବାଚନ ପ୍ରକ୍ରିୟାର ବିଭିନ୍ନ ଫର୍ମ ଓ ଏହାର ବ୍ୟବହାର ସଂପର୍କରେ ବିଷଦ ଭାବେ ଉପସ୍ଥାପନ କରିଥିଲେ। ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ଥିବା ବୁଥ ଗୁଡ଼ିକୁ ନିଜେ ଯାଇ ପରିଦର୍ଶନ କରି ଆବଶ୍ୟକୀୟ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ବିଡ଼ିଓମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ଡି ପିଓଙ୍କ ଠାରୁ ଜିଲ୍ଲାର ସ୍ଥିତି ସମ୍ବନ୍ଧରେ ବୁଝିଥିଲେ। ସମସ୍ତଙ୍କ ସହଯୋଗ ତଥା ନିର୍ବାଚନୀ ବ୍ୟବସ୍ଥାର ବିଧିବଦ୍ଧ ଜ୍ଞାନ ରହିଲେ ସବୁ ସମ୍ଭବ ବୋଲି ସେ କହିଥିଲେ। ସ୍ୱଚ୍ଛତାର ସହ କୌଣସି ଚାପର ବଶବର୍ତ୍ତୀ ନ ହୋଇ ନିଜର କର୍ତ୍ତବ୍ୟ ପାଳନ କରିବାକୁ ଉପଦେଶ ଦେଇଥିଲେ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ। ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ମଧ ନିଜର ଅଭିଜ୍ଞତା ସହ ନିର୍ବାଚନୀ ପ୍ରକ୍ରିୟାକୁ ସୂଚାରୁ ରୂପେ ପାଳନ ପାଇଁ ପ୍ରାକ୍ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ନିଜର ପ୍ରାରମ୍ଭିକ ବକ୍ତବ୍ୟରେ କହିଥିଲେ ଯେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ବର୍ଷର ପରିଚୟ। ପରେ ଡିପିଓ ସନ୍ତୋଷ କୁମାର ଶତପଥୀ ପିପିଟି ମାଧ୍ୟମରେ ଜିଲ୍ଲାର ସମସ୍ତ ପଞ୍ଚାୟତ ରତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ପୌରପାଳିକା ପକ୍ଷରୁ ପାରାଦ୍ୱୀପ ପୌର ପରିଷଦର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ତଥ୍ୟ ପ୍ରଦାନ କରିଥିଲେ। ସମସ୍ତ ବ୍ଲକ୍‌ର ବିଡ଼ିଓ, ଦୁଇ ପୌର ନିର୍ବାହୀ ଅଧିକାରୀ, ଡିପିଓ, ଜିପିଡ଼ିଓ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ବୈଠକ ପରିଚାଳନା କରିଥିଲେ।

## ଜାତୀୟସ୍ତରରେ କବାଡି ଖେଳିବେ ପ୍ରତ୍ୟୁଷା କହଁର



**କନ୍ଧମାଳ,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଚକାପାଦ ବ୍ଲକ ଅନ୍ତର୍ଗତ ଲାଇନ ପଡା ସ୍ଥିତ ବିବି ହାଇସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ ପ୍ରତ୍ୟୁଷା କହଁର ଜାତୀୟସ୍ତରରେ କବାଡି ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇ କନ୍ଧମାଳ ଜିଲ୍ଲାକୁ ଗର୍ବ ଓ ଗୌରବ ଆଣିଦେଇଛି। ଶୁକ୍ରବାର ପିଏମ୍‌ଶ୍ରୀ ବରଡ଼ା ବାଲୁଙ୍କେଶ୍ୱର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସାହାଣୀଙ୍କ ଅଧକ୍ଷତାରେ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରୀ ସୁଶ୍ରୀ କହଁରଙ୍କ ପିତା ସିଦ୍ଧେଶ କହଁର, ମାତା ଲବଙ୍ଗୀ କହଁର, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଅଶ୍ୱିନୀ କୁମାର ପ୍ରଧାନ, ପଞ୍ଚସଖା ଶିକ୍ଷାସେତୁ ସଭାପତି ରାଜେନ୍ଦ୍ରନାରାୟଣ ବେହେରା ଏବଂ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ଗହଣରେ ସୁଶ୍ରୀ ପ୍ରତ୍ୟୁଷା କହଁରଙ୍କୁ ବିଦ୍ୟାଳୟ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ସହିତ ସମ୍ବର୍ଦ୍ଧିତ କରାଯାଇଅଛି। ପ୍ରଧାନ ଶିକ୍ଷକ ଶ୍ରୀ ସାହାଣୀ, କ୍ରୀଡ଼ା ଶିକ୍ଷକ ସୁଶୀଳ କୁମାର କହଁର, ପିତା-ମାତା, ସଭାପତି, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଞ୍ଚଳବାସୀ, କନ୍ଧମାଳବାସୀ ଆଦି ସମସ୍ତଙ୍କ ଠାରୁ ଆଶୀର୍ବାଦ ନେଇ ସୁଶ୍ରୀ ପ୍ରତ୍ୟୁଷା କହଁର ଆସନ୍ତା ୧୯ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଉକ୍ତ ଜାତୀୟସ୍ତରର କ୍ରୀଡ଼ା ନିମନ୍ତେ ଗୁଡ୍ଡିବାଡ଼ା, ଆନ୍ଧ୍ରପ୍ରଦେଶକୁ କ୍ରୀଡ଼ା ଯାତ୍ରା କରିବେ। ଜାତୀୟସ୍ତରୀୟ କବାଡି ପ୍ରତିଯୋଗିତାରେ ପ୍ରତ୍ୟୁଷା କହଁର ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ପ୍ରଚାରିତ ହେବାପରେ ତାଙ୍କୁ ଜିଲ୍ଲାର କ୍ରୀଡ଼ାପ୍ରେମୀମାନଙ୍କ ତରଫରୁ ଶୁଭେଚ୍ଛାର ଶୁଅ ଛୁଟିବାରେ ଲାଗିଛି, ଆଉ ଝିଅ ଜାତୀୟସ୍ତରରେ ଖେଳିବା ପାଇଁ ପ୍ରତ୍ୟୁଷା ଯୋଗ୍ୟ ବିବେଚିତ ହୀଥିବାରୁ ପିତାମାତା, ଆତ୍ମୀୟ ସ୍ୱଜନ ସମସ୍ତେ ବହୁ ପରିମାଣରେ ଆନନ୍ଦିତ ହୋଉଥିବାର ଦେଖିବାକୁ ମିଳୁଛି।

## ମାଗଣା ସ୍ୱାସ୍ଥ୍ୟ ଶିବିର

**କଳିଙ୍ଗନଗର,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସାମାଜିକ ଦାୟିତ୍ୱବୋଧର ଏକ ଉଦାହରଣ ସୃଷ୍ଟି କରି ଇମ୍ଫା ଶିଳ୍ପ ଗୋଷ୍ଠୀର ସିଏସଆର ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ତରଫରୁ ଚାନ୍ଦିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭିତରମାଣିକା ପଡ଼ିଆରେ ଏକ ବିଶାଳ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଶନିବାର ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଶିଷ୍ଟ ସମାଜସେବୀ ସଞ୍ଜୟ କୁମାର ମହାନ୍ତି, ରାଜୁ କାଲୁଣ୍ଡିଆ, ଚାନ୍ଦିଆ ପଞ୍ଚାୟତର ସରପଞ୍ଚ ପାଣ୍ଡୁ ସିଂହ ଖୁଣ୍ଟିଆ ଓ ଦାନଗଦି ବ୍ଲକ ସିଏଚ୍‌ସିର ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଜ୍ୟୋତି ମହାପାତ୍ର ଉଦ୍ଘାଟନ କରିଥିଲେ। ଶିବିରରେ ସ୍ତ୍ରୀ ରୋଗ, ଶିଶୁ ରୋଗ ଓ ଭେଷଜ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଚିକିତ୍ସା କରି ଭିତରମାଣିକା, ନଟିମରା ଓ ବାଇସାହି ଗ୍ରାମର ୧୪୭ଜଣ ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇଥିଲା। ଇମ୍ଫା ତରଫରୁ ଡିଜିଏମ ବାସୁଦେବ ମୁଣ୍ଡା, ବରିଷ୍ଠ ଏଚ୍‌ଆର ଅଧିକାରୀ ସୁଧାଂଶୁ ଶେଖର ରାଉତରାୟ ଓ ପିଆର ଅଧିକାରୀ ପ୍ରିୟବ୍ରତ କେଶି ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅତିଥିମାନେ ଇମ୍ଫା ଓ ବଂଶୀଧର–ଇଲା ପଣ୍ଡା ଫାଉଣ୍ଡେସନର ଏହି ଲୋକାଭିମୁଖୀ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରି ଆଗାମୀ ଦିନରେ ଏହିଭଳି ସ୍ୱାସ୍ଥ୍ୟ ଶିବିର ପାଇଁ ସ୍ଥାନୀୟ ଲୋକଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ମତ ପ୍ରକାଶ କରିଥିଲେ।

## ସରିଲା ବାର୍ଷିକ କ୍ରୀଡ଼ା

**ରାଜନଗର,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ୍ ଅନ୍ତର୍ଗତ ବାହାପୁରସ୍ଥିତ ସପନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରତିଯୋଗିତା ଉଦଯାପନୀ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁଲତା ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସପନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅମର କୁମାର ସ୍ୱାଇଁ, ସପନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚଳନା କମିଟିର ସଭାପତି ହେମନ୍ତ କୁମାର ଖଣ୍ଡୁଆଳ, ସପନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଶୁଚେନ୍ଦ୍ର କୁମାର ପଡ଼ିଆରି, କୋଇଲିପୁର ଉ.ପ୍ରା. ବିଦ୍ୟାଳୟ ସହକାରୀ ଶିକ୍ଷକ ବାବୁଲି ପ୍ରସାଦ ଦାସ ଏବଂ କ୍ରୀଡ଼ା ପର୍ଯ୍ୟବେକ୍ଷକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକତା ଓ ଶ୍ରମ ମାଧ୍ୟମରେ ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଶକ୍ତିଶାଳୀ ଖେଳ ମଞ୍ଚ ସୃଷ୍ଟି କରିପାରିବା ଓ ଆମ ବିଦ୍ୟାଳୟରେ କିପରି କ୍ରୀଡା କ୍ଷେତ୍ରରେ ଜିଲ୍ଲା, ରାଜ୍ୟ ତଥା ଜାତୀୟସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷକ ଖଗେନ୍ଦ୍ର ପ୍ରସାଦ ସାହୁ ମଞ୍ଚ ପରିଚଳନା କରିଥିଲେ। ବିଦ୍ୟାଳୟର କାର୍ଯ୍ୟରତ ଥିବା ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ କ୍ରୀଡ଼ା ପ୍ରତିଯୋଗିତା ପରିଚଳନା କରିଥିଲା। ପରିଶେଷରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀକାନ୍ତ ବେହେରା କ୍ରୀଡ଼ା ଉତ୍ସବ ପତାକା ଅବାରୋହନ କରିଥିଲେ ଏବଂ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସମର୍ଥକଙ୍କୁ ପୋଲିସ ଉଠାଇନେଲା: ଉତ୍ତ୍ୟକ୍ତ ଲୋକଙ୍କ ଧାରଣା

**ମାର୍ଶାଘାଇ,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**



ପାରାଦୀପ ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥ ଶିଳିପୁର ଛକ ଠାରେ ଅଣ୍ଡରପାସ୍ ଦାବିରେ ଅନଶନ ୫ମ ଦିନରେ ଥିବାବେଳେ ଚତୁର୍ଥ ଦିନରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଜାତୀୟ ରାଜପଥକୁ ୮ ଘଣ୍ଟା ବନ୍ଦ ରଖିଥିଲେ। ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା। ଯିବାଆସିବା ପାଇଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶନିବାର ସକାଳୁ ରାସ୍ତାରୋକ କରିଥିବା ଯୁବକମାନଙ୍କ ମଧ୍ୟରୁ ୧୧ଜଣଙ୍କୁ ପୋଲିସ ଅଟକ ରଖିଥିବା ବେଳେ ପଞ୍ଚାୟତର ମହିଳାମାନେ ମାର୍ଶାଘାଇ ଥାନା ଘେରାଉ କରିଥିଲେ। ଏହି ସମୟରେ ପୋଲିସ ସହିତ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଆନ୍ଦୋଳନକାରୀ ଥାନା ଭିତରକୁ ପଧସେଇ ପସିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ପ୍ରତିରୋଧ କରିଥିଲା। ଏପରିକି ଲୋକମାନେ ପୋଲିସ ଉପରକୁ ଧୂଳି, କାଚବୋତଲ ଫିଙ୍ଗିଥିବା ବେଳେ ପୋଲିସ ଥାନା ଅଞ୍ଚଳରେ ୧୬୩ ଧାରା ଜାରି କରି ପରିସର ଖାଲି କରିଥିଲା। ଧସ୍ତାଧସ୍ତିରେ ଜୟନ୍ତି ବେଉରା ଓ ମିନତୀ ପ୍ରଧାନ ଆହତ ହୋଇଥିବା ବେଳେ ମାର୍ଶାଘାଇ ଥାନା ଏଏସଆଇ ଲୋଭଆବତୀ ସାହୁ ଆହତ ହୋଇଥିବା ଜଣାପଡିଛି। ପରିବର୍ତ୍ତନ ସମୟରେ ପୋଲିସ ହେବାଜତରେ ଥିବା ଲୋକମାନଙ୍କୁ ଛାଡିଦେଇଥିବା ବେଳେ ଆନ୍ଦୋଳନକାରୀମାନେ ଥାନା ସମ୍ମୁଖରୁ ଧାରଣାରୁ ଉଠିଯାଇଥିଲେ। ଘଟଣାସ୍ଥଳରେ ୪ ପ୍ଲାଟୁନ ଫୋର୍ସ ମଧ ମୁତୟନ ରହିଥିବା ସହିତ ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡ଼, ମାର୍ଶାଘାଇ ଥାନା ଅଧିକାରୀ ତପନ କୁମାର ନାୟକ, ପାଟକୁରା ଥାନା ଅଧିକାରୀ ମହମ୍ମଦ ଜାମସେଦ, ସଦର ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, କୁଦାନଗରୀ ଥାନା ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀଙ୍କ ସମାଜ ଜିଲ୍ଲା ମୁଖ୍ୟାଳୟର ବିଭିନ୍ନ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ କରୁଥିଲେ। ଶେଷରେ ୫ ଦିନଧରି ରାଜପଥ କଡରେ ଶିଳୀପୁର ଛକଠାରେ ଚାଲିଥିବା ପଞ୍ଚାୟତବାସୀଙ୍କ ତରଫରୁ ଚାଲିଥିବା ଅନଶନକୁ ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା ଓ ମାର୍ଶାଘାଇ ଥାନା ଆଇଆଇସି ତପନ ନାୟକ ଅନଶନ ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ପ୍ରଶାସନ ଲୋକମାନଙ୍କ ଦାବି ଯଥାର୍ଥ ଆସନ୍ତାକାଲି ଜିଲ୍ଲାପ୍ରଶାସନ ଆଲୋଚନା କରି ଏକ ବାଟ ବାହାର କରିବ ବୋଲି ତହସିଲଦାର ଶ୍ରୀ ପରିଜା କହିଛନ୍ତି।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା

**ମାହାଙ୍ଗା,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତସ୍ଥିତ ଅଡମ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆରସିସି ପ୍ରଶାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ କ୍ରୀଡାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଯେଉଁ କ୍ରୀଡ଼ାବିତମାନେ ଉତ୍ତମ ଖେଳ ପ୍ରଦର୍ଶନ କରିବେ ସେମାନେ ରାଜ୍ୟ ତଥା ଦେଶର ସୁନାମ ଅର୍ଜନ କରିପାରିବେ ବୋଲି କହିଥିଲେ। କ୍ରୀଡ଼ାବିତ ରମେଶ ଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ। ଯୋଗଗୁରୁ ସନ୍ତୋଷ କୁମାର ମଲ୍ଲ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଟା ଷ୍ଟିଲ୍‌ର 'ଦିଶା' ସମାବର୍ତ୍ତନ ଉତ୍ସବ





**ବ୍ରହ୍ମପୁର,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗ୍ରାମାଞ୍ଚଳର ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ମଧ୍ୟରେ ନେତୃତ୍ୱ ମନୋଭାବ ଜାଗ୍ରତ କରିବା ଲକ୍ଷ୍ୟରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ୍) ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ 'ଦିଶା' କାର୍ଯ୍ୟକ୍ରମର ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଫଳତାର ସହ ନେତୃତ୍ୱ ପ୍ରଶିକ୍ଷଣ ଶେଷ କରିଥିବା ୫୧୦ଜଣ ଗ୍ରାମୀଣ ମହିଳାଙ୍କୁ ସମ୍ମାନିତ କରାଯାଇଛି।

କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ମହିଳାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ, ଏକ ସମୃଦ୍ଧ ସମାଜ ଗଠନ ପାଇଁ ମହିଳାମାନଙ୍କର ନେତୃତ୍ୱ ଓ ସକ୍ରିୟ ଅଂଶଗ୍ରହଣ ଏକାନ୍ତ ଆବଶ୍ୟକ। ଏହାସହ ଟାଟା ଷ୍ଟିଲ୍ ସ୍ପେଶାଲ୍ ଇକୋନୋମିକ୍ ଜୋନ୍‌ର ମୁଖ୍ୟ ସୌରଭ ସୁଗନ୍ଧ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମୀଣ ବିକାଶରେ ଏହି ମହିଳାମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ଟିଏସଏଫ୍ ପକ୍ଷରୁ ଆୟୋଜିତ ଏହି 'ଦିଶା' କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି, ୫ ବର୍ଷ ମଧ୍ୟରେ ୬୦୦୦ ମହିଳାଙ୍କୁ ସାମାଜିକ, ରାଜନୈତିକ ଏବଂ ଡିଜିଟାଲ୍ କ୍ଷେତ୍ରରେ ଦକ୍ଷ କରିବା। ଏପର୍ଯ୍ୟନ୍ତ ପ୍ରାୟ ୫,୭୦୦ ମହିଳା ପ୍ରଶିକ୍ଷଣ ପାଇଥିବା ବେଳେ ୪୭୫୦ ମହିଳା ଓଡ଼ିଶା, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ରରେ ଆୟୋଜିତ ସମାବର୍ତ୍ତନ ଉତ୍ସବରେ ସାମିଲ ହୋଇଛନ୍ତି। ମହିଳାମାନଙ୍କୁ ଶାସନ ପ୍ରକ୍ରିୟା, ଯୋଗାଯୋଗ କୌଶଳ ଏବଂ ଡିଜିଟାଲ୍ ସାକ୍ଷରତା ଉପରେ ଶିକ୍ଷା ପ୍ରଦାନ କରାଯାଉଛି। ଚଳିତ ବର୍ଷ ଗୋପାଳପୁର, କଳିଙ୍ଗନଗର, ମେରାମଣ୍ଡଳୀ, ସୁକିନ୍ଦା ଓ ବ୍ରାହ୍ମଣୀପାଳ ଅଞ୍ଚଳର ମହିଳାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଜେଣ୍ଡର ଏବଂ କମ୍ୟୁନିଟି ଏଣ୍ଟରପ୍ରାଇଜ୍ ମୁଖ୍ୟ ସ୍ମିତା ବର୍ମା, ଗୋପାଳପୁର ୟୁନିଟ୍ ମୁଖ୍ୟ ଜୟନ୍ତ କୁମାର ତ୍ରିପାଠୀଙ୍କ ସମେତ ଫାଉଣ୍ଡେସନ ଏବଂ ଟାଟା ଷ୍ଟିଲ୍ ଏସ୍‌ଇଜେଡ୍‌ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ସମାବର୍ତ୍ତନ ଉତ୍ସବର ମୂଳମନ୍ତ୍ର ଥିଲା 'ସମାନତା ଭିତ୍ତିକ ସମାଜ ଗଠନ'। ଟାଟା ଷ୍ଟିଲ୍ ଫାଉଣ୍ଡେସନର ଏହି ପ୍ରୟାସ ଗ୍ରାମାଞ୍ଚଳର ମହିଳାମାନଙ୍କୁ କେବଳ ସ୍ୱାବଲମ୍ବୀ କରୁନାହିଁ, ବରଂ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ନିଷ୍ପତ୍ତି ନେବାରେ ସମର୍ଥ କରୁଛି।

## ଚାଷୀଙ୍କ ସମସ୍ୟା ନେଇ କଂଗ୍ରେସର ଦାବିପତ୍ର



**ଯାଜପୁର,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବଡ଼ଚଣା ବ୍ଲକ ଅଧିନସ୍ଥ ବାଲିକୁଦା ପଞ୍ଚାୟତ ଓ ବରପଦା ପଞ୍ଚାୟତର ଅଧିବାସୀ ମୁଖ୍ୟତଃ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ଚଳିତ ଥର ଏହି ଅଞ୍ଚଳର ଚାଷୀ ଚିନାବାଦାମ ଓ ପୋଟଳ ଚାଷ କରିଛନ୍ତି। କିନ୍ତୁ ଏବେ ଫସଲ ଅମଳ ସମୟ ଆସିଲା ବେଳକୁ ଫସଲରେ ମାରାତ୍ମକ ରୋଗ ହୋଇ ଫସଲ ମରି ଯାଉଛି। ଯଦି ଏହି ରୋଗ ବ୍ୟାପିଯାଏ ତାହେଲେ ଶହ ଶହ ଏକର ଫସଲ ନଷ୍ଟ ହୋଇଯିବ। ଏ ବିଷୟରେ ବ୍ଲକ ଅଧିକାରୀଙ୍କୁ ଜଣାଯାଇଥିଲେ ମଧ କୌଣସି କୃଷି ଅଧିକାରୀ କ୍ଷେତକୁ ଆସି ତଦନ୍ତ କରିନାହାଁନ୍ତି କି ଏହାର ପ୍ରତିକାର ଉପଦେଶ ଦେଉନାହାଁନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପିସିସି କିଷାନ କଂଗ୍ରେସର ଅଧକ୍ଷ ଅଭୟ ସାହୁ, ସୁଭେନ୍ଦୁ ମହାନ୍ତ, ସୁଧାଂଶୁ ଶେଖର ଦେଓ, ନିମାଇଁ ରାଉତରାୟ, ବସନ୍ତ ପରିଡ଼ା, ସନ୍ତୋଷ ନନ୍ଦ, ଅକ୍ଷୟ ସ୍ୱାଇଁ, ସଂଗ୍ରାମ ସାହାଣି, ପ୍ରଫୁଲ୍ଲ ରାୟ, ଚିନ୍ମୟ ପ୍ରଧାନ, ଜୟପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଓୟୁଡବ୍ଲ୍ୟୁଜେ ଜିଲ୍ଲା ଶାଖାର ସାଧାରଣ ପରିଷଦ



**କୋଣାର୍କ,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ ସ୍ଥିତ ମା'ଭଗବତୀ ପୀଠରେ ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ଶାଖାର ସଭାପତି ଶରତ ଚନ୍ଦ୍ର ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ସମାଜର ବିକାଶର ବାହାକ ହେଉଛନ୍ତି ଗଣମାଧ୍ୟମ। ସାମ୍ବାଦିକମାନେ ନିର୍ଭୀକ ହୋଇ ନିରପେକ୍ଷ ଭାବରେ ଖବର ପରିବେଷଣ କରି ବିକଶିତ ଓ ଭ୍ରଷ୍ଟାଚାର ମୁକ୍ତ ଗଠନରେ ବ୍ରତୀ ହେବା ଜରୁରୀ ବୋଲି ମୁଖ୍ୟଅତିଥି ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ। ଏହି ସାଧାରଣ ପରିଷଦ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ଉପ ସଭାପତି ପରମାନନ୍ଦ ମିଶ୍ର, ପୁରୀ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟର ମହିଳା ଆଇନ ସହାୟତା କେନ୍ଦ୍ର ନିର୍ଦ୍ଦେଶିକା ଜୟଶ୍ରୀ ମହାପାତ୍ର, ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଶାଖାର ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା, ଜିଲ୍ଲା ଶାଖାର ଶୃଙ୍ଖଳା କମିଟି ଅଧକ୍ଷ ଜଗନ୍ନାଥ ବେହୁରା ପ୍ରମୁଖ ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତାର ଉପାଦେୟତା ଓ ସାମ୍ବାଦିକ ସୁରକ୍ଷା ଏବଂ ଏହା ଉପରେ ଏଆଇର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶାଖାର କଲ୍ୟାଣ ପାଣ୍ଠି ଅଧକ୍ଷ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ଭାଗୀରଥୀ ସ୍ୱାଇଁ, ବରିଷ୍ଠ ସମ୍ବକାର ଲଳିତେନ୍ଦୁ ପଲାଉରୀ, ସତ୍ୟ ଖବର ସାମ୍ବାଦିକ ଅକ୍ଷୟ କୁମାର ନାୟକ, ମହେଶ୍ୱର ସାମଲ ଓ ବିଚିତ୍ର ଓଝା ସମେତ ୧୫ରୁ ଊର୍ଦ୍ଧ୍ୱ ସାମ୍ବାଦିକମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍ୱାସ୍ଥ୍ୟବିଧି ଓ ବାୟୋମେଡିକାଲ୍ ବର୍ଜ୍ୟ ପରିଚାଳନା ଯାଞ୍ଚ



**କଳିଙ୍ଗନଗର,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ସ୍ୱାସ୍ଥ୍ୟ ସଂସ୍ଥାମାନଙ୍କର ସ୍ୱଚ୍ଛତା, ସେବା ଗୁଣମାନ ଓ ରୋଗୀ ସୁବିଧାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଦାନଗଦି ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାୟାକଳ୍ପ ଯୋଜନା ଅଧୀନରେ ରାଜ୍ୟସ୍ତରୀୟ ମୂଲ୍ୟାଙ୍କନ କରାଯାଇଛି। ରାଜ୍ୟ କାୟାକଳ୍ପ ମୂଲ୍ୟାଙ୍କନ ଟିମ୍ ପକ୍ଷରୁ ମେଡିକାଲ ପରିସରର ସ୍ୱଚ୍ଛତା ବ୍ୟବସ୍ଥା, ସ୍ୱାସ୍ଥ୍ୟବିଧି, ରୋଗୀ ସୁବିଧା, ବାୟୋମେଡିକାଲ୍ ବର୍ଜ୍ୟ ପରିଚାଳନା, ସୁରକ୍ଷିତ ପାନୀୟ ଜଳ, ଶୌଚାଳୟ ବ୍ୟବସ୍ଥା, ହସ୍ପିଟାଲ ପରିବେଶ, ଅଗ୍ନି ସୁରକ୍ଷା ଓ ରେକର୍ଡ ରଖାରଖି ଉପରେ କଡ଼ା ଓ ସମଗ୍ର ଭାବେ ଯାଞ୍ଚ କରାଯାଇଥିଲା। ମୂଲ୍ୟାଙ୍କନ ସମୟରେ ଆଜି କେବଳ ଦିନକର ଦେଖାଦେଖି ସଫାଇ ଉପରେ ନୁହେଁ, ବରଂ ଦୈନନ୍ଦିନ ସ୍ୱଚ୍ଛତା ପ୍ରକ୍ରିୟା, ରୋଗୀଙ୍କ ସହ ବ୍ୟବହାର, ଷ୍ଟାଫ୍‌ଙ୍କ ଉପସ୍ଥିତି, ଔଷଧ ମଜୁତ, ମେଡିକାଲ୍ ଆବର୍ଜନା ନିଷ୍କାସନ ପ୍ରଣାଳୀ ଓ ଡକ୍ୟୁମେଣ୍ଟେସନ୍‌ର ବାସ୍ତବ ସ୍ଥିତି ଉପରେ ଟିମ୍ ଗଭୀର ନଜର ରଖିଥିଲେ। ସୂତ୍ରରୁ ପ୍ରକାଶ, ମୂଲ୍ୟାଙ୍କନ ସମୟରେ କିଛି ମୌଳିକ ସୁଧାରର ଆବଶ୍ୟକତା ଉପରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ ଭାବେ ସୂଚନା ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ସୁଧାର ଆଣିବାକୁ ପରାମର୍ଶ ଦେଇଥିଲେ। ଏହି ମୂଲ୍ୟାଙ୍କନରେ ରାଜ୍ୟ କାୟାକଳ୍ପ ଟିମ୍ ସଦସ୍ୟ ଡ଼ା. ସତ୍ୟନାରାୟଣ ବେହେରା, ଡ଼ା.ଦୟାଶିଷ ସାହୁ, ରଶ୍ମି ଦାଶ ସାମିଲ ଥିବାବେଳେ, ମେଡିକାଲ ପକ୍ଷରୁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଅଧକ୍ଷ ଡ଼ା.ଜ୍ୟୋତିରଞ୍ଜନ ମହାପାତ୍ର, ଡ଼ା. ପ୍ରୟାଗଜିତ ରାଉତ୍ରେ, ଝରଣା ପ୍ରଧାନ (ନର୍ସିଂ ଇନ୍‌ଚାର୍ଜ) ଓ ପ୍ରସନ୍ନ କୁମାର ପଣ୍ଡା (ଫାର୍ମାସି ଅଫିସର) ଉପସ୍ଥିତ ଥିଲେ। ଡାକ୍ତରଖାନାର ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀମାନେ ମୂଲ୍ୟାଙ୍କନ ପ୍ରକ୍ରିୟାରେ ସହଯୋଗ କରିଥିଲେ। ସ୍ଥାନୀୟ ଲୋକମାନେ କହିଛନ୍ତି, କାୟାକଳ୍ପ ମୂଲ୍ୟାଙ୍କନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

## ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୂକ୍ତିକରଣ ସଚେତନତା

**ଭଦ୍ରକ,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ତଥା ସାଇବର ସଚେତନତା ଶିବିର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିଥି ଭାବରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ଦୁର୍ଗା ଶଙ୍କର ସାହୁ, ଭଦ୍ରକ ଡାକ ମୁଖ୍ୟ ଅଧିକାରୀ ଲକ୍ଷ୍ମୀନାରାୟଣ ମିଶ୍ର, ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପଦ୍ମନାଭ ପତ୍ରି, ଲକ୍ଷ୍ମୀ ନାରାୟଣ ସାହୁ, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ସେଲ ଅଧକ୍ଷା ବନ୍ଦନା ଦେବୀ, ଭଦ୍ରକ ଲିଡ୍ ବ୍ୟାଙ୍କର ସିଏଫ୍‌ଏଲ୍, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଅଧିକାରୀ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ ମହୋଦୟା ଯୋଗ ଦେଇଥିଲେ। ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ପିଲାମାନଙ୍କୁ ସଂଚୟର ମହତ୍ତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାର ସମାଜ ଗଢ଼ିବା ପାଇଁ ଅନୁପ୍ରାଣିତ କରିଥିଲେ। ସାଇବର ସେଲ ଅଧକ୍ଷା ପିଲାମାନଙ୍କୁ ସାଇବର ଅପରାଧୀମାନଙ୍କ ଶିକାରରୁ ବଞ୍ଚିବାର ଉପାୟମାନ ବୁଝାଇଥିଲେ। ଜିଲ୍ଲା ଡାକ ମୁଖ୍ୟ ଅଧିକାରୀ ଡାକଘରେ ଉପଲବ୍ଧ ସମସ୍ତ ସଞ୍ଚୟ ଯୋଜନା ଗୁଡିକ ସମ୍ବଧରେ ଜଣାଇଥିଲେ। ପଦ୍ମନ କୁମାର ରାୟ ଓ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ପିଲାମାନଙ୍କୁ ସଞ୍ଚୟ ପାଇଁ ଅନୁପ୍ରାଣିତ କରିଥିଲେ ଓ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଭଦ୍ରକବାଳିକାମହାବିଦ୍ୟାଳୟ, ଚରମ୍ପା ମହାବିଦ୍ୟାଳୟ ଓ ସାଳନ୍ଦୀ ମହାବିଦ୍ୟାଳୟର ମୋଟ ୧୫୦ ଜଣ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଏହି ସଭାରେ ଜିଲ୍ଲା ପ୍ରଶାସନ ତରଫରୁ ମହାବିଦ୍ୟାଳୟର ଅଧକ୍ଷମାନଙ୍କ ଦ୍ୱାରା ଚୟନିତ ମୋଟ୍ ୪୦ ଜଣ ଛାତ୍ରଛାତ୍ରୀମାନଙ୍କୁ 'ଆର୍ଥିକ ସାକ୍ଷରତା ସ୍ୱେଚ୍ଛା ସେବୀ ବା ସଞ୍ଚୟ ସାଥୀ ଭାବେ ଘୋଷଣା କରାଯାଇଥିଲା।

## ଆଗାମୀ ପିଢ଼ିକୁ କୃଷି ପ୍ରତି ଆକର୍ଷିତ କରିବ 'ଓପନ୍ ଡେ-୨୦୨୬'

**କଟକ,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**



'ଭାରତ ଏକ କୃଷିପ୍ରଧାନ ଦେଶ। ତେଣୁ ଏଠାରେ ଜନ୍ମଲାଭ କରୁଥିବା ପ୍ରତ୍ୟେକ ପିଲା କୃଷି ସମ୍ପର୍କରେ ଜ୍ଞାନ ଆହରଣ କରିବା ଆବଶ୍ୟକ। ପ୍ରାଥମିକ ଅବସ୍ଥାରେ ବିଦ୍ୟାର୍ଥୀମାନେ ଏଥିପ୍ରତି କିଭଳି ଆଗ୍ରହୀ ହେବେ, ସେଥିପାଇଁ ସେମାନଙ୍କୁ ଭିନ୍ନ ଭିନ୍ନ କୌଶଳ ଏବଂ ଆକର୍ଷଣୀୟ ମଡେଲ୍ ଜରିଆରେ କୃଷିର ସକାରାତ୍ମକ ଦିଗ ପ୍ରତି ଆକୃଷ୍ଟ କରିବା ଆବଶ୍ୟକ।' ଶୁକ୍ରବାର ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ବିଭାଗ ପକ୍ଷରୁ ଆୟୋଜିତ 'ଓପନ ଡେ-୨୦୨୬' ଅବସରରେ ନିଜ ଅଭିଭାଷଣରେ କିଛି ଏହିପରି କହିଥିଲେ କୁଳପତି ପ୍ରଫେସର ଡ. ତେଜପ୍ରତାପ। ବିଭାଗୀୟ ଡିନ୍ ପ୍ରଫେସର ଡ.ଏସ୍.କୁମାରସ୍ୱାମୀ ନିଜ ବକ୍ତବ୍ୟରେ କୃଷି ବିଷୟରେ ଜାଣିବା ନେଇ ବିଦ୍ୟାର୍ଥୀମାନଙ୍କୁ ପ୍ରୋତ୍ସାହିତ କରୁଥିବା ବିଦ୍ୟାଳୟଗୁଡ଼ିକ ପ୍ରତି କୃତଜ୍ଞତା ପ୍ରକାଶ କରିଥିବା ବେଳେ କୁଳସଚିବ ପ୍ରଫେସର ଡ. ଅନିଲ ଶର୍ମା ସମ୍ପ୍ରତି କୃଷି କିଭଳି ଯୁବ ସମ୍ପ୍ରଦାୟ ପାଇଁ ରୋଜଗାରର ଏକ ଅପ୍ରତିଦ୍ୱନ୍ଦ୍ୱୀ ମାଧ୍ୟମ ପାଲଟିଛି, ସେକଥା କୌତୁକିଆ ଅନ୍ଦାଜରେ ପିଲାମାନଙ୍କୁ କହିଥିଲେ। ସହକାରୀ ଡିନ୍ ଡ.ଚିନ୍ମୟୀ ମହାପାତ୍ର ଓ ଡ.ଅନୁପମା ସିଂହଙ୍କ ସମେତ କୃଷି ବିଭାଗର ସମସ୍ତ ଫ୍ୟାକଲ୍ଟି, କର୍ମଚାରୀ, ସ୍ୱେଚ୍ଛାସେବୀ ଓ ବିଦ୍ୟାର୍ଥୀମାନେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ପକ୍ଷରୁ ଆୟୋଜିତ ଏହି 'ଓପନ୍ ଡେ-୨୦୨୬' କାର୍ଯ୍ୟକ୍ରମ ଥିଲା କୋମଳମତି ବିଦ୍ୟାର୍ଥୀମାନଙ୍କ ମଧ୍ୟରେ କୃଷି, ସେଥିରେ ବ୍ୟବହୃତ ଉନ୍ନତ ଜ୍ଞାନକୌଶଳ, ପ୍ରକଳ୍ପ ଓ କୃଷି ଯନ୍ତ୍ରପାତି ନେଇ ଆଗ୍ରହ ସୃଷ୍ଟି କରିବା, ତଦ୍ ଜନିତ କିଛି ଉଦ୍ଭାବନ ନିମନ୍ତେ ମନ ବଳାଇବାକୁ ପ୍ରେରିତ କରିବା ଦିଗରେ ଉଦ୍ଦିଷ୍ଟ। ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ସ୍କୁଲ, ଅରିହନ୍ତ ଗୁରୁକୁଳମ୍, ଅରିହନ୍ତ ଗୁରୁକୁଳ, ନ୍ୟୁ ଷ୍ଟିୱାର୍ଟ ସ୍କୁଲ୍ (ମିଶନ ରୋଡ୍ ବକ୍ସିବଜାର), ମଡର୍ଣ୍ଣ ପବ୍ଲିକ୍ ସ୍କୁଲ୍ (ଚହଟା ବିଡ଼ାନାସୀ), ଜାଭିଅର୍ସ ସ୍କୁଲ୍ (ସିଡିଏ), ଏଲ୍‌ଆର୍ ଡିଏଭି ସ୍କୁଲ୍ (ଗଣ୍ଡରପୁର) ଭଳି କଟକ ସହର ଓ ଆଖପାଖର ବହୁ ବିଦ୍ୟାଳୟରୁ ପ୍ରାୟ ୮୦୦ ବିଦ୍ୟାର୍ଥୀ ଏକାଠି ହୋଇଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ-ସଂଯୋଜକ ଡ.ଅଭିନବ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଷ୍ଟମରୁ ନେଇ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନେ ନିଜ ନିଜ ବିଦ୍ୟାଳୟର ଅଧକ୍ଷ (ପ୍ରିନ୍ସିପାଲ) ଏବଂ ଶିକ୍ଷକମାନଙ୍କ ସହ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଟି କୃଷି, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ନିରନ୍ତର କୃଷିକାର୍ଯ୍ୟ ସମ୍ପର୍କରେ ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଉଦ୍ଦିଷ୍ଟ ଥିଲା। ଏହାବ୍ୟତୀତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଏକ ଆକର୍ଷଣୀୟ କୃଷି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସେଥିରେ କୃଷିର ବିଭିନ୍ନ କୌଶଳ, ଫସଲ ଉତ୍ପାଦନ, ଜଳସେଚନ ପ୍ରଣାଳୀ, ଆଧୁନିକ କୃଷି ପଦ୍ଧତି ତଥା ବ୍ୟବସାୟିକ ମୂଲ୍ୟବୋଧଭିତ୍ତିକ ଉତ୍ପାଦକୁ ନେଇ ବିଭିନ୍ନ ଆକର୍ଷଣୀୟ ମଡେଲମାନ ସ୍ଥାନ ପାଇଥିଲା। ଖାଲି ସେତିକି ନୁହେଁ, ବହୁ ସୁଦୃଶ୍ୟ ଷ୍ଟଲରେ ପ୍ରଦର୍ଶିତ ବିଭିନ୍ନ କୃଷି ଏବଂ ଖାଦ୍ୟ ଉତ୍ପାଦ ପ୍ରତି ପରିଦର୍ଶନରେ ଆସିଥିବା ବିଦ୍ୟାର୍ଥୀମାନେ ବେଶ୍ ରୁଚି ଦେଖାଇଥିବା ପରିଲକ୍ଷିତ ହୋଇଥିଲା। ଏଭଳି ଏକ ଅଭିନବ ଆୟୋଜନ ସେମାନଙ୍କ ମନରେ ଥିବା ବହୁ ପ୍ରଶ୍ନର ସରଳ ଓ ଆଶୁ ସମାଧାନ କରିବାରେ ସକ୍ଷମ ହେଲା ବୋଲି 'ଓପନ୍ ଡେ-୨୦୨୬'ରେ ଭାଗ ନେଇଥିବା ଅଧିକାଂଶ ବିଦ୍ୟାର୍ଥୀ କହିଥିଲେ। ପ୍ରାଧ୍ୟାପିକା ଡ. ବୁଲବୁଲ୍ ବବଲୀନା ଏହି କାର୍ଯ୍ୟକ୍ରମଟିକୁ ସଞ୍ଚାଳନ କରିଥିବା ବେଳେ ପ୍ରାଧ୍ୟାପିକା ଡ. ଶୀତଲ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ



**କୁଚିଣ୍ଡା,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାମରା ବ୍ଲକ ଅନ୍ତର୍ଗତ ଟାଙ୍ଗରମୁଣ୍ଡା ଏସଏସଡି ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତୁଷାରକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଜେନାମଣି ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର ମହତ୍ତ୍ୱ ନେଇ ମତ ବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷକ ଅମିତ୍ର କୁମାର ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏବିଇଓ ହୃଦାନନ୍ଦ ପ୍ରଧାନ, ପ୍ରଧାନ ଶିକ୍ଷକ ରୂପଧର ସେଠ୍ ଓ ଝଗଉ ସଦସ୍ୟ ହେମାନନ୍ଦ ମାଝୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ପ୍ରତିଭା ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଦିଲ୍ଲୀପ ପଟେଲ, ସଚ୍ଚିଦାନନ୍ଦ ପଟେଲ, ସତୀଶ ଛୁରିଆ, ସୌଭାଗ୍ୟ ମେହେର, ଅରୁଣ ପାନ୍ନା। ଲାଲବହାଦୂର୍ ଗୋପାଳ, ପଦ୍ମନାଭ କୁମୁରା, ଶିକ୍ଷୟିତ୍ରୀ ନିବେଦିତା ଦୋରା, ରଶ୍ମିରେଖା ଦାସ ଓ ଦିପ୍ତିମୟୀ ପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SDCM-KUR-PURI-CONSULTANCY ଓ SDCM-KUR-CTC-CONSULTANCY, ତାରିଖ 18.12.2025 ର

ପ୍ରଶାସନିକ କାରଣରୁ ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତି ଅନୁସାରେ ପୁରୀ ଓ କଟକ ରେଳ ଷ୍ଟେସନର ବାଣିଜ୍ୟିକ ଉପଯୋଗ ନିମନ୍ତେ କନସଲଟାନ୍ସି ଟେଣ୍ଡର ଖୋଲାଯିବା ତାରିଖକୁ ବର୍ତ୍ତମାନ ଥିବା ତାରିଖ ଅର୍ଥାତ୍ 08.01.2026ରୁ 07 ଦିନ ପାଇଁ ସଂପ୍ରସାରଣ କରାଯାଇଛି। **ଟେଣ୍ଡର ଖୋଲାଯିବାର ନୂଆ ତାରିଖ 08.01.2026 ପରିବର୍ତ୍ତେ 15.01.2026 ପଢ଼ାଯିବା ଆବଶ୍ୟକ।**

ବିସ୍ତୃତ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାଙ୍କୁ ପରାମର୍ଶ ଦିଆଯାଉଛି ଯେ, ଦୟାକରି ୱେବସାଇଟ୍ : **www.ireps.gov.in** ଅବଲୋକନ କରନ୍ତୁ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-997/Q/25-26

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୧ ଜାନୁଆରୀ ୨୦୨୬ ● ରବିବାର

## ବ୍ରାଉନସୁଗାର ଜବତ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାଉନସୁଗାର ବେପାର କରୁଥିବା ଅଭିଯୋଗରେ କଟକ ଅବକାରୀ ମୋବାଇଲ ୟୁନିଟ ଶନିବାର ସ୍ଥାନୀୟ କ୍ୟାଣ୍ଟେନମେଣ୍ଟ ଥାନା ଅନ୍ତର୍ଗତ ବାଲିଯାତ୍ରା ପଡ଼ିଆ ନିକଟ ରିଂଗ ବନ୍ଧରୁ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ରାଜା ବଗିଚା ଅଂଚଳର ସୁମିତ ବେହେରା (୧୯) । ଅବକାରୀ ପୋଲିସ ଅଭିଯୁକ୍ତ ଠାରୁ ୫୨ଗ୍ରାମର ବ୍ରାଉନସୁଗାର ଓ ଗୋଟିଏ ହୁଣ୍ଡା ଆକ୍ଟିଭା (ଓଡ଼ି୦୫ଏକେ୬୪୭୧) ଜବତ କରିଛି । ଜବତ ବ୍ରାଉନସୁଗାରର ଆନୁମାନିକ ବଜାରର ମୂଲ୍ୟ ୬ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ପୋଲିସ ଆକଳନ କରିଛି । ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା, ଏସଆଇ ଅକ୍ଷୟ ଜେନା, ଏଏସଆଇ ଜୟପ୍ରକାଶ ବେଉରିଆ, କନେଷ୍ଟବଳ ଅବକାରୀ ଜେନା, ଦେବବ୍ରତ ଓଝା, ପୁର୍ଣ୍ଣେଶ୍ୱର ମାଝୀ, ଶଙ୍କର ସିଂ, ଦମୟନ୍ତୀ ନାଥ ଓ ମୋନାଲିସା ଦାସ ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।



## କାରାଗାର ଅନ୍ତେବାସୀଙ୍କୁ ଧନ୍ଦା ମୂଳକ ପ୍ରଶିକ୍ଷଣ

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶନ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ, ଭଦ୍ରକଙ୍କ ଦ୍ୱାରା ଜିଲ୍ଲା କାରାଗାରରେ ଅନ୍ତେବାସୀମାନଙ୍କୁ ଧୂପକାଠି ପ୍ରସ୍ତୁତ ପ୍ରଣାଳୀ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବନ୍ଦୀ ଜୀବନରୁ ମୁକ୍ତ ହେବା ପରେ ନିଜେ କିଭଳି ସ୍ୱାବଲମ୍ବୀ ହୋଇ ହୋଇ ପାରିବେ ସେଥି ନିମିତ୍ତ ସଚେତନତା କରାଯାଇଥିଲା ଏବଂ ତତ୍ ସହିତ ନିଶା ନିବାରଣ ନିମନ୍ତେ ଉପସ୍ଥିତ ଅନ୍ତେବାସୀ ମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ, ଅଧୀକ୍ଷକ, ଜିଲ୍ଲା କାରାଗାର, ଭଦ୍ରକ ବିକାଶ ସେଠୀ, ପ୍ରଶିକ୍ଷକ କମଳା ମିଶ୍ର, ଜୟନ୍ତୀ ପଡିହାରି ବାବା ଧବଳେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀ, କାଦବରାଗ, ଭଦ୍ରକ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡ଼ା ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟାରେ କିଶୋର ସ୍ପନ୍ଦନ



**କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ) ଦ୍ୱାରା ଆୟୋଜିତ କେନ୍ଦ୍ରାପଡା ସହରସ୍ଥ ଟେଲିକମ୍ ପଡିଆରେ ଦ୍ୱାବିଂଶତମ ରାଜ୍ୟସ୍ତରୀୟ ପୁସ୍ତକମେଳାର ପଞ୍ଚମସନ୍ଧ୍ୟାରେ କିଶୋର/କିଶୋରୀ ମାନଙ୍କର ପ୍ରତିଭାର ପ୍ରଦର୍ଶନ 'କିଶୋର ସ୍ପନ୍ଦନ' ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କିଶୋର/କିଶୋରୀ ମାନଙ୍କର ପ୍ରତିଭାର ପ୍ରୋତ୍ସାହନ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏକ ସଭାର ଆୟୋଜିନ କରାଯାଇଥିଲା । ଏଥିରେ ପୁଷ୍ପିତା ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭାର ପ୍ରାକ୍ତନ ଯୁଗ୍ମ ସଚିବ ଚୌଧୁରୀ ରମାକାନ୍ତ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇ ଆଜିର ସମାଜର କିଶୋର କିଶୋରୀ ମାନଙ୍କର ବହୁମୁଖୀ ପ୍ରତିଭା ଉପରେ ଗୁରୁତ୍ୱରୋପ କରିଥିଲେ । ଏହି ଅବସରରେ କୈଶୋର ପ୍ରତିଭା ପ୍ରିୟାଙ୍କା ପ୍ରିୟଦର୍ଶନୀ, ସାଇଶ୍ରୀ ବିଶ୍ୱଜିତା ରାୟ, ପ୍ରାଣତୋଶ ପ୍ରଧାନଙ୍କୁ କିଶୋର ସ୍ପନ୍ଦନ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରେ ମାଟିକ୍ ପରୀକ୍ଷାରେ ଜିଲ୍ଲାର ଟପ୍ପର ଶୁଭମ ଜ୍ୟୋତି ରାଉତ, ସୁଚିସ୍ମିତା ସାହୁ, ଲୋପାମୁଦ୍ରା ପାଟ୍ଟଯୋଷି ମାନଙ୍କୁ ପୁଷ୍ପବୃକ୍ଷ, ଉତ୍ତରୀୟ ଏବଂ ମୁନେଣ୍ଟ ଦେଇ ସମ୍ମାନିତ କରାଯାଇଥିଲ । କିଶୋର ସ୍ପନ୍ଦନ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ହୋଇଥିଲା । ଯଥା ଚିତ୍ରାଅଙ୍କନ, ଏକକନୃତ୍ୟ ପ୍ରଦର୍ଶନ, ଦଳଗତ ନୃତ୍ୟ ପ୍ରଦର୍ଶନ, କ୍ଷୁଦ୍ର ନାଟକ, ନୃତ୍ୟାଭିନୟ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଡିଏଭି ସ୍କୁଲ ଶିକ୍ଷକ ଏବା ଶିକ୍ଷୟତ୍ରୀମାନେ ପରିଚାଳନା କରିଥିଲେ । ଏହି କେମର କିଶୋର ସ୍ପନ୍ଦନର ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳ ସଭା ପରିଚାଳନା କରିଥିଲେ । ଆଜିର ପୁସ୍ତକ ମେଳାକୁ ସଭାପତି ଅକ୍ଷୟ ପାଣି, ସମ୍ପାଦକ ଏମଡି ଜାହିଦ ଖାନ, ଉପ ସଭାପତି ସରୋଜ ସାହୁ, ସହ ସମ୍ପାଦକ ପ୍ରତାପ ସ୍ୱାଇଁ, ବଂଶିଧର ମହାନ୍ତି, ମଞ୍ଜୁଶ୍ରୀ ଦାସ, ପ୍ରଫୁଲ୍ଲ କୁମାର ଜେନା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ହିମାଂଶୁ କୁମାର ଦାସ, ବିଜୟ କୁମାର ବେହେରା, ସୌମ୍ୟରଞ୍ଜନ ପଟ୍ଟନାୟକ, ରଶ୍ମିରଞ୍ଜନ ବାରିକ, ଅମ୍ରିନ ସାହାଦତ, ଚୌଧୁରୀ ଦିପକ କୁମାର, ପାର୍ଥସାରଥୀ ରାଉତରାୟ, ବିଚିତ୍ରାନନ୍ଦ ପାଢ଼ି, ତାରେଣୀ କୁମାର ପାଟ୍ଟଯୋଶୀ, ରାଜେନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଦଶପଲ୍ଲା କପ: ମଣିପୁର ୩-୦ରେ ବିଜୟୀ



**ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ଚାଲିଥିବା ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ୪ର୍ଥ ଦିବସରେ ଗତକାଲିର ବିଜେତା ୟୁନାଇଟେଡ଼ ଦିଲ୍ଲୀ ସହିତ ଫୁଟବଲ ଆସୋସିଏସନ ମଣିପୁର ଦଳର ଖେଳ ହୋଇଥିଲା। ଖେଳ ଆରମ୍ଭ ହେବାର ମାତ୍ର ୪ମିନିଟ ମଧ୍ୟରେ ମଣିପୁର ଦଳ ଦିଲ୍ଲୀ ଦଳକୁ ଗୋଟିଏ ଗୋଲ ଦେଇ ଦର୍ଶକଙ୍କୁ ଚମକାଇ ଦେଇଥିଲେ। ପରେ ମ୍ୟାଚ ସଂଘର୍ଷ ପୂର୍ଣ୍ଣ ହୋଇଥିଲା। ଦିଲ୍ଲୀ ଦଳ ପ୍ରାୟ ୭/୮ ଗୋଟି ସୁଯୋଗ ପାଇଥିଲେ ହେଁ ଗୋଲ କରି ପାରିନଥିଲେ। ଅପର ପକ୍ଷରେ ମଣିପୁର ଦଳ ତାଙ୍କ ଚମତ୍କାର ପାସର ସୁଯୋଗ ନେଇ ଆଉ ଗୋଟିଏ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ୨-୦ ଗୋଲରେ ଅଗ୍ରଣୀ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଆଶା କରାଯାଉଥିଲା ଦିଲ୍ଲୀ ଦଳ କିଛି ଚମତ୍କାରୀତା ଦେଖାଇବେ କିନ୍ତୁ ଓଲଟା ମଣିପୁର ଦଳ ଆଉ ଗୋଟିଏ ଗୋଲ ଦେଇ ୩-୦ରେ ମ୍ୟାଚକୁ ନିଜ ଅକ୍ତିଆରକୁ ନେଇ ଯାଇଥିଲା। ଶେଷରେ ଦିଲ୍ଲୀ ଦଳ ପରାଜୟ ବରଣ କରି ଫେରିଥିଲା। ରେଫରୀ ପ୍ରସନ୍ନ କୁମାର ନାୟକ ଖେଳ ପରିଚାଳନା କରିଥିଲେ। ଆଜି ଅତିଥି ଭାବେ ଯୋଗ ଦେଇଥିଲେ ଡା. ବିକାଶ ମିଶ୍ର ପ୍ରାକ୍ତନ ପ୍ରାଣୀଧନ ବିଭାଗ ବିଶେଷଜ୍ଞ। ଆସନ୍ତାକାଲି ପ୍ରଥମ ସେମିଫାଇନାଲ ମ୍ୟାଚ ବିହାର ଦଳ ସହ ମଣିପୁର ଖେଳିବ ବୋଲି ସୋସାଇଟିର ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ଜଣାଇଛନ୍ତି।

## ମହାନଦୀରେ କୁମ୍ଭୀର: ଆତଙ୍କରେ ସ୍ଥାନୀୟ ଲୋକେ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ମହାନଦୀର ଯୋବ୍ରା ଆନିକଟ ନିକଟରେ ଏକ କୁମ୍ଭୀର ଦେଖାଦେଇଛି । ଏହାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି । ମହାନଦୀର ବାଲୁକା ଶଯ୍ୟାରେ କୁମ୍ଭୀରଟି ଶୋଇ ଖରା ଖାଉଥିବା ବେଳେ ଶନିବାର ଏହାକୁ ଦେଖିବାକୁ ମହାନଦୀ ବ୍ୟାରେଜ ଉପରେ ପ୍ରବଳ ଭିଡ଼ ଜମି ରହିଥିଲା । ଏଥିପାଇଁ ଦୀର୍ଘ ସମୟ ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କ ହଟାଇ ଟ୍ରାଫିକ ନିୟନ୍ତ୍ରଣ କରିଥିଲା । ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ନଦୀକୂଳରେ ବସବାସ କରୁଥିବା ଲୋକମାନେ ସ୍ନାନ ଓ ଶୌଚ ପାଇଁ ନଦୀ ଉପରେ ନିର୍ଭର କରିଥାନ୍ତି । ମାତ୍ର ଏହି କୁମ୍ଭୀରର ଉପସ୍ଥିତି ହେତୁ ସ୍ଥାନୀୟ ନଦୀକୂଳିଆ ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି । ସେମାନେ ନଦୀକୁ ଯିବାକୁ ନେଇ ଭୟ ପ୍ରକାଶ କରୁଛନ୍ତି । ବନ୍ୟ କର୍ମଚାରୀ ପରିସ୍ଥିତି ଉପରେ ନଜର ରଖିଥିବା ସୂଚନା ମିଳିଛି ।

## ନରେଗାରେ ଗାନ୍ଧୀଙ୍କ ନାମକୁ ପୁଣି ନଯୋଡିଲେ ପ୍ରତିବାଦ ତୀବ୍ର ହେବ

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**



ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଆଜି ସମସ୍ତ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ଜନସାଧାରଣଙ୍କୁ ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ସମ୍ପର୍କରେ ସଚେତନ କରାଯାଇଛି। ଏହି କ୍ରମରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ଯୋଗଦେଇ କହିଲେ ଯେ ୟୁପିଏ ସରକାର ସମୟରେ ବେକାରୀ ଲୋକଙ୍କୁ କାମ ଦେବା ଉଦ୍ଦେଶ୍ୟରେ ପ୍ରଣୟନ ହୋଇଥିବା ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ କୋଟିକୋଟି ଜନସାଧାରଣ ଉପକୃତ ହେଉଥିଲେ। ଖୁବ ନିକଟରେ ବିଜେପି ଷଡଯନ୍ତ୍ର କରି ମହାତ୍ମା ଗାନ୍ଧୀଙ୍କ ନାମକୁ ହଟାଇ ନୂତନ ଯୋଜନା କରି ଏହି ଯୋଜନାର ଲକ୍ଷ୍ୟ ପୂରଣ ଦିନରେ ପ୍ରତିବନ୍ଧକ ସାଜିଛନ୍ତି। ଏହାକୁ କଂଗ୍ରେସ ଦଳ ତୀବ୍ର ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛି। ଯେ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଏହାକୁ ପୂର୍ବଭଳି ମହାତ୍ମା ଗାନ୍ଧୀଙ୍କ ନାମ ନ ଯୋଡନ୍ତି କଂଗ୍ରେସ ଦଳ ରାହୁଲ ଗାନ୍ଧୀ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଦୃଢ଼ ପ୍ରତିବାଦ କରିବ ବୋଲି ଜୟଦେବ ଜେନା କହିଥିଲେ।

ସେହିଭଳି ରାଜ୍ୟରେ ବିଜୁଳି ଉପଭୋକ୍ତାମାନଙ୍କୁ ଟାଟା କମ୍ପାନୀ ଯେଉଁଭଳି ଭାବରେ ଶୋଷଣ କରୁଛି ତାହା ଅତ୍ୟନ୍ତ କ୍ଷୋଭର ବିଷୟ। ଉପଭୋକ୍ତାମାନଙ୍କ ପାଇଁ ଥିବା ବ୍ୟବସ୍ଥାକୁ କାର୍ଯ୍ୟ କରାଯାଉ ନାହିଁ। ମନମୁଖି ଶୁଳ୍କ, ସ୍ମାର୍ଟ ମିଟର ପାଇଁ ଦେୟ ଉପଭୋକ୍ତାମାନଙ୍କୁ ଆର୍ଥିକ ସଂକଟ ମଧ୍ୟକୁ ଠେଲି ଦେଇଛି ବୋଲି ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ କହିଥିଲେ। ସେହିପରି ରାଜ୍ୟରେ ଧାନର ଅଭାବି ବିକ୍ରୀ ଉକ୍ଟ ହେଲାଣି। ଚାଷୀଭାଇମାନେ ଅମଳ କରିଥିବା ଧାନକୁ ସରକାର ଉଠାଉ ନାହାନ୍ତି। ମଣ୍ଡିରେ ଶହଶହ ବସ୍ତା ଧାନ ପଡିରହିଛି। ଯେତିକି ଧାନ ଉଠୁଛି କଟନି ଛଟନି ଚାଷୀଭାଇଙ୍କୁ ଅତ୍ୟନ୍ତ ବାଧୁଛି। ଏ ସମସ୍ତ ଦିଗ ପ୍ରତି ସରକାର ସଚେତନ ନହେଲେ ଆଗାମୀ ଦିନରେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ରାଜୀବ ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱିବଲଭ ପଟ୍ଟନାୟକ, ସ୍ୱାଗତିକା ପଟ୍ଟନାୟକ, ପ୍ରଦୀପ ସ୍ୱାଇଁ, ଶିଶିର ପରିଡ଼ା, ରଞ୍ଜିତ ମହାପାତ୍ର, ଅମିତ ମହାନ୍ତି, ଅଶୋକ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଳ୍ପ ବିପର୍ଯ୍ୟୟ ପ୍ରସ୍ତୁତିର ତଦାରଖ ପାଇଁ ମକ୍ ଡ୍ରିଲ୍




**ଅନୁଗୁଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଛେଣ୍ଡିପଦା ରୋଡ୍ ସ୍ଥିତ ନିଶା ନିକଟରେ ଏକ ପୂର୍ଣ୍ଣାଙ୍ଗ ଜରୁରୀକାଳୀନ ମକ୍ ଡ୍ରିଲ୍, ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପଗୁଡ଼ିକ ଜରୁରୀକାଳୀନ ସମୟରେ ଯୋଗାଯୋଗ ବ୍ୟବସ୍ଥା, ଜରୁରୀକାଳୀନ ଯନ୍ତ୍ରପାତି, ସମ୍ବଳ ସଂଗ୍ରହ ଏବଂ ଆନ୍ତଃ-ଏଜେନ୍ସି ସମନ୍ୱୟର ପ୍ରଭାବଶାଳୀ ମୂଲ୍ୟାଙ୍କନ କରିବା ଉଦ୍ଦେଶ୍ୟରେ ଡିସଟ୍ରିକ୍ଟ ଅଫ୍-ସାଇଟ୍ ଏମର୍ଜେନ୍ସି ରେସପନ୍ସ ପ୍ଲାନ୍ (ଓଇଆରପି) ଅନୁଯାୟୀ ଏହି ଅଭ୍ୟାସ କରାଯାଇଥିଲା। ଏହି ମକ୍ ଡ୍ରିଲରେ ଅନୁଗୁଳ ଡିଭିଜନର କାରଖାନା ଏବଂ ବଏଲର୍ସର ଉପନିର୍ଦ୍ଦେଶକ ଡକ୍ଟର ରମେଶ ଚନ୍ଦ୍ର ବେହେରା; ଅନୁଗୁଳ ଜୋନ୍-୧ର କାରଖାନା ଏବଂ ବଏଲର୍ସର ସହାୟକ ନିର୍ଦ୍ଦେଶକ ମନୋଜ ମିଶ୍ର; ଜିଲ୍ଲା ଅଗ୍ନିଶମ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ ଏବଂ ଛେଣ୍ଡିପଦାର ସହକାରୀ ଶ୍ରମ ଅଧିକାରୀ କୁମାରୀ ପଦ୍ମଜା ସାହୁ ପ୍ରମୁଖ ଅଧିକାରୀ ସାମିଲ ହୋଇଥିଲେ। ସେହିପରି ଶିଳ୍ପାନୁଷ୍ଠାନ ପକ୍ଷରୁ ଜିନ୍ଦଲ ଷ୍ଟିଲର ସେଫ୍ଟି ମୁଖ୍ୟ (ଅନୁଗୁଳ) ଜିତେନ୍ଦ୍ର ପରିଡା, ଏସବିବିପିପି ପ୍ଲାଣ୍ଟ ମୁଖ୍ୟ (ଏଚଓପି) ଗଜେନ୍ଦ୍ର ରାଓ୍ୱତ ଏବଂ ଏସବିପିପିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ) ମୁଖ୍ୟ ୟୁ.ଭି.ଏମ୍. ରାଓଙ୍କ ସମେତ ଜିନ୍ଦଲ ଷ୍ଟିଲ୍ ଏବଂ ନିକଟବର୍ତ୍ତୀ ଶିଳ୍ପର ପ୍ରତିନିଧିମାନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଏହି ଡ୍ରିଲରେ ଅଂଶଗ୍ରହଣ କରିଥିଲେ। ଏହି ମକ୍ ଡ୍ରିଲ୍ ଜିନ୍ଦଲ ଷ୍ଟିଲ୍ ଦ୍ୱାରା ଅନୁଗୁଳର କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟର ତତ୍ତ୍ୱାବଧାନ ଏବଂ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା। ଜରୁରୀକାଳୀନ ପରିସ୍ଥିତି ସମୟରେ ସାଧାରଣ ଲୋକଙ୍କ ସୁରକ୍ଷା ଏବଂ ପରିବେଶ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏଭଳି ଏକ ପ୍ରୟାସ କରାଯାଇଥିଲା। ଯାହା ଫଳରେ ଆଗକୁ ପ୍ରସ୍ତୁତି ସହ ଅସୁବିଧାଗୁଡ଼ିକର ଚିହ୍ନଟ କରାଯାଇପାରିବ।

## କଲେଜ ଅଧ୍ୟାପିକାଙ୍କ ଦାଦାଗିରି: କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ

**ହିନ୍ଦୋଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସାତମାଇଲ ସ୍ଥିତ ଜନତା ମହାବିଦ୍ୟାଳୟର ଜନୈକା ଇଂରାଜୀ ବିଭାଗର ଅଧ୍ୟାପିକା ମହା ବିଦ୍ୟାଳୟର ଅଣ ଶିକ୍ଷକ କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଅଶୋଭନୀୟ ଆଚରଣ ଦେଖାଉଥିବାରୁ ଏଥିରେ ଅତିଷ୍ଠ ହୋଇ କର୍ମଚାରୀମାନେ କଲେଜ ଅଧ୍ୟକ୍ଷ ଓ ପରିଚାଳନା କମିଟିର ଚେୟାରମ୍ୟାନ ତଥା ଉପ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିବା ଜଣାଇଛନ୍ତି। ଅଭିଯୋଗ ମୁତାବକ ଉକ୍ତ ଅଧ୍ୟାପିକା କୁଆଡେ ବିନା ସିଏଲ୍ (ଛୁଟି) ଦରଖାସ୍ତରେ ଅନୁପସ୍ଥିତ ରହିବା ପାଇଁ ଚାହୁଁଥିଲେ। ଯାହାକୁ କଲେଜର ମୁଖ୍ୟ କିରାଣୀ ତ୍ରିଭୁବନ ସାରଥୀ ଦାସ ପ୍ରତିରୋଧ କରିବା ସହ ବାରଣ କରିଥିଲେ। ଏହି ଘଟଣାକୁ ନେଇ ଅଧ୍ୟାପିକା ଜଣକ କ୍ଷୁବ୍ଧ ହୋଇ ମୁଖ୍ୟ କିରାଣୀଙ୍କ ସହ ବଚସା ଆରମ୍ଭ କରିଥିଲେ। ଘଟଣାଟି ଅଧ୍ୟକ୍ଷାଙ୍କ ଅନୁପସ୍ଥିତିରେ ଗତ ୭ ତାରିଖ ଦିନ ଘଟିଥିଲା। ଯାହାକୁ କଲେଜର କେତେକ କର୍ମଚାରୀ ଓ ଅଧ୍ୟାପକ ଅଧ୍ୟାପିକା ସ୍ୱଚକ୍ଷୁରେ ଦେଖିଥିଲେ। ଏହି ଘଟଣାରେ ମୁଖ୍ୟ କିରାଣୀ ଶ୍ରୀ ଦାସ ନିଜର ମାନସିକ ସନ୍ତୁଳନ ହରାଇଥିବା ନେଇ କମିଟି ଚେୟାରମ୍ୟାନ ତଥା ଉପ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଅଧ୍ୟକ୍ଷା ଦାୟୀ ରହିବେ ବୋଲି ସେ ରୋକ୍‌ଠୋକ୍ ଜଣାଇ ଦେଇଛନ୍ତି। ଅନୁଷ୍ଠାନର ଅନ୍ୟ କର୍ମଚାରୀମାନେ ମଧ୍ୟ ମୁଖ୍ୟ କିରାଣୀଙ୍କ ସହିତ ଏକମତ ହୋଇ ଅନୁରୂପ ଭାବେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଗତକାଲି କଲେଜ ପରିସରରେ




ସମସ୍ତେ କଲମ ଛାଡ ଆନ୍ଦୋଳନ ଆରମ୍ଭ କରିଥିଲେ। ଉପ ଜିଲ୍ଲାପାଳ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିବାରୁ ଏଥିରେ ସେମାନେ ସାମୟିକ ନିବୃତ ରହିଥିଲେ। ଉକ୍ତ ଅଧ୍ୟାପିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସେମାନେ ପ୍ରତିବାଦ ସ୍ୱରୂପ ପୁନର୍ବାର କଲମ ଛାଡ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। କର୍ମଚାରୀମାନଙ୍କ ମଧ୍ୟରେ ଗ୍ରନ୍ଥାଗାର ରକ୍ଷକ ଭବାନୀ ଶଙ୍କର ପଟ୍ଟନାୟକ, ରବିନାରାୟଣ ସାହୁ, ପୁରୁଷୋତ୍ତମ ସାମଲ, ସୌମ୍ୟ ରଞ୍ଜନ ଗଡନାୟକ, ଟଙ୍କଧର ଗଡନାୟକ, ସୁବ୍ରତ କୁମାର ଦେହୁରୀ, ରଣଜିତ୍ ପଟ୍ଟନାୟକ, ପ୍ରଦୀପ ପ୍ରଧାନ, ଶିଶିର ଗଡନାୟକ, ବିନୟ ମାଝୀ, ବୁଦ୍ଧିଆ ନାୟକ ପ୍ରମୁଖ ଅନ୍ତର୍ଭୁକ୍ତ।

## ୨୮ରେ ପଠାଣି ସାମନ୍ତ ଗଣିତ ଛାତ୍ରବୃତ୍ତି ପରୀକ୍ଷା

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ଛାତ୍ରବୃତ୍ତି ପରୀକ୍ଷା (ପିଏମଏସଟି)-୨୦୨୫ ଆସନ୍ତା ଜାନୁୟାରୀ ୨୮ ତାରିଖ ବୁଧବାର ଅନୁଷ୍ଠିତ ହେବ । ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବୋର୍ଡ଼ ସଭାପତି ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି । ଗୋଟିଏ ସିଟିଂରେ ଉଭୟ ଷ୍ଟେଜ-୧ ଓ ଷ୍ଟେଜ-୨ ପରୀକ୍ଷା ହେବ ବୋଲି ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି ।

## ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ୧୯୬୬ ବ୍ୟାଚ୍ ଛାତ୍ରଙ୍କ ବାର୍ଷିକ ସମ୍ମିଳନୀ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ଶତାୟୁ ହାଇସ୍କୁଲ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ୧୯୬୬ମସିହାରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ୩୧ତମ ବାର୍ଷିକ ସମ୍ମିଳନୀ ଓ ପାରିବାରିକ ବନ୍ଧୁ ମିଳନ ବାଙ୍କୀ ଏନ୍.ଏ.ସି ଅନ୍ତର୍ଗତ ବେଦପୁର ଗ୍ରାମର ଷଠୀ ଠାକୁରାଣୀଙ୍କ ପୀଠରେ ସମିତିର ସଭାପତି ନୀଳମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଂଘର ସଭ୍ୟ ଘୋଡାବର ଗ୍ରାମର ଧନେଶ୍ୱର ସାହୁଙ୍କ ପରଲୋକରେ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଂପାଦକ ପ୍ରେମାନନ୍ଦ ରାଜ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭ୍ୟ ବ୍ରଜବନ୍ଧୁ ପଣ୍ଡା ବି.କେ.ବିଦ୍ୟାପୀଠରୁ ଉତ୍ତିର୍ଣ୍ଣ ଜଣେ ଗରିବ ମେଧାବୀ ଛାତ୍ର ବାଙ୍କୀ ମହାବିଦ୍ୟାଳୟରେ +୨ରେ ନାମ ଲେଖାର ସମସ୍ତ ଖର୍ଚ୍ଚର ବହନ କରିବାର ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା। ବ୍ରଜବନ୍ଧୁ ପାଲଙ୍କ ସଭାପତିତ୍ୱରେ ବ୍ରଜବନ୍ଧୁ ପଣ୍ଡା, ପ୍ରେମାନନ୍ଦ ରାଜ ଓ ବିଦ୍ୟାଳୟର ଜଣେ ପ୍ରତିନିଧିଙ୍କୁ ନେଇ ଜୟନ କମିଟି ଗଠନ କରାଯାଇଥିଲା। ଗତ ଅକ୍ଟୋବର ୭ରେ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଶତବାର୍ଷିକ ସମାରୋହକୁ ସଫଳ କରାଇଥିବା ଶତବାର୍ଷିକ କମିଟିର ସଭାପତି ଭବାନୀ ପ୍ରସାଦ ପଣ୍ଡିତ, ସଂଯୋଜକ ନୀଳମୋହନ ତ୍ରିପାଠୀ, ପରିଚାଳନା କମିଟି ସଭାପତି ଶ୍ରୀନିବାସ ବେହେରା, ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ଦାସ, ସଂପାଦକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଏବଂ ଏଥିରେ ସହଯୋଗ ଓ ସାହାଯ୍ୟ କରିଥିବା ସମସ୍ତ ପ୍ରାକ୍ତନ ଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟର କର୍ମଚାରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଛି। ଡକ୍ଟର ବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କୁ ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ଅବଦାନ ପାଇଁ "ଯଶସ୍ୱୀ ଛାତ୍ର ୧୯୬୬" ସମ୍ମାନରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଡକ୍ଟର ତ୍ରିପାଠୀ ସମ୍ବର୍ଦ୍ଧନା ପାଇଁ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ତାଙ୍କୁ ପାଠ ପଢ଼ାଇଥିବା ଶିକ୍ଷକମାନଙ୍କୁ ପ୍ରଣାମ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଥିଲେ। ଶିକ୍ଷକ ଶ୍ରୀ ତ୍ରିପାଠୀ ୧୯୬୨-୬୬ମସିହାରେ ବିଦ୍ୟାଳୟରେ ପାଠପଢ଼ିଥିବା ବେଳର ସାଥୀ ଓ ପରିବାରବର୍ଗଙ୍କୁ ଅଧିବକ୍ତା ଶ୍ରୀନିବାସ ମହାପାତ୍ର , ଡକ୍ଟର ବନମାଳୀ ନାୟକ, ଡକ୍ଟର ରାଜେନ୍ଦ୍ର ନାଥ ସିଂହ, ହରିହର ସାହୁ, ଲଳିତ ମହାପାତ୍ର, ଧନେଶ୍ୱର ସାହୁ, କସ୍ତୁରୀ ଚରଣ ପ୍ରଧାନ, କାଶିନାଥ ମଲ୍ଲିକ ପ୍ରମୁକ ସେମାନଙ୍କର ସ୍ମୃତିଚାରଣ କରିଥିଲେ। ଶେଷରେ ସଭାପତି ଶ୍ରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



## ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ

**ଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଆଳି ଯାଦବ ମହାସଭାର ପ୍ରାକ୍ତନ ସଭାପତି କେଶବ ଚରଣ ବେହେରାଙ୍କର ଶନିବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା।



କେଶବ ବେହେରାଙ୍କ ପରଲୋକରେ ଆଳି ଅଂଚଳରେ ଶୋକର ଛାୟା ଖେଳିଯାଇଛି। ସେ ଆଳି ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରିବା ପରେ ପ୍ରଧାନ ଶିକ୍ଷକ କାର୍ଯ୍ୟଭାର ସମ୍ଭାଳି ଅବସର ଗ୍ରହଣ କରିଥିଲେ। ଆଳି ବ୍ଲକ ଯାଦବ ମହାସଭାର ସଭାପତି ରହିବା ସମୟରେ ରାଧାକୃଷ୍ଣ ମନ୍ଦିର ନିର୍ମାଣ କରାଇଥିଲେ। ଆଳି ମହାବିଦ୍ୟାଳୟର ସହକାରୀ ସମ୍ପାଦକ ଭାବେ ମହା ବିଦ୍ୟାଳୟ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଶେଷ ଦର୍ଶନ ପାଇଁ ସହ ସହ ଲୋକ ତାଙ୍କ ବାସଭବନରେ ପହଂଚି ଥିଲେ। କଂଗ୍ରେସ ନେତ୍ରୀ ଡାକ୍ତର ଦେବସ୍ମିତା ଶର୍ମା, ଆଳି ବ୍ଲକ ଯାଦବ ମହା ସଭାର ସଭାପତି ଶେଖର ଚନ୍ଦ୍ର ବାରିକ, ସମ୍ପାଦକ ଧରଣୀ ଧର ବେହେରା, ଉପସଭାପତି ମଧୁସୂଦନ ଦାସ, ରାଜ୍ୟ ସଂଘ ନେତା ମନୋଜ ପରିଡା, ଶରତ ଦାସ, ଧନେଶ୍ୱର ରାଉତ, ମେଂଢପୁର ସରପଞ୍ଚ ପ୍ରତିନିଧି ସେକ ସୋପାନ, ପୂର୍ବତନ ସରପଞ୍ଚ ଆୟୁବ ଖାଁ ଆଳି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିତା ସେନାପତି ପ୍ରମୁଖ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ବଡପୁଅ ଡାକ୍ତର ପ୍ରକାଶ ବେହେରା, ଆଡଭୋକେଟ୍ ପ୍ରଶାନ୍ତ ବେହେରା ଓ ଶ୍ରୀକାନ୍ତ ବେହେରା ଉପସ୍ଥିତ ଥିଲେ। ନିଜସ୍ୱ ଗାଁ ଗୋପ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ଶନିବାର ସନ୍ଧ୍ୟାରେ ସମାପିତ ହୋଇଥିଲା।

## ଛାତ୍ରୀମାନଙ୍କ ଶୈକ୍ଷିକ ପରିଭ୍ରମଣ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ସଂସ୍କୃତ ସମ୍ମାନ ବିଭାଗ ଛାତ୍ରୀମାନଙ୍କର ଏକ "ଶୈକ୍ଷିକ ପରିଭ୍ରମଣ" ଅନୁଷ୍ଠିତ ହୋଇଯାଇଛି। ଏହି ଶୈକ୍ଷିକ ଭ୍ରମଣରେ ଛାତ୍ରୀମାନେ ମନ୍ଦିରମାଳିନୀ ସହର ଭୁବନେଶ୍ୱରର ରାଜ୍ୟ ସଂଗ୍ରହାଳୟ, ଶାନ୍ତି ସ୍ତୁପ, ଖଣ୍ଡଗିରି, ଉଦୟଗିରି ଓ ଏକାମ୍ର କାନନ ବଟିନକାଲ ଗାର୍ଡେନ ପ୍ରଭୃତି ସ୍ଥାନକୁ ଶୈକ୍ଷିକ ପରିଭ୍ରମଣ କରିଥିଲେ। ରାଜ୍ୟ ସଂଗ୍ରହାଳୟରେ ଓଡ଼ିଶାର ସଂସ୍କୃତି, ଇତିହାସ ଓ ଲିପି ସମ୍ବନ୍ଧରେ ଅବଗତ ହୋଇଥିଲେ। ଧଉଳିଗିରି ଶାନ୍ତିସ୍ତୁପରେ ଗୌତମ ବୁଦ୍ଧଙ୍କ ବାଣୀ ' ବୁଦ୍ଧଂ ଶରଣଂ ଗଚ୍ଛାମି, ସଂଘଂ ଶରମଂ ଗଚ୍ଛାମି ' ଦ୍ୱାରା ଅନୁପ୍ରାଣିତ ହୋଇଥିଲେ । ସଂସ୍କୃତ ବିଭାଗ ଅଧ୍ୟାପକ ଶ୍ରୀମାନ ଜୀବନ ଦାଶଙ୍କ ନେତୃତ୍ୱରେ ଏହି ଶୈକ୍ଷକ ପରିଭ୍ରମଣରେ ସଂସ୍କୃତ ବିଭାଗ ମୁଖ୍ୟ ଡ଼ଃ ପୂର୍ଣ୍ଣିମା ମହାନ୍ତି, ଅଧ୍ୟାପିକା ଅନିତା ବିଶ୍ୱାଳ, ପୂଜା ବେହେରା, ଅଧ୍ୟାପକ ସ୍ୱୟଂବିକାଶ ରଥ, ଅଧ୍ୟାପକ ଜଗନ୍ନାଥ ପଣ୍ଡା ଏବଂ କମ୍ପ୍ୟୁଟର ପ୍ରୋଗ୍ରାମର ସ୍ୱାଧୀନ ନାୟକ ଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ । ଏହି ଶୈକ୍ଷିକ ଭ୍ରମଣ ଛାତ୍ରୀମାନଙ୍କୁ ଓଡ଼ିଶାର କଳା, ସଂସ୍କୃତି ଏବଂ ଐତିହ ସମ୍ପର୍କୀତ ଜ୍ଞାନରେ ସମୃଦ୍ଧ କରିଛି।

## କରାଟେରେ ୫ ପ୍ରତିଯୋଗୀଙ୍କୁ ୧୦ ପଦକ

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

କଲିକତାର ରାୟଗଞ୍ଜ ମ୍ୟୁନିସିପାଲଟି ପାର୍କଠାରେ ଅନୁଷ୍ଠିତ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆନ୍ତର୍ଜାତୀୟ କରାଟେ ଚମ୍ପିୟାନ ସିପରେ ଭାରତ, ନେପାଳ, ଭୁଟାନ, ବାଙ୍ଗଲାଦେଶ ଓ ଶ୍ରୀଲଙ୍କା ଦେଶ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଓଡ଼ିଶା ଖୋର୍ଦ୍ଧା ଜିଲ୍ଲା ବାଲକାଟି ଅଞ୍ଚଳର ପ୍ରଶିକ୍ଷକ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ମୋଟ ୫ ଜଣ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧୦ଗୋଟି ପଦକ ହାସଲ କରିଛନ୍ତି। ସେଥିମଧ୍ୟରୁ ସିନିୟର୍ ବାଳିକା ବିଭାଗରେ ସୁଦେଶେସ୍ନା ଶୁଭଦର୍ଶନୀ (୭୫-୮୦) କାଟା ଓ କୁମିତେରେ ୨ଟି ସ୍ୱର୍ଣ୍ଣ, ବାଳକ ବିଭାଗରେ କୁମାର ଅଭିଷେକ ଭୋଇ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ପାଇଥିବା ବେଳେ ଜୁନିଅର ବାଳକ ବିଭାଗରେ ଭବେସ କୁମାର ମହାନ୍ତି ଗୋଟିଏ ରୌପ୍ୟ ଓ ଗୋଟିଏ ତାମ୍ର ପଦକ, ଆଦିତ୍ୟ ନମନ ମହାନ୍ତି ଦୁଇଗୋଟି ତାମ୍ର, ସାଇ କ୍ରିଷ୍ଣା ଦାସ ଦୁଇଟି ତାମ୍ର ପଦକ ହାସଲ କରି ଅଞ୍ଚଳ ପାଇଁ ସୁନାମ ଅର୍ଜ୍ଜନ କରିଛନ୍ତି। କୃତିତ୍ୱଙ୍କୁ ସମ୍ମାନ ଜଣାଇବା ପାଇଁ ଅଞ୍ଚଳରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟୁଛି। ଏନେଇ ଆଜି ବାଲକାଟି ଦୁଲ୍ଲାଦେବୀ ମନ୍ଦିର ସଭାକକ୍ଷରେ ସ୍ୱସ୍ତିକ ଫାଉଣ୍ଡେସନ ପକ୍ଷରୁ ଏକ ସ୍ୱତନ୍ତ୍ର ସଭାରେ ସଂସ୍ଥାର ଅଧ୍ୟକ୍ଷ ଭୁବ୍ରତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, କପିଳ ମହାରଣା, ରଞ୍ଜନ ମହାପାତ୍ର, କଷ୍ଠ ଶିଳ୍ପୀ ଉପେନ୍ଦ୍ର ପ୍ରଧାନ ଏବଂ ଦୀନବନ୍ଧୁ ଭୋଇ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଶୀତକାଳୀନ କ୍ରୀଡା




**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ରେଳକର୍ମଚାରୀ ଓ ସେମାନଙ୍କର ପରିବାର ସଦସ୍ୟମାନଙ୍କ ନିମନ୍ତେ ଆୟୋଜିତ ଶୀତକାଳୀନ କ୍ରୀଡା-୨୦୨୬ ର ଉଦ୍ଘାଟନ ଆଜି ଅପରାହ୍ନରେ ପୂର୍ବତଟ ରେଳପଥ କ୍ରୀଡା ସଂଗଠନ କ୍ରୀଡା ପରିସରର ଇଣ୍ଡୋର ବ୍ୟାଡମିଣ୍ଟନ ହଲ୍ ଠାରେ ଅତ୍ୟନ୍ତ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଆୟୋଜନ କରାଯାଇଛି। ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୀତକାଳୀନ କ୍ରୀଡା-୨୦୨୬କୁ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପ୍ରଦୀପ କୁମାର ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଶୁଭ୍ରଜ୍ୟୋତି ମଣ୍ଡଳ, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ)/ଖୋର୍ଦ୍ଧା ରୋଡର ସଭାପତି ଶ୍ରୀମତୀ ଦିବ୍ୟା ତ୍ରିପାଠିଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ତ୍ରିପାଠୀ ଶାରୀରିକ ଓ ମାନସିକ ସୁସ୍ଥତା ଏବଂ ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ଏକତା ବଜାୟ ରଖିବାରେ କ୍ରୀଡା ଏବଂ ଖେଳର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଅଂଶଗ୍ରହଣକାରୀମାନଙ୍କୁ ଶୃଙ୍ଖଳା, ସମର୍ପଣ ଏବଂ ପ୍ରକୃତ କ୍ରୀଡାପ୍ରେମୀ ମନୋଭାବ ସହିତ ଖେଳିବାକୁ ଉତ୍ସାହିତ କରିଥିଲେ। ଉଦ୍ଘାଟନ ସମାରୋହରେ ରେଳକର୍ମଚାରୀ, ସେମାନଙ୍କର ସନ୍ତାନମାନେ ଏବଂ କ୍ରୀଡାପ୍ରେମୀମାନଙ୍କର ଭାରି ଉତ୍ସାହ ଦେଖାଯାଇଥିଲା ଯାହା ଫଳରେ ସମଗ୍ର ପରିସର ଜୀବନ୍ତ ଓ ଉତ୍ସାହମୟ ପରିବେଶରେ ପରିଣତ ହୋଇଥିଲା। ଏହି କାର୍ଯ୍ୟକ୍ରମର ସଫଳ ସମନ୍ୱୟ କ୍ରୀଡା ଅଧିକାରୀ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସଙ୍କ ଦ୍ୱାରା ସଂଯୋଜନା କରାଯାଇଥିଲା। ଶୀତକାଳୀନ କ୍ରୀଡା-୨୦୨୬ ଅନ୍ତର୍ଗତ ବିଭିନ୍ନ ଇଣ୍ଡୋର କ୍ରୀଡା ପ୍ରତିଯୋଗିତା ଆୟୋଜିତ ହେବ ଯାହା ମାଧ୍ୟମରେ ପ୍ରତିଭାଗୀମାନେ ନିଜ ଖେଳ ପ୍ରତିଭା ପ୍ରଦର୍ଶନ କରିପାରିବେ। ଏହି ଅବସରରେ ଇକୋରୋର ସଦସ୍ୟମାନେ ଏବଂ ବରିଷ୍ଠ ଅଧିକାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଶୀତକାଳୀନ କ୍ରୀଡା -୨୦୨୬ ରେଳ କର୍ମଚାରୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟକୁ ଆହୁରି ମଜବୁତ କରିବ ଏବଂ ରେଳ ଭାଇଚାରାର ମଧ୍ୟରେ ଏକ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀକୁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି।

## କିମସରେ ଏଏପିଆଇ ଗ୍ଲୋବାଲ୍ ହେଲଥକେୟାର ସମିଟ୍

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଆମେରିକାନ ଆସୋସିଏସନ ଅଫ ଇଣ୍ଡିଆନ ଅରିଜିନ (ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ-ଏଏପିଆଇ) ପକ୍ଷରୁ କିମ୍ସରେ ୧୯ତମ ଗ୍ଲୋବାଲ୍ ହେଲଥ୍‌କେୟାର ସମିଟ୍ ୨୦୨୬ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜାନୁଆରୀ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମ୍ମିଳନୀରେ ଭାରତ ଓ ଆମେରିକାର ୧୧୦ରୁ ଊର୍ଦ୍ଧ୍ୱ ପ୍ରଖ୍ୟାତ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନବସର୍ଜନାକାରୀମାନେ ଯୋଗ ଦେଇଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାର କିମ୍ସରେ ଏଭଳି ସମ୍ମିଳନୀ ଆୟୋଜିତ ହୋଇଛି।




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଆଭାସୀ ମାଧ୍ୟମରେ ଯୋଗଦେଇ କହିଲେ, ଅନ୍ତର୍ଜାତୀୟ ଚିକିତ୍ସା ସହଯୋଗ ଓ ଜ୍ଞାନ ବିନିମୟକୁ ଆଗକୁ ବଢ଼ାଇବା ଏଭଳି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଭାରତୀୟ ବଂଶୋଦ୍ଭବ ଡାକ୍ତରମାନେ ଆମେରିକାରେ ଆଧୁନିକ ସ୍ୱାସ୍ଥ୍ୟସେବା ସଂଗଠନ କରିବା ସହିତ ଦୟା, ଶୃଙ୍ଖଳା ଏବଂ ବୃତ୍ତିଗତ ଉତ୍କର୍ଷତା ମାଧ୍ୟମରେ ଗଭୀର ଓ ସ୍ଥାୟୀ ବିଶ୍ୱ ପ୍ରଭାବ ସୃଷ୍ଟି କରିପାରିଛନ୍ତି।

କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଡାକ୍ତରମାନଙ୍କ ଏଭଳି ବିଶ୍ୱସ୍ତରୀୟ ସମାବେଶ ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏଏପିଆଇ ଉପରେ ଗୁରୁତ୍ୱାରୋପ କରି ସେ କହିଲେ, ଏଏପିଆଇ ଆମେରିକାରେ କାର୍ଯ୍ୟ କରୁଥିବା ଏକ ଲକ୍ଷରୁ ଅଧିକ ଭାରତୀୟ ବଂଶୋଦ୍ଭବ ଡାକ୍ତରଙ୍କୁ ପ୍ରତିନିଧିତ୍ୱ କରୁଛି। ଏହା ବ୍ୟତୀତ ସେ ନିରନ୍ତର ଶୈକ୍ଷିକ ସହଯୋଗ, ଗବେଷଣା, ଜ୍ଞାନ ବିନିମୟ ଓ ଦକ୍ଷତା ନିର୍ମାଣ ମାଧ୍ୟମରେ ଭାରତ ଓ ଆମେରିକା ମଧ୍ୟରେ ଏକ ଏଏପିଆଇର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହୁଥିଲେ। ଏହି ଅବସରରେ ଶ୍ରୀ ସାମନ୍ତଙ୍କୁ ଏଏପିଆଇ ପକ୍ଷରୁ ସମ୍ମାନିତ କରାଯାଇଥିଲା।

ଏଏପିଆଇ ସଭାପତି ତଥା ଏଏପିଆଇ ଜିଏଚ୍‌ଏସ୍ ଅଧ୍ୟକ୍ଷ ଡା ଅମିତ ଚକ୍ରବର୍ତ୍ତୀ କହିଲେ, ଏଏପିଆଇ ହେଉଛି ଆମେରିକାର ଦ୍ୱିତୀୟ ସର୍ବବୃହତ ଚିକିତ୍ସା ସଂଗଠନ। ଏଥିରେ ଯେ ପ୍ରାୟ ୧୧୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଏହି ସମ୍ମିଳନୀ ପାଇଁ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ପ୍ରଥମ ଥର ପାଇଁ ଓଡ଼ିଶା ଆସିଥିଲେ। କିମ୍ସରେ ଏହି ସମ୍ମିଳନୀ ଆୟୋଜନ କରିବା ଦ୍ୱାରା କିଟ୍ ଓ କିମ୍ସର ବିଶ୍ୱସ୍ତରୀୟ ଶିକ୍ଷାଗତ ଓ ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ପରିଦର୍ଶନ କରିବା ସହ ପ୍ରତିନିଧିମାନଙ୍କୁ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟ ବିଷୟରେ ଅଭିଜ୍ଞତା ମିଳିଥିଲା।

ସମ୍ମିଳନୀ ଉପରେ ଆଲୋକପାତ କରି ଓଡ଼ିଶା ଫିଜିସିଆନ୍ସ ଅଫ୍ ଆମେରିକାର ସଭାପତି ଡା ଅତଶୁ ନାୟକ କହିଲେ, ଏହି ସମ୍ମିଳନରେ ଆଧୁନିକ ଚିକିତ୍ସା ପଦ୍ଧତି, ରୋଗ ନିବାରଣ, ମଧୁମେହ ଓ ମେଟାବୋଲିଜିମ୍ ବିଷୟରେ ଆଲୋଚନା କରିବା ପାଇଁ ପ୍ରମୁଖ ଡାକ୍ତରମାନଙ୍କୁ ଏକତ୍ରିତ କରିଛି। ଆମେରିକାରେ ପ୍ରବାସୀ ଭାରତୀୟଙ୍କ ଘର ହୋଇଥିଲେ ମଧ୍ୟ ଓଡ଼ିଶା ସେମାନଙ୍କର ମାତୃଭୂମି। ସେମାନେ ଓଡ଼ିଶାକୁ କେବେ ବି ଛାଡ଼ି ପାରିବେ ନାହିଁ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା ସିବିକେ ମହାନ୍ତି, କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର ସି ଦାସ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ କିମ୍ସ ମହାନିର୍ଦ୍ଦେଶକ ଡା ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ତିନିଦିନ ବ୍ୟାପୀ ହେଉଥିବା ଏହି ସମ୍ମିଳନୀରେ ଅତ୍ୟାଧୁନିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମଇ) ଅଧିବେଶନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)- ଚାଳିତ କ୍ଲିନିକାଲ୍ ଇନ୍‌ସାଇଟ୍, ଉନ୍ନତ ଶଲ୍ୟଚିକିତ୍ସା ପ୍ରଦର୍ଶନ, କର୍ମଶାଳା, ଜନସ୍ୱାସ୍ଥ୍ୟ ପଦକ୍ଷେପ ଆଦି ଉପରେ ଆଲୋଚନା ଜାରି ରହିଛି।

**AFFIDAVIT**

By virtue of an affidavit sworn before Executive Magistrate, Banki, vide affidavit No.3882, date-30-12-2025. I, the undersigned **BISWANATH SAHOO (new name)**, date of birth 01/01/1992, Aadhaar No.8431 5443 5391 former called TAPAN KUMAR MALIK (old name), son of KABI SAHOO, permanently resident of village KURUMAPADA, P.O-BAIDESWAR, P.S-BAIDESWAR, Dist-Cuttack, State-Odisha, declare that, for and on behalf of myself I wholly renounce, relinquish and abandon the use of my former name of TAPAN KUMAR MALIK (old name) and in place thereof do assume from the date hereof the name of **BISWANATH SAHOO**(new name)_ and as that I may thereafter be called, known and distinguished not by my former name of TAPAN KUMAR MALIK( old name) but by my assumed name of **BISWANATH SAHOO (new name)**. That for the purpose of evidencing such my determination I hereby declare that I shall at all times hereafter in all records, deeds and writings and in all proceeding, dealing and transaction private as well as public and upon all occasions whatsever use and sign the name of **BISWANATH SAHOO (new name)** as my name in place of and in substitution of my former name of TAPAN KUMAR MALIK (old name). That, I expressly authorize and request all persons at all times to designate and address me and my wife / husband and children and remoter issue by such assumed name of **BISWANATH SAHOO (new name)** accordingly.

BISWANATH SAHOO

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 11th January, 2026 Sunday | RNI Regd. No. ODIODI/2006/23033 | Postal Regd. No. : BN/169/13-15


## ମୋ ଘର ସ୍ୱର୍ଗ ହୋଇଯିବ

ହେଲ୍ଥ



ଟନିକ୍

**ସ୍ତ୍ରୀ** ଏବଂ ଶାଶୁଙ୍କ ସହିତ ଜ୍ୱାଇଁ ଗୁରୁଜୀଙ୍କ ପ୍ରବଚନ ଶୁଣିବାକୁ ଯାଇଥିଲେ। ସେଠାରେ ଗୁରୁଜୀ ପଚାରିଲେ- ସ୍ୱର୍ଗକୁ ଯିବା ପାଇଁ ଯେଉଁମାନେ ଆଗ୍ରହୀ ସେମାନେ ହାତ ଉପରକୁ ଟେକନ୍ତୁ।

ଗୁରୁଜୀଙ୍କ ଏ ନିର୍ଦ୍ଦେଶ ଶୁଣିବା ମାତ୍ରେ ଶାଶୁ ଏବଂ ସ୍ତ୍ରୀ ତତ୍କ୍ଷଣାତ ହାତ ଟେକିଲେ। ଜ୍ୱାଇଁ ଟେକିଲେ ନାହିଁ।

ଗୁରୁଜୀ ଜ୍ୱାଇଁଙ୍କୁ ପଚାରିଲେ- ସ୍ୱର୍ଗକୁ ଯିବା ପାଇଁ ତୁମର କ'ଣ ଇଚ୍ଛା ନାହିଁ?

ଜ୍ୱାଇଁ କହିଲେ- ନା।

ଗୁରୁଜୀ କହିଲେ- କିନ୍ତୁ ତୁମ ସ୍ତ୍ରୀ ଏବଂ ଶାଶୁ ତ ସ୍ୱର୍ଗକୁ ଯିବାକୁ ଚାହୁଁଛନ୍ତି। ତୁମେ କାହିଁକି ଚାହୁଁନ?

ଜ୍ୱାଇଁ ମିଠା ହସି କହିଲେ- ସେମାନେ ସ୍ୱର୍ଗକୁ ଚାଲିଗଲେ ମୋ ଘର ସ୍ୱର୍ଗ ହୋଇଯିବ।

# ମନ୍ତ୍ରୀଙ୍କ ବାସଭବନକୁ ସାଇକେଲ ଯାତ୍ରା କରି ପ୍ରତିବାଦ



**ଭୁବନେଶ୍ୱର,୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗାଡ଼ି ଚାଳକଙ୍କ ଉପରେ ମନଇଚ୍ଛା ଫାଇନ ଏବଂ ତ୍ରୁଟିପୂର୍ଣ୍ଣ ପ୍ରଦୂଷଣ ପ୍ରମାଣପତ୍ର ନିତି ପ୍ରତିବାଦରେ ଆଜି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଜେନାଙ୍କ ସରକାରୀ ବାସଭବନ ଘେରାଉ କରାଯାଇଥିଲା। କଂଗ୍ରେସ ଭବନରୁ ଏକ ସାଇକେଲ ଶୋଭାଯାତ୍ରାରେ ଯୁବକଂଗ୍ରେସ କର୍ମୀମାନେ ମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଯାଉଥିବା ବେଳେ ବାସଭବନ ସମ୍ମୁଖରେ ପୋଲିସ ଅଟକାଇଥିଲା। ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା ଏହାପରେ ପୋଲିସ ଆନ୍ଦୋଳନରତ ଯୁବ କଂଗ୍ରେସ କର୍ମୀମାନଙ୍କୁ ଭ୍ୟାନେ ଯୋଗେ ଉଠାଇ ନେଇଥିଲା। ଏହି ଅବସରରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଥିଲେ ଯେ ଗାଡ଼ି ଚାଳକମାନଙ୍କର ରକ୍ତ ଶୋଷଣ କରିବାପାଇଁ ମୋହନ ସରକାର ବ୍ୟବସ୍ଥା କରିଛି। ଯେଉଁଭଳି ଭାବନରେ ଫାଇନ ଲଦି ଦିଆଯାଇଛି ତାହା ଇତିହାସର ବ୍ରିଟ୍ଶ ଶାସନ ଓ ମୋଗଲ ଶାସନର ଜନବିରୋଧି ନୀତିକୁ ଅତିକ୍ରମ କରିଛି। ପରିବହନ ମନ୍ତ୍ରୀ ଗାଡ଼ିଚାଳକ ମାନଙ୍କ ତଂଟି ଚିପି ଅର୍ଥ ଆଦାୟ କରିବାର ଦାୟିତ୍ୱ ନେଇଛନ୍ତି। ଓଡ଼ିଶାର ଲକ୍ଷ ଲକ୍ଷ ଗାଡ଼ିଚାଳକ ମାନଙ୍କୁ ଜନ୍ତ୍ରଣା ଭିତରକୁ ଠେଲି ଦେଇଥିବା ପରିବହନ ମନ୍ତ୍ରୀ ଓ ତାଙ୍କ ସରକାର ବିରୋଧରେ ଜନଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ପାତ୍ର କହିଥିଲେ। ଦୁଇ ଚକିଆ ଯାନ ଠାରୁ ଆରମ୍ଭ କରି ଟ୍ରକ ଓ ବସ ପର୍ଯ୍ୟନ୍ତ ଆଉ ରାଜରାସ୍ତାରେ ଚଲାଇବାପାଇଁ ସମ୍ଭବ ହେବ ନାହିଁ। ଗୋଟିଏ ଚାରିଚକିଆ ଯାନ ଦିନରେ ଯଦି ୫-୬ଟି ଟୋଲଗେଟ ପାସ କରୁଛି ତାହା ଉପରେ ଲକ୍ଷାଧିକ ଟଙ୍କାର ଫାଇନ ପଡୁଛି। ଦୁଇଚକିଆ ଯାନର ମୂଲ୍ୟଠୁ ଫାଇନ ଅତ୍ୟଧିକ ରହୁଛି। ସରକାରଙ୍କ ପକ୍ଷରୁ କେଉଁ ତ୍ରୁଟି ହେଲେ ଫାଇନ ଦେବାକୁ ପଡ଼େ ସେ ବାବଦରେ ଗାଡ଼ିଚାଳକ ମାନଙ୍କୁ ସଠିକ ଭାବରେ ଜଣାଇଦିଆଯାଉ ନାହିଁ। ଅନ୍ୟପକ୍ଷରେ ପ୍ରଦୂଷଣ ପ୍ରମାଣପତ୍ର ସହିତ ଫାଇନକୁ ଯୋଡ଼ିବା ବେଆଇନ। ସମସ୍ତ ଗାଡ଼ି ମାଲିକଙ୍କୁ ଫାଇନ କଥାକୁ ବାଦ ଦେଇ ପ୍ରଦୂଷଣ ପ୍ରମାଣ ପତ୍ର ବ୍ୟବସ୍ଥାକୁ ସରଳ କରାଯାଉ। ମାତ୍ରାଧିକ ଫାଇନ ଆଦାୟ ନିଷ୍ପତ୍ତିରୁ ଓହରି ସରକାର ସରଳ ଫାଇନ ବ୍ୟବସ୍ଥାର ପୁର୍ନବିଚାର କରନ୍ତୁ। ସରକାର ରେଭିନ୍ୟୁ ଯୋଗାଡ଼ ନାମରେ ଗାଡ଼ି ଚାଳକଙ୍କୁ ହନ୍ତସନ୍ତ କରନ୍ତୁ ନାହିଁ। ତାଳଚେର, ଅନୁଗୁଳ, ବାରିପଦା, ବାଲେଶ୍ୱର, ଝାରସୁଗୁଡ଼, ରାଉରକେଲା, ଯାଜପୁର ପ୍ରଭୃତି ସହର କିଭଳି ଦେଶରେ ଅଧିକ ପ୍ରଦୂଷିତ ସହର ଭିତରେ ସ୍ଥାନ ପାଇଲା ତାହାର କାରଣ ସରକାର ଖୋଜନ୍ତୁ ଓ ନିରାକରଣ ପାଇଁ ବ୍ୟବସ୍ଥା କରନ୍ତୁ। ଯେଉଁ ଶିଳ୍ପ ବା ସଂସ୍ଥା ଏହି ପ୍ରଦୂଷଣ ପାଇଁ ଦାୟି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ। ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯଦି ମନମାନି ଫାଇନ ଏବଂ ତ୍ରୁଟିପୂର୍ଣ୍ଣ ପ୍ରଦୂଷଣ ନିତିରୁ ବିରତ ନ ରହିବେ ତେବେ ଯୁବ କଂଗ୍ରେସ ଓଡ଼ିଶାର ସମସ୍ତ ଆର. ଟି. ଓ. ଅଫିସ ସାମନାରେ ବିକ୍ଷୋଭ କରିବ।

ଏହି ବିକ୍ଷୋଭରେ ମନୋଜ ବିଶ୍ୱାଳ, ୟାସିର ନୱାଜ, ସୁଦିପ ସାମଲ, ଅଭିଜିତ ଜେନା, ଗୋପନ ମାର୍ଥା, ଶିବ ଅଗ୍ରୱାଲ, କିରଣ ସାହୁ, ମହମ୍ମଦ ଗୁଲଫାମ, ଆଲୋକ ଦାସ, ଅଜୟ ସାହୁ, ବଟକୃଷ୍ଣ ରାଉତରାୟ, ଅଜୟ ମହାପାତ୍ର, କେଦାର ଦଳାଇ, ସୁରଜ ରାଉତ, ବିଶ୍ୱଜିତ ସ୍ୱାଇଁ, ଅମରେଶ ପରିଡ଼ା, ବିଶ୍ୱ ରଞ୍ଜନ ମିଶ୍ର, ସାଇ ରଞ୍ଜନ ପଟ୍ଟନାୟକ, ପବିତ୍ର ସେଠୀ, ପ୍ରିତମ ପରିଜା, ବିରଞ୍ଚି ବାରିକ, ଜଗଦିଶ ରାଉତ, ପ୍ରଶାନ୍ତ ପରମାଣିକ, ପ୍ରଶାନ୍ତ ରାଉତଙ୍କ ସହ ବହୁ ଯୁବ କଂଗ୍ରେସ କର୍ମକର୍ତ୍ତା ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

## ଛାଟ ପଡ଼ିବା ପରେ ଅମାନିଆ ବେଶି କହୁଛନ୍ତି: ମନ୍ତ୍ରୀ

**ଭୁବନେଶ୍ୱର,୧୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ପିୟୁସିସି ସାର୍ଟିଫିକେଟ୍ ଏବଂ ଲୋକଙ୍କୁ ଲଗାଯାଇଥିବା ଫାଇନକୁ ନେଇ ଏବେ ରାଜ୍ୟରେ ଅପଦସ୍ଥ ମୋହନ ମାଝୀଙ୍କ ସରକାର। ଲୋକଙ୍କ ଆକ୍ରୋଶର ଶିକାର ରାଜ୍ୟର ବିଜେପି ସରକାର। ଏହି ପ୍ରସଙ୍ଗରେ ବିରୋଧୀ ମଧ୍ୟ ସରକାରଙ୍କୁ ଶାଣିତ ସ୍ୱରରେ ଟାର୍ଗେଟ୍ କରୁଛନ୍ତି। ଏବେ ବିରୋଧୀଙ୍କୁ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପାଲଟା ଜବାବ ଦେଇଛନ୍ତି। ସେ କହିଛନ୍ତି, ଛାଟ ପଡିବା ପରେ ଅମାନିଆ ବେଶି କହୁଛନ୍ତି। ମିଡିଆରେ ରହି ଲୋକଙ୍କ ପାଖେଇ ହେବା ପାଇଁ ଚାହୁଁଛନ୍ତି। ପୂର୍ବରୁ ୧୦ ହଜାର ଜୋରିମାନା ଯେଉଁମାନେ ଲାଗୁ କରିଥିଲେ ସେମାନେ ବେଶି ଏବେ ପାଟି କରୁଛନ୍ତି।

ସେ କହିଛନ୍ତି, ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚାହୁଁଛନ୍ତି। ପରିବେଶକୁ ଦୃଷ୍ଟିରେ ରଖି ପିୟୁସିସି ସାର୍ଟିଫିକେଟ କରାଇବା ବାଧ୍ୟତାମୂଳକ କରାଯାଇଛି। ମାର୍ଚ୍ଚ ପର୍ଯ୍ୟନ୍ତ ପିୟୁସିସି ଫାଇନ କମିବ। ମଧ୍ୟପ୍ରଦେଶରେ ଦୁଇ ହଜାର ଟଙ୍କା ଫାଇନ ଥିବା ବେଳେ ଲୋକଙ୍କୁ ନ ବାଧିଲା ଭଳି ଆସିବ ନୂଆ ଫାଇନ ମୂଲ୍ୟ। ସରକାର ଏ ନେଇ ବିଚାର କରୁଥିବା ବେଳେ ଖୁବଶୀଘ୍ର ନୂଆ ଫାଇନ ମୂଲ୍ୟ ଆସିବ। ଲୋକଙ୍କ ପାଇଁ ଫାଇନ ଏବେ ସମ୍ପୂର୍ଣ୍ଣ କୋହଳ କରାଯାଇଛି। ମାର୍ଚ୍ଚ ସୁଦ୍ଧା ପଲ୍ୟୁସନ ସାର୍ଟିଫିକେଟ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ଯାଞ୍ଚ ଅଧିକାରୀମାନେ ଜାଣିବାକୁ କରାଯାଇଛି ଗ୍ରୀନ ଷ୍ଟିକର ସିଷ୍ଟମ। ବାଧ୍ୟତାମୂଳକ ନୁହେଁ ଗ୍ରୀନ ଷ୍ଟିକର ବୋଲି କହିଛନ୍ତି ପରିବହନ ମନ୍ତ୍ରୀ।

# ସୁପ୍ରିମକୋର୍ଟରେ ଇଡି-ଦିଦି କଳି



**ନୂଆଦିଲ୍ଲୀ,୧୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ସୁପ୍ରିମକୋର୍ଟରେ ପହଞ୍ଚିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବନାମ ବେଙ୍ଗଲ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମଧ୍ୟରେ ଆରମ୍ଭ ହୋଇଥିବା କଳି। ରାଜନୀତିକ ପରାମର୍ଶଦାତା ଫାର୍ମ ଆଇ-ପିଏସି ମାମଲାରେ କ୍ୟାଲକାଟା ହାଇକୋର୍ଟ ଶୁଣାଣି ଟାଳି ଦେଇଥିବାରୁ ଇଡି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଇଡି ପକ୍ଷରୁ ସମ୍ବିଧାରା ୩୨ ଜରିଆରେ ଗୋଟିଏ ଆବେଦନ ଦାଖଲ କରାଯାଇଛି। କୋଇଲା ଦୁର୍ନୀତି ଘଟଣାରେ ସଂସ୍ଥା ଆଇପିଏସିରେ ରେଡ କରୁଥିବା ବେଳେ ଏଥିରେ ପଶ୍ଚିମବଙ୍ଗ ସରକାର ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଧକ ସାଜିଥିବା ଇଡି ଅଭିଯୋଗ କରିଛି। ନିଜର ଆବେଦନରେ କେନ୍ଦ୍ରୀୟ ଏଜେନ୍ସି ପୂରା ଘଟଣାରେ ସିବିଆଇ ତଦନ୍ତ ଦାବି କରିଛି। ଗୋଟିଏ ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ପାଇଁ ସଂସ୍ଥା ପାଖରେ ଥିବା ଅଧିକାରକୁ ରାଜ୍ୟ ପ୍ରଶାସନ କ୍ଷୁଣ୍ଣ କରିଥିବା ମଧ୍ୟ ଇଡି ନିଜ ଆବେଦନରେ ଉଲ୍ଲେଖ କରିଛି।

ଆବେଦନରେ ଇଡି ପକ୍ଷରୁ ରେଡ ବେଳେ କ'ଣ ସବୁ ଘଟିଥିଲା, ତା'ର ବିସ୍ତୃତ ତଥ୍ୟ ଦିଆଯାଇଛି। ଅଧିକାରୀମାନଙ୍କୁ ଆଇନଗତ ଉପାୟରେ ସର୍ଚ୍ଚ ଅପରେସନ କରିବାକୁ ଦିଆଯାଇ ନାହିଁ। କୋଇଲା ଦୁର୍ନୀତି ସହ ଜଡିତ ଗୁରୁତ୍ୱପୂର୍ଣ୍ଣ ଜିନିଷ ଓ କାଗଜପତ୍ର ସିଜ କରିବା ବେଳେ ବାଧା ସୃଷ୍ଟି କରାଯାଇଛି। ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଘର ଓ ଅଫିସ ଭିତରୁ ବଳପୂର୍ବକ ବିଭିନ୍ନ ଦସ୍ତାବିଜ ଓ ବୈଦ୍ୟୁତିକ ଯନ୍ତ୍ରପାତି ହଟା ଯାଇଛି। ପୁଲିସ କର୍ମଚାରୀଙ୍କ ସମେତ ରାଜ୍ୟର ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ହସ୍ତକ୍ଷେପ ନ୍ୟାୟରେ ବାଧା ସୃଷ୍ଟି କରିବା ସହ ସମାନ ଓ ଏହା ସଂସ୍ଥାର ନିରପେକ୍ଷ ତଦନ୍ତରେ ବୁଝାମଣା କରିବା ସହ ସମାନ ବୋଲି ଇଡି କହିଛି। ବୁଧବାର ଇଡି ଆଇପିଏସିର ବିଭିନ୍ନ ସ୍ଥାନରେ ରେଡ କରୁଥିବା ବେଳେ କ୍ଷମତାସୀନ ଟିଏମସି ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ମୁହାଁମୁହିଁ ହୋଇଥିଲା। ରେଡରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ କରି ଇଡି କ୍ୟାଲକାଟା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। କିନ୍ତୁ ଇଡି ଆବେଦନର ଶୁଣାଣିକୁ ତତ୍କାଳ ଶୁଣାଣି କରି ନାହାନ୍ତି। ତେଣୁ ଏବେ ଇଡି ସୁପ୍ରିମକୋର୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ ହାଇକୋର୍ଟ ଶୁଣାଣି ଟାଳି ଦେଇଥିବାରୁ ଇଡି ସୁପ୍ରିମକୋର୍ଟ ଯିବାର ଯଥେଷ୍ଟ ସମ୍ଭାବନା ଥିବା ପୂର୍ବରୁ ହିଁ ଆକଳନ କରିଥିଲେ ବେଙ୍ଗଲ ସରକାର। ଏଥିପାଇଁ ବେଙ୍ଗଲ ସରକାର ଇଡି ପୂର୍ବରୁ ସୁପ୍ରିମକୋର୍ଟରେ ଗୋଟିଏ କାଭେଟ ଦାଖଲ କରିଛନ୍ତି। କାଭେଟ ହେଉଛି ଗୋଟିଏ ଆଇନଗତ ପ୍ରତିବାଦ ପ୍ରକ୍ରିୟା। ଏହାର ଅର୍ଥ ବେଙ୍ଗଲ ସରକାରଙ୍କ ପକ୍ଷ ନ ଶୁଣିବା ଯାଏ ଇଡିର ଆବେଦନ ଉପରେ କୌଣସି ରାୟ ପାରିତ ନ କରିବାକୁ କାଭେଟ ହେଉଛି ଗୋଟିଏ ଅନୁରୋଧ ପ୍ରକ୍ରିୟା। ଇଡିର ଆବେଦନ ଉପରେ ଶୁଣାଣି କରିବା ପୂର୍ବରୁ ବେଙ୍ଗଲ ସରକାର ନିଜ ପକ୍ଷ ମଧ୍ୟ କୋର୍ଟଙ୍କ ଆଗରେ ରଖିବାକୁ ଚାହୁଁଛନ୍ତି। ତେଣୁ କାଭେଟ ଦାଖଲ କରିଛନ୍ତି।

# ମକର ସଂକ୍ରାନ୍ତି ପାଳିଲେ ପରିଣାମ ଭୟଙ୍କର

**ଢାକା,୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ବଢୁଥିବା ଆକ୍ରମଣ ମଧ୍ୟରେ, ମଠ ସଂଗଠନ ଜମାତ-ଏ-ଇସଲାମି ଏବେ ହିନ୍ଦୁ ପର୍ବଗୁଡ଼ିକୁ ଟାର୍ଗେଟ କରିଛି। ମକର ପାଳନ ନକରିବାକୁ ସିଧାସଳଖ ଧମକ ଦେଇଛନ୍ତି। ମକର ସଂକ୍ରାନ୍ତିରେ ସଂଗୀତ, ଗୁଡ଼ି ଉଡ଼ାଣ କିମ୍ବା ଅନ୍ୟ କୌଣସି ଉତ୍ସବ ପାଳନ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜମାତ-ଏ-ଇସଲାମି ଚେତାବନୀ ଦେଇଛି। ମକର ସଂକ୍ରାନ୍ତିକୁ ବାଂଲାଦେଶରେ ଶକରାଇନ୍ ଭାବରେ ଜଣାଶୁଣା ଏବଂ ଏହାକୁ ମହା ଆଡମ୍ବରରେ ପାଳନ କରାଯାଏ। ଜମାତ-ଏ-ଇସଲାମି ନେତାମାନେ ସୋସିଆଲ ମିଡିଆ ଏବଂ ହିନ୍ଦୁ ବହୁଳ ଅଞ୍ଚଳରେ ସାର୍ବଜନୀନ ଘୋଷଣା ଜାରି କରି ହିନ୍ଦୁମାନଙ୍କୁ "ଇସଲାମିକ ମୂଲ୍ୟବୋଧ" ଉଲ୍ଲଂଘନ ନକରିବାକୁ ଚେତାବନୀ ଦେଇଛନ୍ତି। ସେମାନେ କହିଛନ୍ତି ଯେ ଏହି ନିର୍ଦ୍ଦେଶଗୁଡ଼ିକୁ ଅଣଦେଖା କଲେ ପରିଣାମ ଭୟଙ୍କର ହେବ। ଏହି ନିର୍ଦ୍ଦେଶ ପରେ, ଢାକା, ଚିଟାଗଙ୍ଗ ଏବଂ ସିଲହଟ ଭଳି ହିନ୍ଦୁ ଜନବହୁଳ ଅଞ୍ଚଳଗୁଡ଼ିକରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଶତାବ୍ଦୀ ଧରି ଜାନୁଆରୀ ୧୪ ତାରିଖରେ ବାଂଲାଦେଶରେ ମକର ସଂକ୍ରାନ୍ତି ବା ଶକରାଇନ୍ ବହୁତ ଉତ୍ସାହର ସହିତ ପାଳନ କରାଯାଇ ଆସୁଛି। ଏହି ଦିନ ଗୁଡ଼ି ଉଡ଼ାଣ, ତିଳ-ଗୁଡ଼ ଖାଦ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରମୁଖ ଆକର୍ଷଣ ହୋଇଥାଏ। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଉଗ୍ରବାଦୀମାନେ ଏହି ପର୍ବକୁ "ଅଣ-ଇସଲାମିକ" ବୋଲି କହି ବଢୁଥିବା ଲକ୍ଷ୍ୟକୁ ବୃଦ୍ଧି କରିଛନ୍ତି। ଗତବର୍ଷ ଜମାତ ସମର୍ଥକମାନେ ଢାକା ଏବଂ ଚିଟାଗଙ୍ଗରେ ମକର ସଂକ୍ରାନ୍ତି ପାଳନକାରୀଙ୍କ ଉପରେ ଆକ୍ରମଣ କରିଥିଲେ। ସୂଚନାଯୋଗ୍ୟ ଯେ ଗତ କିଛି ମାସ ମଧ୍ୟରେ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇଛି। ବାଂଲାଦେଶ ହିନ୍ଦୁ ବୌଦ୍ଧ ଖ୍ରୀଷ୍ଟିଆନ ୟୁନିଟି କାଉନସିଲର ଏକ ବିବୃତ୍ତି ଅନୁଯାୟୀ, କେବଳ ଡିସେମ୍ବର ମାସରେ ଅତି କମରେ ୫୧ଟି ସାମ୍ପ୍ରଦାୟିକ ହିଂସା ଘଟଣା ରିପୋର୍ଟ ହୋଇଛି।

## ରାମ ମନ୍ଦିରରେ ନମାଜ ପଢ଼ିବା ପୂର୍ବରୁ ଜଣେ ଗିରଫ

**ଅଯୋଧ୍ୟା,୧୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଅଯୋଧ୍ୟାର ରାମ ମନ୍ଦିରରେ ନମାଜ ପାଠ କରିବାକୁ ଚେଷ୍ଟା କରି ଫସିଲେ କାଶ୍ମୀରର ଜଣେ ବ୍ୟକ୍ତି। କାଶ୍ମୀର ବାସିନ୍ଦା ନମାଜ ପାଠ କରିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କୁ ପୋଲିସ ଗିରଫ କରିଛି। ଏବେ ଅଯୋଧ୍ୟା ଶ୍ରୀରାମ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜମ୍ମୁକାଶ୍ମୀରର ଶୋପିଆନ ଜିଲ୍ଲାର ବାସିନ୍ଦା ୫୫ ବର୍ଷୀୟ ଅହମଦ ଶେଖ ରାମ ମନ୍ଦିରରେ ନମାଜ ପାଠ କରିବାକୁ ଚେଷ୍ଟା କରୁଥିଲେ। ଶୁକ୍ରବାର ଦିନ ଅହମଦ କଡ଼ା ସୁରକ୍ଷା ବଳୟରେ ଥିବା ରାମ ମନ୍ଦିର ପରିସରରେ ପ୍ରବେଶ କରିଥିଲେ। ମା ସୀତା ରୋଷେଇ ଘର ଅଞ୍ଚଳରେ ଅହମଦ ନମାଜ ପାଠ କରିବାକୁ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ ଶ୍ରଦ୍ଧାଳୁ ତାଙ୍କୁ ଦେଖିଥିଲେ ଏବଂ ସେଠାରେ ନିୟୋଜିତ ସୁରକ୍ଷାକର୍ମୀଙ୍କୁ ଜଣାଇଥିଲେ। ମନ୍ଦିର ସୁରକ୍ଷାରେ ଥିବା ଅଧିକାରୀ ତାଙ୍କୁ ଧରିଥିଲେ ଏବଂ ପରେ ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଥିଲେ। ଯେତେବେଳେ ଅହମଦଙ୍କୁ ନମାଜ ପାଠ କରିବାକୁ ସୁରକ୍ଷା କର୍ମୀ ରୋକିଥିଲେ, ସେ ହଠାତ ସାଂପ୍ରଦାୟିକ ନାରା ଦେଇଥିଲେ। କିନ୍ତୁ ଏନେଇ କୌଣସି ସରକାରୀ ସୂଚନା ମିଳିପାରି ନାହିଁ।

## ପ୍ରଥମ ପୃଷ୍ଠାରୁ...

### ୨୧୭ ପ୍ରତିବାଦକାରୀଙ୍କୁ...

ଉପରେ ସିଧାସଳଖ ଗୁଳି ଚଳାଇଥିଲେ। ଶୁକ୍ରବାର ଦିନ ହସ୍ପିଟାଲରୁ ମୃତଦେହ ବାହାର କରାଯାଇଥିଲା। ମୃତକଙ୍କ ମଧ୍ୟରୁ ଅଧିକାଂଶ ଯୁବକ ଥିଲେ। ଉତ୍ତର ତେହେରାନର ଏକ ପୁଲିସ ଷ୍ଟେସନ ବାହାରେ ମେସିନ୍ ଗନ୍‌ରୁ ଗୁଳି ଚାଳନା କରାଯିବାରୁ ଅନେକ ପ୍ରତିବାଦକାରୀ ଘଟଣାସ୍ଥଳରେ ଟଳି ପଡିଥିଲେ। ଏହି ଘଟଣାରେ ୩୦ ଜଣଙ୍କୁ ଗୁଳି କରାଯାଇଥିଲା। ଅଧିକାଂଶ ରାଲି ଶାନ୍ତିପୂର୍ଣ୍ଣ ରହିଥିଲା, କିନ୍ତୁ କିଛି ସରକାରୀ କୋଠାରେ ଭଙ୍ଗାରୁଜା ହୋଇଥିବା ରିପୋର୍ଟ ଆସିଛି। ଇରାନୀ ପ୍ରତିବାଦକାରୀମାନେ ତେହେରାନର ଅଲ-ରସୁଲ ମସଜିଦରେ ନିଆଁ ଲଗାଇ ଦେଇଛନ୍ତି।

ମାନବାଧିକାର ସଂଗଠନଗୁଡ଼ିକ ଡାକ୍ତରଙ୍କ ଦାବି ଅପେକ୍ଷା ମୃତ୍ୟୁ ସଂଖ୍ୟା କମ୍ ଥିବା ରିପୋର୍ଟ କରିଛନ୍ତି। ୱାଶିଂଟନ୍ ସ୍ଥିତ ଏକ ମାନବାଧିକାର କର୍ମୀ ସମ୍ବାଦ ସଂସ୍ଥା ଅନୁଯାୟୀ, ଏପର୍ଯ୍ୟନ୍ତ ୪୯ ଜଣ ସାଧାରଣ ନାଗରିକଙ୍କ ସମେତ ୬୩ ଜଣଙ୍କ ମୃତ୍ୟୁ ହୋଇଛି। ତଥାପି, ଇରାନରେ ସରକାର-ନିୟନ୍ତ୍ରିତ ଗଣମାଧ୍ୟମ ଏବଂ ବିଦେଶୀ ସମ୍ବାଦ ସଂସ୍ଥାଗୁଡ଼ିକ ଉପରେ କଡ଼ା କଟକଣା ଯୋଗୁ ମୃତ୍ୟୁ ସଂଖ୍ୟା ଭିନ୍ନ ଭିନ୍ନ ପ୍ରକାଶ ପାଇଛି। ଇରାନୀ ନେତୃତ୍ୱ ପ୍ରଦର୍ଶନକାରୀଙ୍କ ଉଦ୍ଦେଶ୍ୟରେ ଏକ କଠୋର ବାର୍ତ୍ତା ଜାରି କରିଛନ୍ତି। ଆୟାତୋଲ୍ଲା ଅଲି ଖାମେନି କହିଛନ୍ତି, ଇସଲାମିକ୍ ଗଣରାଜ୍ୟ ଏଭଳି ଲୋକଙ୍କ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ତେହେରାନର ପବ୍ଲିକ ପ୍ରସିକ୍ୟୁଟର ଚେତାବନୀ ଦେଇଛନ୍ତି, ପ୍ରତିବାଦକାରୀମାନେ ମୃତ୍ୟୁଦଣ୍ଡର ସମ୍ମୁଖୀନ ହୋଇପାରନ୍ତି। ଇସଲାମିକ୍ ରିଭଲ୍ୟୁସନରୀ ଗାର୍ଡ କର୍ପସ (ଆଇଆରଜିସି) ଅଧିକାରୀ ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କୁ ପ୍ରଦର୍ଶନରୁ ଦୂରେଇ ରଖିବାକୁ କିମ୍ବା ଗୁଳି ଚାଳନା ହେଲେ ରିପୋର୍ଟ ନ କରିବାକୁ ଅନୁରୋଧ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖାମେନିଙ୍କ ନେତୃତ୍ୱାଧୀନ ଇସଲାମିକ୍ ଶାସକକୁ ଚେତାବନୀ ଦେଇଛନ୍ତି ଯେ, ଯଦି ପ୍ରତିବାଦକାରୀମାନଙ୍କୁ ହତ୍ୟା କରାଯାଏ ତେବେ ଭୟଙ୍କର ପରିଣାମ ଭୋଗିବାକୁ ପଡିବ।

ସୂଚନାଯୋଗ୍ୟ, ଇରାନର ଅର୍ଥନୀତି ଦୀର୍ଘ ଦିନ ଧରି ଚାପରେ ରହିଛି। ଦେଶ ପରମାଣୁ କାର୍ଯ୍ୟକ୍ରମ ସହିତ ଜଡିତ ଥିବାରୁ ଆମେରିକା ଏବଂ ୟୁରୋପୀୟ ଦେଶମାନଙ୍କ ପକ୍ଷରୁ ଲାଗୁ ହୋଇଥିବା ପ୍ରତିବନ୍ଧକ ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ୨୦୨୫ ଜୁନ୍ ମାସରେ ଇସ୍ରାଏଲ ସହିତ ୧୨ ଦିନିଆ ଯୁଦ୍ଧ ସହିତ ଆଞ୍ଚଳିକ ଉତ୍ତେଜନା ଯୋଗୁ ଦେଶର ପରିସ୍ଥିତି ଆହୁରି ଖରାପ ହୋଇ ପଡିଛି। ଇରାନର ମୁଦ୍ରା ରିଆଲ ୨୦୨୫ ମସିହାରେ ଆମେରିକୀୟ ଡଲାର ତୁଳନାରେ ପ୍ରାୟ ଅଧା ମୂଲ୍ୟ ହରାଇଥିବା ଅର୍ଥ ବିଶେଷଜ୍ଞ ମତପୋଷଣ କରିଛନ୍ତି।

### ସ୍କୁଲ ନଆସିଲେ...

ହେଲେ ପ୍ରଧାନଶିକ୍ଷକ, ସ୍କୁଲ ପରିଚାଳନା କମିଟି (ଏସ୍ଏମସି) ସଦସ୍ୟ ଘରକୁ ଯିବେ। ସିଧାସଳଖ ପିଲାର ବାପା, ମା'ଙ୍କ ସହ ଆଲୋଚନା କରିବେ। କ'ଣ ପାଇଁ ସ୍କୁଲ ଅଧାରୁ ଛାଡିଛି ତାର କାରଣ ପଚାରିବେ। ଏହା ପଛରେ ସାମାଜିକ-ଅର୍ଥନୈତିକ, ପ୍ରବାସୀ ଶ୍ରମିକ କିମ୍ବା ଅନ୍ୟ କାରଣ କଣ ରହିଛି ତା ବୁଝିବେ। ଏପରିକି ପିଲାଙ୍କୁ ପୁଣି ଥରେ ସ୍କୁଲରେ ନାମ ଲେଖାଇବେ। ଏହା ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ପାଇଁ କାର୍ଯ୍ୟକାରୀ ବାଧ୍ୟତାମୂଳକ ବୋଲି କୁହାଯାଇଛି। ସେହିପରି ଯଦି ଘର ପରିଦର୍ଶନ ସମୟରେ ସୂଚନା ପାଆନ୍ତି ଯେ, ଆର୍ଥିକ ସମସ୍ୟା ପାଇଁ ପିଲାଟି କୌଣସି ସ୍ଥାନରେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଛି ତେବେ ଶ୍ରମ ବିଭାଗ ସହ ଯୋଗାଯୋଗ କରି ଶିଶୁଟିକୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ କାର୍ଯ୍ୟ କରିବେ। ଘରକୁ ପରିଦର୍ଶନ ସମୟରେ ଯଦି ଜାଣିବାକୁ ପାଆନ୍ତି, ବାଲ୍ୟ ବିବାହ ପାଇଁ ଶିଶୁଟି ଅଧାରୁ ପାଠପଢ଼ା ଛାଡିଛି ତେବେ ଏହାକୁ ରୋକିବେ।

### ସରିଲା କୁମ୍ଭୀର ଗଣନା...

୨୩ଟି ଦଳ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ପ୍ରତ୍ୟେକ ଦଳରେ ୬ଜଣ ଲେଖାଏଁ ନିୟୋଜିତ ହୋଇଥିଲେ। ନଦୀ ନାଳରେ ହୁଲି ଡ଼ଙ୍ଗାକୁ ଆହୁଲା ମାରି ଯିବା ସହ ବାଇନା କୁଲାର, ଜିପିଏସ ସହାୟତାରେ ସକାଳ ସନ୍ଧ୍ୟା ବେଳେ କୁମ୍ଭୀର ଗଣନା କାର୍ଯ୍ୟ ହୋଇଥିଲା। ଗତ ବର୍ଷ ୧୮୨୬ଟି କୁମ୍ଭୀର ଥିଲେ। ଭିତରକନିକାରେ ୧୯୭୫ ମସିହାରେ ବଉଳା କୁମ୍ଭୀର ପ୍ରଜନନ ପ୍ରକଳ୍ପ ଆରମ୍ଭ ହେବା ପରେ ୧୯୭୬ ମସିହା ଠାରୁ ପ୍ରତିବର୍ଷ କୁମ୍ଭୀର ଗଣନା ହୋଇ ଆସୁଛି। ରବିବାର ୧୧ ତାରିଖଠାରୁ ପୂର୍ବ ଭଳି ଭିତରକନିକା ଜାତୀୟ ଉଦ୍ୟାନ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିବ ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ।

### ବସ୍ ପଛକୁ...

ଘଟି ଅନେକ କ୍ଷୟକ୍ଷତି ଘଟିବା ଘଟଣା ସାମ୍ନାକୁ ଆସିଛି। କୋର୍ଟଙ୍କ ନିର୍ଦ୍ଦେଶ ରହିଥିବାରୁ ଏହାକୁ କଡାକଡି ପାଳନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାରଙ୍କ ଗୋଟିଏ ପରେ ଗୋଟିଏ ନୂଆ ନିୟମକୁ ନେଇ ବସ ସଂଘ ଆପତ୍ତି ଉଠାଇଛି। ବସରେ ନିଆଁ ଲାଗୁଥିବାରୁ ସରକାର ଏପରି ନିୟମ କରିଥିବା ଯୁକ୍ତି ବାଢୁଥିବା ବେଳେ ଏହାକୁ ଗ୍ରହଣ କରୁନାହାନ୍ତି ବସ ସଂଘ।

### ଦୟାରେ ଗଙ୍ଗୁଆ...

ନେଇପାରିଲାନି। ଏବେ ଠିକ ବର୍ଷକ ପରେ ୨୦୨୬ ଜାନୁଆରି ମାସରେ ଗାଁ ଲୋକେ ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ୩ ମାସ ଧରି ଗାଁରେ ଜଣ୍ଡିସ ରୋଗରେ ପୀଡ଼ିତ ହେଲେଣି ଏକାଧିକ ବ୍ୟକ୍ତି। ଗାଁରେ ବିଛା ଯାଇଛି ମେଗା ପାନୀୟ ଜଳ ପ୍ରକଳ୍ପ ନଳ। ହେଲେ ମିଳୁନି ଜଳ। ଦୂଷିତ ପାଣି ପିଇ ଚର୍ମ ଓ ପେଟ ରୋଗରେ ମଧ୍ୟ ଆକ୍ରାନ୍ତ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଜଣ୍ଡିସରେ ଆକ୍ରାନ୍ତ ହୋଇ ବିମ୍ବାଧର ବେହେରା ନାମକ ଜଣେ ବ୍ୟକ୍ତିଙ୍କର ପ୍ରାଣହାନୀ ଘଟିଛି। ୧୫ରୁ ଅଧିକ ବ୍ୟକ୍ତି ଏବେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ଭିତରେ ଅଧିକାଂଶ ଶିଶୁ। ଜଣ୍ଡିସ ସଂକ୍ରମଣ ନିୟନ୍ତ୍ରଣ କରିବାକୁ ହେଲେ ସ୍ୱଚ୍ଛ ପାନୀୟ ଜଳର ଅଭାବ ରହିଛି। ଜଣ୍ଡିସ ସଂକ୍ରମଣ ବ୍ୟାପିବା ପରେ ଗାଁରେ ଏବେ ଜିଲ୍ଲା ପ୍ରଶାସନ ତରଫରୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯାଉଛି। ତେବେ କେବେ ଗାଁ ଲୋକଙ୍କୁ ବିଶୁଦ୍ଧ ଜଳ ମିଳିବ ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦବେଗ ପ୍ରକାଶ ପାଇଛି।

### ଚାର୍ଟର ବିମାନ...

ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି ଯେ ଘଟଣାର ତଦନ୍ତ ହେବ। ଅନ୍ୟପକ୍ଷରେ ଏହି ଦୁର୍ଘଟଣା ଖବର ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ରାଉରକେଲା ବିମାନ ଦୁର୍ଘଟଣାରେ ଦୁଃଖପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମହାପ୍ରଭୁଙ୍କ କୃପାରୁ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଖବର ଆଶ୍ୱସ୍ତିକର ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

### କେତେ ମନ୍ତ୍ରୀ...

ଦୁଃଖ ସମୟରେ ଚାଷୀଙ୍କ ପାଖରେ ବି ସରକାରୀ ଦଳର କାହାକୁ ଦେଖିବାକୁ ମିଳୁ ନାହିଁ। ଚଳିତ ବର୍ଷ ଅଧିକ ଆୟର ଆଶା ବାନ୍ଧିଥିବା ଚାଷୀ ଶେଷରେ ଅଭାବୀ ବିକ୍ରି କରିବାକୁ ବାଧ ହେଉଛି। ଚାଷୀଙ୍କ ସ୍ୱାର୍ଥ ସବୁଠୁ ଆଗରେ। ଆମ ଅନ୍ନଦାତା ଚାଷୀ ଭାଇଭଉଣୀଙ୍କ ସହ ଡବଲ୍ ଇଞ୍ଜିନ୍ ବିଜେପି ସରକାରର ଏପରି ଛଳନାର ଜବାବ ଓଡ଼ିଶାବାସୀ ନିଶ୍ଚୟ ଦେବେ। ବିଜୁ ଜନତା ଦଳ ଚାଷୀଙ୍କ ସାଥିରେ, ଚାଷୀଙ୍କ ହକ୍ ପାଇଁ ସବୁସ୍ତରରେ ସ୍ୱର ଶାଣିତ କରିବ ବୋଲି ନବୀନ କହିଛନ୍ତି।

# ୭ ସାଇବର ଲୁଟେରା ଗିରଫ: ୯୦ଲକ୍ଷରୁ ଅଧିକ ଟଙ୍କା ଫ୍ରିଜ

**କଟକ,୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଏକ ବଡ଼ ଧରଣର ଆନ୍ତଃ ରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗର ପର୍ଦ୍ଦାଫାଶ କରିବାରେ ସଫଳ ହୋଇଛି କମିଶନରେଟ ପୋଲିସ। ଟେଲିଗ୍ରାମ ସାଇବର ଠକେଇରେ ସଂପୃକ୍ତ ୭ ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୪ଟି ଘରୋଇ ବ୍ୟାଙ୍କର ଅଧିକାରୀ ସଂପୃକ୍ତ ଅଛନ୍ତି ବୋଲି ଶନିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ଏସ ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି। ଗିରଫ ମୁଖ୍ୟ ଅଭିଯୁକ୍ତମାନେ ହେଲେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ମୁରୁଣିଆ ଗ୍ରାମର ବାବୁଲା ନାୟକ (୨୭), କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ଲାପୁତୁର ଗ୍ରାମର ପନଙ୍ଗ ନାରାୟଣ ଦାଶ (୨୫), ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ନେହେରୁ ପଡ଼ିଆ ଅଂଚଳର ରୁଦ୍ରମାଧବ ମହାପାତ୍ର (୨୩) ଏବଂ ବ୍ୟାଙ୍କ ଅଧିକାରୀ ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ବରୁଣାଇ ଗ୍ରାମ ତଥା ଅଧୁନା କଟକ ତିନିଘରିଆ ଗ୍ରାମରେ ରହୁଥିବା ହରେକୃଷ୍ଣ ସାହୁ (୩୦)। ସ୍ଥାନୀୟ ମଧୁପାଟଣା ଥାନା ଅନ୍ତର୍ଗତ ଦୁଲାଦେବୀ ରୋଡ଼ ଅଂଚଳ ତଥା ଅଧୁନା ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କୁଳା ଗ୍ରାମରେ ରହୁଥିବା ଘରୋଇ ବ୍ୟାଙ୍କ ଡେପୁଟି ମାନେଜର ଅଭିଷେକ ମହାନ୍ତି (୩୧), ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ନାନଦିଆ ଗ୍ରାମର ଘରୋଇ ବ୍ୟାଙ୍କ ପିଆରଓ ଦେବାଶିଷ ମଲ୍ଲିକ (୩୨) ଓ ସ୍ଥାନୀୟ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ମହ୍ଲାସାହି ଅଂଚଳର ଘରୋଇ ବ୍ୟାଙ୍କ ଆସିଷ୍ଟାଣ୍ଟ ବ୍ୟାଙ୍କ ମାନେଜର ସ୍ୱରାଜ ସାମଲ (୩୨)। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୬୯ଟି ମୋବାଇଲ, ୪ଟି ଲ୍ୟାପଟପ, ୩ଟି ଡେସ୍କଟପ, ୨୨୫ଟି ସିମକାର୍ଡ୍, ୫୫୪ଟି ବ୍ୟାଙ୍କ ଖାତା, ୭୦୨ଟି ଡେବିଟ ଓ କ୍ରେଡ଼ିଟକାର୍ଡ୍, ଗୋଟିଏ କାର ଓ ୨ଟି ବାଇକ ଜବତ କରିଛି। ଏହାଛଡ଼ା ଗିରଫ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ୯୦ଲକ୍ଷ ଟଙ୍କାକୁ ମଧ୍ୟ ପୋଲିସ ଫ୍ରିଜ କରିଛି।

ସୂଚନା ମୁତାବକ, ମ୍ୟୁଲ ଆକାଉଣ୍ଟ ଖୋଲି ସାଇବର ଠକମାନେ ଅଧିକ ଲାଭର ପ୍ରତିଶୃତି ଦେଇ ଲୋକମାନଙ୍କୁ ନିବେଶ କରିବାକୁ ପ୍ରଲୋଭିତ କରୁଥିଲେ। ପରେ ପୀଡ଼ିତମାନେ ଏହା ଏକ ନକଲି ବାଣିଜ୍ୟ ପ୍ଲାଟଫର୍ମ ବୋଲି ଜାଣିଲାବେଳକୁ ସେମାନେ କୋଟି କୋଟି ଟଙ୍କା ହରାଇ ସାରିଥିଲେ। ଏହା ପରେ ପୀଡ଼ିତମାନେ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। କମିଶନରେଟ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ତଦନ୍ତ ଆରମ୍ଭ କରି ଏହି ଘଟଣାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ଗିରଫ ସମସ୍ତ ଠକ କଟକ ଜିଲ୍ଲାର ବୋଲି କମିଶନରେଟ ପୋଲିସ ସୂଚନା ଦେଇଛି। ସାଇବର ଠକମାନେ ମଧ୍ୟ ଉତ୍ତରପ୍ରଦେଶ ଓ ବିହାର ଲୋକଙ୍କୁ ଠକିଥିବା ପୋଲିସ କମିଶନର କହିଛନ୍ତି। ଦେଢ଼ ବର୍ଷରେ ସାଇବର ଠକମାନେ ୯କୋଟିରୁ ଅଧିକ ଟଙ୍କା ଠକେଇ କରିଥିବାର ପ୍ରମାଣ ମିଳିଛି ବୋଲି ପୋଲିସ କମିଶନର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଫଟୋ ଉଠାଇବାରୁ ଖବରଦାତାଙ୍କୁ ଏଏନ୍ଏମ୍‌ଙ୍କ ନାଲିଆଖି

**ପୁରୁଷୋତ୍ତମପୁର,୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଖବର ସଂଗ୍ରହ କରିବାକୁ ଯାଇଥିବା କିଛି ଖବରଦାତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମହିଳା ଏଏନ୍ଏମ୍ ନାଲିଆଖି ଦେଖାଇ ଅସଦ୍ବ୍ୟବହାର ପ୍ରଦର୍ଶନ କରିବା ସହ ମାଡମାରିବା ପାଇଁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଫଳରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଖବରଦାତାମାନେ ବ୍ରହ୍ମପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟକୁ ଯାଇଥିବା ବେଳେ ସେ ଅନୁପସ୍ଥିତ ଥିବାରୁ ଫୋନଯୋଗେ ଜଣାଇଥିଲେ। ଏହାକୁ ନେଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭବାନୀଶଙ୍କର ମିଶ୍ର କହିଛନ୍ତି। ଏହାସହ ଗଞ୍ଜାମ ଜିଲାପାଳଙ୍କୁ ମଧ୍ୟ ଖବରଦାତାମାନେ ଅବଗତ କରାଇଛନ୍ତି।

ସୂଚନାଯୋଗ୍ୟ ଯେ, ପୁରୁଷୋତ୍ତମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ସମ୍ପୂର୍ଣ୍ଣରୂପେ ବିପର୍ଯ୍ୟସ୍ତ ହୋଇପଡିଥିବାରୁ ରୋଗୀମାନେ ହନ୍ତସନ୍ତ ହେଉଥିବାନେଇ କିଛି ଖବରଦାତା ସ୍ୱାସ୍ଥ୍ୟକେନ୍ଦ୍ରକୁ ଖବରସଂଗ୍ରହ ଲାଗି ଯାଇ ସେଠାରେ ଭିଡିଓ ଏବଂ ଫଟୋ ଉଠାଉଥିବା ବେଳେ ଉପସ୍ଥିତ ଏଏନ୍ଏମ୍ ସଂଯୁକ୍ତା ପାତ୍ର ହଠାତ୍ ଉତ୍ତ୍ୟକ୍ତ ହୋଇ ଭିଡିଓ ଫଟୋ ଉଠାଇବାକୁ କିଏ ଅଧିକାର ଦେଲା ବୋଲି ପ୍ରଶ୍ନକରି ଅସଦ୍ବ୍ୟବହାର ପ୍ରଦର୍ଶନ କରିବା ସହ ମାଡ ମାରିବାକୁ ହାତ ଉଠାଇ ଧମକ ଦେଇଥିଲେ। ଖବରପାଇ ସମସ୍ତ ଖବରଦାତା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଏହାର ପ୍ରତିବାଦ କରିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶୁଭାଶିଷ ଗୋସ୍ୱାମୀ ଆସି ଖବରଦାତାମାନଙ୍କୁ ବୁଝାଶୁଝା କରିବା ସହ ଆଲୋଚନା ଲାଗି ଏଏନଏମଙ୍କୁ ଡକାଇଥିଲେ। ମାତ୍ର ସେ ଆସି ନଥିଲେ। ଫଳରେ ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ସମସ୍ତ ଖବରଦାତା ଏକତ୍ରିତ ହୋଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଦାବି ଜଣାଇଥିଲେ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ